ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 26 ♦ CUTTACK ♦ WEEKLY ♦ 29 JUNE TO 05 JULY 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୨୬ ♦ କଟକ ♦ ସାପ୍ତାହିକ ♦ ୨୯ ଜୁନ ରୁ ୦୫ ଜୁଲାଇ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

# ଶିଳ୍ପାୟନରେ ରେକର୍ଡ଼ ଭାଙ୍ଗିବ ଓଡ଼ିଶା : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର(ଏନ୍.ଏମ୍.) :** ଓଡ଼ିଶାର ବିକାଶରେ ଶିଳ୍ପାୟନର ବଡ଼ ଯୋଗଦାନ ରହିବ। ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି । ଓଡ଼ିଶା ସହ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ 'ଗୋ ଇଷ୍ଟ' ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀ ଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗପାଇବେ। ଗତ ୨ବର୍ଷରେ ଓଡ଼ିଶାର ଶିଳ୍ପାୟନ ବ୍ୟାପକ ସ୍ତରରେ ପହଞ୍ଚିଛି। ଆଗାମୀ ୫ବର୍ଷରେ ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ।

ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ କହିଲେ, ଗୋ ଇଷ୍ଟ ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର 'ଗୋ ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ। ଏହି ପଦକ୍ଷେପ ଫଳରେ ରାଜ୍ୟର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଣ୍ଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ। ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ରେ ସଂଶୋଧନ କରାଯାଇଥିବା ସୂଚନା ଦେଇଛନ୍ତି। ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ଶିଳ୍ପଦ୍ୟୋଗୀମାନଙ୍କୁ କହିଥିଲେ ଯେ, ବିଗତ କିଛି ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ କରିଡର ଉପରେ ନିର୍ଭର କରୁଥିଲା । ମାତ୍ର ବର୍ତ୍ତମାନ ଭାରତର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଭାରତ ଆସିବେ ଆମେରିକା ରାଷ୍ଟ୍ରପତି !



**ନୂଆଦିଲ୍ଲୀ(ଏଜେନ୍ସି) :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ ଗସ୍ତରେ ଆସିପାରନ୍ତି ବୋଲି ଆମେରିକା ବିଦେଶ ସଚିବ ମାର୍କୋ ରୁବିଓ ଗତ ଶନିବାର କହିଛନ୍ତି। ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଦୃଢ଼ ବ୍ୟକ୍ତିଗତ ସମ୍ପର୍କକୁ ଗୁରୁତ୍ୱ ଦେଇ ଓ ଭାରତ-ଆମେରିକା ସମ୍ପର୍କକୁ ଚମତ୍କାର ବୋଲି ବର୍ଣ୍ଣନା କରିଛନ୍ତି ରୁବିଓ । ୱାସିଂଟନରେ ନ୍ୟୁଜ ଏଜେନ୍ସି ଆଇଏଏନ୍ଏସ୍ ସହିତ କଥାବାର୍ତ୍ତା ବେଳେ ରୁବିଓ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିବା ପାଇଁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଥାନାରେ କେମିତି ରହିଛି ସୁରକ୍ଷା ବ୍ୟବସ୍ଥା ?

# ଚୋରି ହୋଇଗଲା ୩୨ ଲାଇସେନ୍ସପ୍ରାପ୍ତ ଅସ୍ତ୍ର




**ଫରିଦାବାଦ(ଏଜେନ୍ସି) :** ହରିୟାଣାର ଫରିଦାବାଦର ସେକ୍ଟର ୮ ପୁଲିସ ଷ୍ଟେସନର ଅସ୍ତ୍ରାଗାରରେ ରଖାଯାଇଥିବା ୩୨ଟି ଲାଇସେନ୍ସପ୍ରାପ୍ତ ଅସ୍ତ୍ର ଚୋରି ହୋଇଯାଇଛି । ଅସ୍ତ୍ରାଗାର ଦାୟିତ୍ୱରେ ଥିବା ଏଏସ୍ଆଇ ବିଜେନ୍ଦ୍ର ସିଂହଙ୍କ ବିରୋଧରେ ପୁଲିସ ଚୋରି ମାମଲା ରୁଜୁ କରିଛି। ପୁଲିସ କମିସନର୍ ସତେନ୍ଦର କୁମାର ଗୁପ୍ତା ଏଏସ୍ଆଇ ବିଜେନ୍ଦ୍ର ସିଂହଙ୍କୁ ନିଲମ୍ବନ କରିବା ସହିତ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଲାଇସେନ୍ସପ୍ରାପ୍ତ ଅସ୍ତ୍ର ପୁଲିସ ଷ୍ଟେସନରେ ସୁରକ୍ଷା ଦୃଷ୍ଟିରୁ ରଖିଥିଲେ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## କେନ୍ଦ୍ର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା

# ସାମିଲ ହୋଇପାରନ୍ତି ନୂଆ ଚେହେରା ?

**ନୂଆଦିଲ୍ଲୀ (ଏଜେନ୍ସି) :** କେନ୍ଦ୍ରରେ ବଦଳୁଥିବା ରାଜନୈତିକ ଗତିବିଧି ମଧ୍ୟରେ ମୋଦି ସରକାରରେ ବଡ଼ ଧରଣର ଅଦଳବଦଳ ନେଇ ଜୋର୍ ଧରିଛି ଚର୍ଚ୍ଚା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ କାର୍ଯ୍ୟକାଳର ଦୁଇ ବର୍ଷ ପୂରିଥିବା ବେଳେ ଖୁବ ଶୀଘ୍ର ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ ହେବ ବୋଲି ଆଲୋଚନା ହେଉଛି। ବିଶେଷ କରି ବିଜେପିର ସାଙ୍ଗଠନିକ ପୁନର୍ଗଠନ, ରାଜ୍ୟସଭା ମନୋନୟନ ଏବଂ ବିଭିନ୍ନ ରାଜ୍ୟରେ ଦଳୀୟ ସଂଗଠନରେ ପରିବର୍ତ୍ତନ ପରେ ଏହି ଚର୍ଚ୍ଚା ଆହୁରି ଜୋରଦାର ହୋଇଛି। ଗତ ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦି ଏବଂ ଆଜି ଗୃହମନ୍ତ୍ରୀ ଅମିତ ଶାହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ଏହି ଚର୍ଚ୍ଚାକୁ ଆହୁରି ଖୋରାକ୍ ଯୋଗାଇଛି, ଯଦିଓ ପ୍ରଧାନମନ୍ତ୍ରୀ ଅନେକ ସମୟରେ ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥାନ୍ତି। ଅନ୍ୟପଟେ ଜର୍ଜ କୁରିଆନଙ୍କ ଇସ୍ତଫା ପରେ ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ବଢ଼ିଛି ଆକଳନ। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କିଛି ଦିନ ମଧ୍ୟରେ ଆଉ ୩ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା, ପଙ୍କଜ ଚୌଧୁରୀ ଏବଂ ରବନୀତ ସିଂହ ବିଟ୍ଟୁଙ୍କୁ ଇସ୍ତଫା ଦେବାକୁ କୁହାଯାଇପାରେ। ହର୍ଷଙ୍କୁ ଦିଲ୍ଲୀ ବିଜେପି ଓ ପଙ୍କଜଙ୍କୁ ଉତ୍ତର ପ୍ରଦେଶ ୟୁନିଟର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବିଟ୍ଟୁଙ୍କ ରାଜ୍ୟସଭା କାର୍ଯ୍ୟକାଳ ସରିଥିବାରୁ ସେ ଆଉ ସାଂସଦ ନାହାନ୍ତି। ମୋଦି ଦ୍ୱିତୀୟ ଟର୍ମର ପ୍ରଥମ ୨ ବର୍ଷ ପୂରଣ ପରେ ନିଜ ଟିମରେ ଅଦଳବଦଳ କରିଥିଲେ। ଏଣୁ ଏଥର ମଧ୍ୟ ସେହି ସମୟରେ ମନ୍ତ୍ରିମଣ୍ଡଳ ପୁନର୍ଗଠନ ହୋଇପାରେ ବୋଲି କୁହାଯାଉଛି । ବଡ଼ ପ୍ରଶ୍ନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଥାନାରୁ ଚୋରି ଘଟଣା ପରେ ରକ୍ତମୁଖା ପୁଲିସ

# ଅଭିଯୁକ୍ତର ଜେଜେମା'ଙ୍କ ହାତ ଭାଙ୍ଗିଦେଲେ, ତିନି ଅଭିଯୁକ୍ତ କୋର୍ଟଚାଲାଣ



**ବ୍ରହ୍ମବରଦା (ଏନ୍.ଏମ୍.) :** ବ୍ରହ୍ମବରଦା ଥାନାରୁ ଚୋରି କରି ଅଭିଯୁକ୍ତ ଫେରାର ହେବା ଘଟଣାରେ ତିନି ଜଣ ପୁଲିସ କର୍ମଚାରୀ ନିଲମ୍ବିତ ହେବାପରେ ବ୍ରହ୍ମବରଦା ପୁଲିସ ରକ୍ତଚାଉଳ ଚୋବାଉଛି । ପୁଲିସ ଯେମିତି ମାନବିକତା ଭୁଲିଯାଇଛି । ନିଜର ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅଭିଯୁକ୍ତର ପରିବାର ଉପରେ ଦାଉ ସାଧିଛି। ଥାନାରୁ ଚୋରି କରିଥିବା ମୁଖ୍ୟ ଅଭିଯୁକ୍ତ ଆଶିଷ ବେହେରା ସମେତ ୩ଜଣଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ମାତ୍ର ଅଭିଯୁକ୍ତ ଆଶିଷକୁ ଗିରଫ କରିବାକୁ ଯାଇ ପୁଲିସ ତା'ର ୭୬ବର୍ଷୀୟା ବୃଦ୍ଧା ଜେଜେ ମା' ସେବତୀ ବେହେରାଙ୍କୁ ମାଡ଼ ମାରି ହାତ ଭାଙ୍ଗିଦେଇଛି। ନିଜେ ଆଇଆଇସି ତାଙ୍କୁ ଘୋଷାରି ନେଇ ମାଡ଼ ମାରିଥିବା ବୃଦ୍ଧା ଜଣଙ୍କ ଅଭିଯୋଗ କରିଛନ୍ତି। ସେ କଟକରେ ଚିକିତ୍ସା ହେବା ପରେ ତାଙ୍କ ହାତ ପ୍ଲାଷ୍ଟର କରାଯାଇଛି। ରାତିଅଧରେ ଚଢ଼ଉ କରି ସମସ୍ତ ଘର ଲୋକଙ୍କୁ ପୁଲିସ ବାଡ଼େଇ ଥିଲା ବୋଲି ସେବତୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଆଉ ନାହାନ୍ତି ଅକୁତୋଭୟ ସାମ୍ବାଦିକ ନବକିଶୋର ମହାପାତ୍ର

**ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ**
**ନିର୍ଭିକ ସାମ୍ବାଦିକତା ପାଇଁ ହରାଇଥିଲେ ପତ୍ନୀଙ୍କୁ**
**ପୁଣି ତାଜା ହେଲା ୧୯୮୦ ମସିହାର ଲୋମହର୍ଷଣକାରୀ ଘଟଣା**
**ସାରା ଦେଶକୁ ଦୋହଲାଇ ଦେଇଥିଲା ଛବିରାଣୀ ହତ୍ୟାକାଣ୍ଡ**
**ଅକଳରେ ପଡ଼ିଥିଲା ତତ୍କାଳୀନ କଂଗ୍ରେସ ସରକାର**






**କଟକ(ଏନ୍.ଏମ୍.) :** ୧୯୮୦ ମସିହାର ଘଟଣା। ରକ୍ତରଞ୍ଜିତ ହୋଇ ପଡ଼ିଥିଲା ବିଲୁଆଖାଇ ନଦୀ ପଠା। ଜଣେ ମହିଳାଙ୍କୁ ଗଣବଳାତ୍କାର କରି ନିର୍ମମ ହତ୍ୟା କରିଥିଲେ ଦୁର୍ନୀତିଗ୍ରସ୍ତ ଲୋକେ। ସେହି ମହିଳା ଜଣକ ଥିଲେ ଛବିରାଣୀ ମହାପାତ୍ର। ଆଉ କାରଣ ଥିଲା ଦୁର୍ନୀତିଖୋର ଲୋକଙ୍କ ବିରୋଧରେ ଖବର ପ୍ରସାରଣ। ସେତେବେଳେ ରାଜ୍ୟରେ ଚାଲିଥିଲା କଂଗ୍ରେସ ସରକାର; ଆଉ ଜୋରଯାର ମୁଲକତାର। ବର୍ଷ ବର୍ଷ ଧରି କଂଗ୍ରେସ ରାଜ୍ୟରେ ରାଜୁତି କରୁଥିବାବେଳେ ବଢ଼ିଯାଇଥିଲା ଗୁଣ୍ଡାଗିରି। ସେହି ଗୁଣ୍ଡାଗିରିର ଶିକାର ହୋଇଥିଲେ ନିର୍ଭିକ ସାମ୍ବାଦିକ ନବକିଶୋର ମହାପାତ୍ର ଆଉ ତାଙ୍କ ପରିବାର। ଏହି ଘଟଣା ପରେ ସାରା ଦେଶରେ ପଡ଼ିଯାଇଥିଲା ଚହଳ। ଅକଳରେ ପଡ଼ିଥିଲା ତତ୍କାଳୀନ କଂଗ୍ରେସ ସରକାର। କେବଳ ନବକିଶୋର ମହାପାତ୍ରଙ୍କ ଏଭଳି ବଳିଦାନ ସମଗ୍ର ସାମ୍ବାଦିକତା ଜଗତ ପାଇଁ ଏକ ସ୍ୱତନ୍ତ୍ର ଇତିହାସ ହୋଇ ରହି ଯାଇଛି। ଏତେ ସବୁ କ୍ଷତି ସହିବା ପରେ ମଧ୍ୟ ସମାଜରେ ଦୁର୍ନୀତିକୁ କଠୋର ବିରୋଧ କରି ନବକିଶୋର ନିଜର କଲମକୁ ଜାରି ରଖିଥିଲେ। ସେହି କଲମ କିନ୍ତୁ ଆଜି ଥକି ଯାଇଛି। ଓଡ଼ିଶାର ଇତିହାସ ସୃଷ୍ଟି କରିଥିବା ନବକିଶୋର ଏବେ ଶୋଇଯାଇଛନ୍ତି ଚିର ନିଦ୍ରାରେ। ଚାଲିଯାଇଛନ୍ତି ଅଫେରା ପଥରେ। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ତାଙ୍କର ବିୟୋଗ ଓଡ଼ିଶାର ସାମ୍ବାଦିକ ଜଗତରେ ଅପୂରଣୀୟ କ୍ଷତି। ବିଭିନ୍ନ ସ୍ଥାନରେ ତାଙ୍କ ପାଇଁ ଶୋକସଭା ମଧ୍ୟ ଅନୁଷ୍ଠିତ ହେଉଛି।

ଓଡ଼ିଶା ସାମ୍ବାଦିକତା ଜଗତର ଜଣେ ଅକୁତୋଭୟ ସଂଗ୍ରାମୀ ତଥା ଚର୍ଚ୍ଚିତ ବରିଷ୍ଠ ସାମ୍ବାଦିକ ନବକିଶୋର ମହାପାତ୍ର ଆଉ ନାହାନ୍ତି। ବିରିଡ଼ି ଥାନା ଅନ୍ତର୍ଗତ ବାରେଡିଆ ପଞ୍ଚାୟତ ଝିଅ ସାଇବିରି ଗ୍ରାମର ବାସିନ୍ଦା ନବକିଶୋର କିଛିଦିନ ଧରି ସ୍ୱାସ୍ଥ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗତ ସୋମବାର ଜୁନ ୨୨ତାରିଖରେ ବ୍ରହ୍ମପୁରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଭାଇ ସୁକାନ୍ତ, ଦୁଃଶାସନ, ଲକ୍ଷ୍ମୀଧର, ଦିବାକର, ପ୍ରଶାନ୍ତ, ବିଶ୍ୱରଞ୍ଜନ ଓ ଝିଅ ଶୈଳେଶୀ ମହାପାତ୍ର ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ପୁତ୍ର ଡାନି ଡେଙ୍ଗୋପା ମହାପାତ୍ର ମୁଖାଗ୍ନି ଦେଇଛନ୍ତି। ଏହି ସାହସୀ ସାମ୍ବାଦିକଙ୍କ ବିୟୋଗ ଖବର ଶୁଣିବା ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଥିବାବେଳେ ସମଗ୍ର ବାଇଶମୌଜା ଅଞ୍ଚଳବାସୀଙ୍କ ମନରେ ୧୯୮୦ ମସିହାର ସେହି ରକ୍ତରଞ୍ଜିତ ଓ ଲୋମ ହର୍ଷଣକାରୀ ଅଧ୍ୟାୟ ପୁଣି ତାଜା ହୋଇ ଉଠିଛି। ନବକିଶୋର ସେତେବେଳେ ପ୍ରଗତିବାଦୀ ଖବରକାଗଜରେ ବିରିଡ଼ି ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟକରୁଥିଲେ। ସେହି ସମୟରେ ବିରିଡ଼ି ବ୍ଲକରେ ଚାଲିଥିଲା ଘୋର ଦୁର୍ନୀତି, ଆଉ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଓ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଚାକିରି ପାଇବା ପାଇଁ ଏମିତି ଚଞ୍ଚକତା

# ଆରପିଏସସି ୱେବସାଇଟ୍ ହ୍ୟାକ୍ କରି ଜେଲ୍ ଗଲେ ଇଞ୍ଜିନିୟର



**ନୂଆଦିଲ୍ଲୀ (ଏଜେନ୍ସି) :** ସରକାରୀ ଚାକିରି ପାଇବାର ନିଶା ମଣିଷକୁ କେଉଁ ସ୍ତରକୁ ଯେ, ନେଇ ଯାଇ ପାରେ, ତାର ଏକ ପ୍ରମୁଖ ଉଦାହରଣ ରାଜସ୍ଥାନରୁ ସାମ୍ନାକୁ ଆସିଛି। ଚାକିରି ପାଇବା ପାଇଁ ଜଣେ ପ୍ରାର୍ଥୀ ଏଭଳି ଚକ୍ରବ୍ୟୂହ ରଚିଥିଲେ ଯେ, ସେ ସରକାରୀ ଚାକିରି ପାଇବା ବଦଳରେ ଏବେ ଜେଲରେ। ରାହୁଲ ମୀଣା ନାମକ ଜଣେ ଯୁବକ ରାଜସ୍ଥାନ ଲୋକସେବା ଆୟୋଗ (ଆରପିଏସସି)ର ୱେବସାଇଟ୍ ହ୍ୟାକ୍ କରି ହୋଇଛନ୍ତି ଗିରଫ। ନିଜର ସିଟ୍ ପକ୍କା କରିବା ପାଇଁ ସେ ୱେବସାଇଟ୍ ହ୍ୟାକ୍ କରି ନିଜ ଆଗରେ ଥିବା ଅନ୍ୟ ପ୍ରାର୍ଥୀଙ୍କ ଆବେଦନ ଫର୍ମକୁ 'ୱିଥଡ୍ରଲ୍' କରି ଦେଇ ଥିଲେ। ମାତ୍ର ସାଇବର ପୁଲିସ ଆଗରେ ତାଙ୍କର ଚତୁରତା ଧରାପଡ଼ି ଯାଇଛି। ଉକ୍ତ ଘଟଣାଟି ଆରପିଏସସି ଆସିଷ୍ଟାଣ୍ଟ ଇଞ୍ଜିନିୟରିଂ ନିଯୁକ୍ତି ସହ ଜଡ଼ିତ। ଦୌସା ନିବାସୀ ୨୭ ବର୍ଷୀୟ ରାହୁଲ ମୀଣା ଏହି ପଦବୀ ପାଇଁ ଆବେଦନ କରି ଥିଲେ। ପରୀକ୍ଷାର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଆରପିଏସସି ପକ୍ଷରୁ ଏକ ପ୍ରୋଭିଜନାଲ୍ ୱେଟିଂ ଲିଷ୍ଟ ଜାରି କରାଯାଇଥିଲା, ଯେଉଁଥିରେ ରାହୁଲଙ୍କ ନାମ ମଧ୍ୟ ସାମିଲ ଥିଲା।

ୱେଟିଂ ଲିଷ୍ଟରେ ନିଜ ନାମ ଉପରକୁ ଆଣିବା ପାଇଁ ରାହୁଲ ଏଆଇର ସାହାଯ୍ୟ ନେଇଥିଲେ। ସେ ପ୍ରଥମେ ନକଲି ଏସଏସଓ ଆଇଡି ଏବଂ ଜିମେଲ୍ ଆଇଡି ପ୍ରସ୍ତୁତ କରିଥିଲେ। ଏହାପରେ ଏଆଇ ଟୁଲ୍ସ ବ୍ୟବହାର କରି କୋଡିଂ ପ୍ରସ୍ତୁତ କଲେ ଏବଂ ଆରପିଏସସି ୱେବସାଇଟର ୱାନ୍ ଟାଇମ୍ ରେଜିଷ୍ଟ୍ରେସନ୍ ଓଟିଆର ପ୍ରକ୍ରିୟାକୁ ବାଇପାସ୍ କରି ୱେବସାଇଟ୍ ହ୍ୟାକ୍ କରି ଥିଲେ। ହ୍ୟାକ୍ କରିବା ପରେ ସେ ନିଜ ଆଗରେ ଥିବା ପ୍ରାର୍ଥୀଙ୍କ ଫର୍ମକୁ ୱିଥଡ୍ରଲ୍ କରି ଦେଇ ଥିଲେ, ଯାହା ଦ୍ୱାରା ଅନ୍ୟମାନେ ବାଦ୍ ପଡ଼ିଯିବେ ଏବଂ ତାଙ୍କ ସିଲେକ୍ସନ ହୋଇଯିବ। ସାଇବର ପୁଲିସର ସୂଚନା ଅନୁଯାୟୀ, ୱେଟିଂ ଲିଷ୍ଟରେ ରାହୁଲଙ୍କ ସ୍ଥାନ ଦ୍ୱିତୀୟ ନମ୍ବରରେ ଥିଲା। ରାହୁଲ ଭାବି ଥିଲେ ଯେ ଯଦି ସେ କେବଳ ପ୍ରଥମ ସ୍ଥାନରେ ଥିବା ପ୍ରାର୍ଥୀଙ୍କ ଫର୍ମ ୱିଥଡ୍ରଲ୍ କରିବେ, ତେବେ ସନ୍ଦେହ ସିଧାସଳଖ ତାଙ୍କ ଉପରକୁ ଆସିବ। ଏଥିପାଇଁ ସେ ଚତୁରତା ଦେଖାଇ ୱେଟିଂ ଲିଷ୍ଟର ୧ ମ ସ୍ଥାନ ସହିତ ୪ର୍ଥ ଏବଂ ୬ଷ୍ଠ ସ୍ଥାନରେ ଥିବା ପ୍ରାର୍ଥୀଙ୍କ ଫର୍ମ ମଧ୍ୟ କ୍ୟାନ୍ସଲ୍ କରିଦେଇଥିଲେ। ଯେତେବେଳେ ସେହି ପ୍ରାର୍ଥୀମାନେ ଏ ବିଷୟରେ ଜାଣିବାକୁ ପାଇଲେ, ସେମାନେ ଆୟୋଗଙ୍କ ନିକଟରେ ଅଭିଯୋଗ କରିଥିଲେ। ପୁଲିସ ସାଇବର ଏକ୍ସପର୍ଟଙ୍କ ସାହାଯ୍ୟରେ ଯାଞ୍ଚ କରି ଶେଷରେ ରାହୁଲଙ୍କ ପାଖରେ ପହଞ୍ଚିଥିଲା ଏବଂ ତାଙ୍କୁ ଗିରଫ କରିଥିଲା। ସରକାରୀ ଚାକିରି ପାଇଁ ଏମିତି ଅନ୍ଧଭାବେ ପାଗଳାମି ଯୋଗୁଁ, ରାହୁଲ ନିଜର ଭବିଷ୍ୟତ ନଷ୍ଟ କରି ଦେଇଛନ୍ତି। ସେ ପ୍ରତିଷ୍ଠିତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚୟୁ)ରୁ ମାଇନିଂ ଇଞ୍ଜିନିୟରିଂରେ ବିଟେକ୍ କରିଥିଲେ। କେବଳ ସେତିକି ନୁହେଁ, ସେ ବର୍ତ୍ତମାନ ଝାଡ଼ଖଣ୍ଡରେ ଏସଏଆଇଏଲ ଭଳି ବଡ଼ ସଂସ୍ଥାରେ ମାଇନିଂ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। ମାତ୍ର ରାଜସ୍ଥାନରେ ସରକାରୀ ଚାକିରି ପାଇବା ଲୋଭରେ ସେ ଏଭଳି ସାଇବର ଅପରାଧ କରି ଏବେ ଜେଲର ଚାରିକାନ୍ଥ ଭିତରେ।

## ଜେଲରେ ଯୌନ କେଳେଙ୍କାରୀ ଘଟଣା

# ତଦନ୍ତକାରୀ ଅଧିକାରୀଙ୍କ ତନାଘନା ଆରମ୍ଭ

**ଚୌଦ୍ୱାର(ଏନ୍.ଏମ୍.) :** ଚୌଦ୍ୱାର ଜେଲରେ ବିଭିନ୍ନ ଘଟଣା ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। କେତେକେବେଳ କଏଦୀ ଫେରାର ତ ଆଉ କେତେବେଳେ ଜେଲ ଭିତରେ ଗ୍ୟାଙ୍ଗ ୱାର। ପୁଣି ଅଧିକାରୀଙ୍କ ମଧ୍ୟରେ କାଦୁଅ ଫିଙ୍ଗା ରାଜନୀତି। ଏହି ସବୁ ଭିତରେ ଏବେ ଏକ ନୂଆ ଘଟଣା ପଦାକୁ ଆସିଛି ଯେ, ଜେଲ ଭିତରେ ଯୌନ କେଳେଙ୍କାରୀ। ଜଣେ କଏଦୀ ଅନ୍ୟଜଣେ ବିଚାରାଧୀନ କଏଦୀକୁ ନିଶା ଦେଇ ଅପ୍ରାକୃତିକ ଯୌନ ଶୋଷଣ କରିବା ଘଟଣା ଏବେ ଚୌଦ୍ୱାର ମଣ୍ଡଳ କାରାଗାର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ଏ ନେଇ ଜେଲ କର୍ତ୍ତୃପକ୍ଷ ଏଭଳି ଘଟଣାକୁ ଖଣ୍ଡନ କରିବା ସହ ଏହା ମିଥ୍ୟା ଘଟଣା ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅପର ପକ୍ଷରେ ଖବର ପ୍ରକାଶ ପାଇବା ପରେ କଟକ ଡିସିପି ଏହାର ସ୍ୱତନ୍ତ୍ର ତଦନ୍ତ ଭାର ନେଇଥିବା ଜଣାପଡ଼ିଛି। ପ୍ରାରମ୍ଭିକସ୍ତରରେ ଚୌଦ୍ୱାର ପୁଲିସ ଜେଲ ପରିଦର୍ଶନରେ ଯାଇ ୩ଜଣ କଏଦୀଙ୍କ ବୟାନ ରେକର୍ଡ଼ କରିଥିବା ଜଣାପଡ଼ିଛି। ଏନେଇ ଜେଲକର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ କରାଯାଇଥିବାବେଳେ କାରାଗାର ଜେଲର ବିଭାଗୀୟ ଅଧିକାରୀଙ୍କୁ ଏ ନେଇ ରିପୋର୍ଟ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୧ତାରିଖ ଯୋଗ ଦିବସ ଦିନ ମିଫାଜ ଖାନ ନାମକ ଜଣେ କଏଦୀ କୌଣସି କାରଣ ବଶତଃ କାରାଗାରର ରୋଷ ଶାଳାକୁ ଯାଇଥିଲା। ସେଠାରେ ରୋଷ ଦାୟିତ୍ୱରେ ଥିବା କାହ୍ନା ସର୍ଦ୍ଦାର ପାଇଖାନା ଭିତରେ ମିଫାଜ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିବା ସମୟରେ ବର୍ତ୍ତମାନର ସର୍ଦ୍ଦାର ଥିବା ସନ୍ତୋଷ ସେଠାରେ ପହଞ୍ଚି ଏ ଘଟଣା ସମ୍ପର୍କରେ ଜାଣିପାରିଥିଲା। କିନ୍ତୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ଯଦି ଘଟଣା ସତ ହୋଇଥାନ୍ତା ତେବେ ଜେଲ ପକ୍ଷରୁ ଡାକ୍ତରୀ ପରୀକ୍ଷା ସହ ଥାନାରେ ମାମଲା କରାଯାଇଥାନ୍ତା ମାତ୍ର ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜେଲ କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି।

# ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହେଲେ ଅଲକା ୟାଗ୍ନିକ୍



**ମୁମ୍ବାଇ(ଏଜେନ୍ସି) :** ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହେଲେ ଲୋକପ୍ରିୟ ବଲିଉଡ୍ ସିଙ୍ଗର ଅଲକା ୟାଗ୍ନିକ୍ । ଗତକାଲି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହାତରୁ ପଦ୍ମ ପୁରସ୍କାର ଗ୍ରହଣ କରିଥିଲେ ଅଲକା ୟାଗ୍ନିକ୍ । ଏହି ସମ୍ମାନରେ ସମ୍ମାନିତ ହେବା ପରେ ଅଲକା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ କୃତଜ୍ଞତା ପ୍ରକାଶ କରି ଏକ ପୋଷ୍ଟ ସେୟାର କରିଥିଲେ । ଏଥିସହ ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ମଧ କହିଥିଲେ । ଯାହା ତାଙ୍କ ଫ୍ୟାନ୍ସଙ୍କ ଚିନ୍ତାକୁ ବଢାଇଦେଇଥିଲା । ଅଲକା ସୋସିଆଲ ମିଡିଆରେ ଏକ ଭାବପ୍ରବଣ ନୋଟ୍ ସେୟାର କରି ଲେଖିଛନ୍ତି ଯେ, ଗତ ଦୁଇ ବର୍ଷ ଧରି ମୁଁ ଲାଇମଲାଇଟ୍ ଏବଂ ପବ୍ଲିକ୍ ଆପିଅରାନ୍ସଠାରୁ ଦୂରେଇ ରହୁଛି ଏବଂ ମୋ ଜୀବନ ଯାତ୍ରା ସମ୍ପର୍କରେ ମଧ ମୁଁ ଅଧିକ କିଛି କହିନାହିଁ । ମୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛି ବୋଲି ଆପଣଙ୍କ ମଧ୍ୟରୁ ଅନେକ ଲୋକ ଜାଣିଛନ୍ତି । ଏହି ସମୟରେ ଆପଣମାନଙ୍କ ଭଲପାଇବା, ପ୍ରାର୍ଥନା, ବାର୍ତ୍ତା ଏବଂ ଅଟଳ ସମର୍ଥନ ମୋର ପ୍ରତ୍ୟେକଟି ପଦକ୍ଷେପରେ ଥିଲା । ସେ ଆହୁରି ମଧ କହିଛନ୍ତି ଯେ, ଆଜି ମୁଁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ମଧ୍ୟରୁ ଗୋଟିଏ । ପ୍ରତିଷ୍ଠିତ ପଦ୍ମଭୂଷଣ ଗ୍ରହଣ କରିବାକୁ ଆଗକୁ ବଢିଲି, ମୋର ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ଏହି ସମ୍ମାନ ମୋତେ ବହୁତ ବିନମ୍ର ଅନୁଭବ କରାଏ । ମୁଁ ଧୀରେ ଧୀରେ ଫେରିବାର ପଥ ଖୋଜୁଛି ଏବଂ ଆଜି ଏଠାରେ ରହିବାକୁ ଚାହୁଁଛି, କେବଳ ମୋ ପାଇଁ ନୁହେଁ, ବରଂ ଏହି ଯାତ୍ରାର ଅଂଶ ହୋଇଥିବା ସମସ୍ତଙ୍କ ପାଇଁ ମଧ । ଏଥିସହ ସେ ଆହୁରି କହିଛନ୍ତି ଯେ, ଏହି ବିଶେଷ ସମ୍ମାନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କୁ ମଧ ଆନ୍ତରିକ ଭାବରେ ଧନ୍ୟବାଦ ଜଣାଇବାକୁ ଚାହୁଁଛି । ମୁଁ ଏହାକୁ ବିନମ୍ରତାର ସହ ଗ୍ରହଣ କରୁଛି । ବର୍ଷ ବର୍ଷ ଧରି ମୋ ଉପରେ ଆପଣଙ୍କର ପ୍ରେମ, ଦୟା, ଆଶୀର୍ବାଦ ଏବଂ ବିଶ୍ୱାସ ପାଇଁ ଧନ୍ୟବାଦ । ମୁଁ ଏହି ସବୁ ଜିନିଷକୁ ଆଦର କରେ । ଆଜି, ମୁଁ କେବଳ ପୁରସ୍କାର ପାଇନାହିଁ ବରଂ ମୋ ଯାତ୍ରାର ଅଂଶ ହୋଇଥିବା ଲକ୍ଷ ଲକ୍ଷ ଲୋକଙ୍କ ପ୍ରେମକୁ ମଧ ଅନୁଭବ କରିଛି । ଯଦି ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ କୁହାଯାଏ ତେବେ ସେ ୨୦୨୪ ମସିହାରେ ଏକ ଭାଇରସ୍ ସଂକ୍ରମଣ ଯୋଗୁଁ ସେନ୍ସରି ସ୍ନାୟୁ ହିଅରିଂ ଲସ୍ ନାମକ ଏକ ବିରଳ ରୋଗରେ ପୀଡିତ ବୋଲି କହିଥିଲେ । ଯାହା ତାଙ୍କୁ ଲାଇମଲାଇଟରୁ ଦୂରେଇ ଯିବାକୁ ବାଧ କରିଥିଲା । ଇମତିଆଜ୍ ଅଲ୍ଲୀଙ୍କ ଅମର ସିଂ ଚମକିଲା ଫିଲ୍ମରେ ଶେଷ ଥର ପାଇଁ ଅଲକାଙ୍କ କଣ୍ଠ ସ୍ୱର ଶୁଣିବାକୁ ମିଳିଥିଲା ।

# ସାମନ୍ଥାଙ୍କ ଘରକୁ ଆସିବେ କୁନି ଅତିଥି, ଫିଲ୍ମ ନିର୍ଦ୍ଦେଶକ କଲେ କନଫର୍ମ



**ଚେନ୍ନାଇ (ଏଜେନ୍ସି) :** ସାଉଥ ସିନେମାର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ଏବେ ବ୍ୟକ୍ତିଗତ ଜୀବନୀକ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି । ୩୯ ବର୍ଷୀୟ ଅଭିନେତ୍ରୀ ସାମନ୍ଥା ଖୁବଶୀଘ୍ର ମା' ହେବାକୁ ଯାଉଛନ୍ତି । ୨୦୨୫ ଡିସେମ୍ବରରେ ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକବିବାହ କରିଥିଲେ ସାମନ୍ଥା ଏବଂରାଜ ନିଦିମୋରୁ । ଦୀର୍ଘଦିନରୁ ପରସ୍ପରକୁ ଡେଟ୍ ରାଜ ନିଦିମୋରୁ ସହିତ ବିବାହ କରିଥିଲେ । ଏବେ ଏହି ଦମ୍ପତି କୁନି ନୂଆ ଅତିଥିକୁ ସ୍ୱାଗତ କରିବା ପରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । କରିବାକୁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ତେବେ ଖବରକୁ ନେଇ ସାମନ୍ଥା କୌଣସି ଅଫିସିଆଲ ଘୋଷଣା କରିନାହିଁ । କିନ୍ତୁ ଏବେ ସୋସିଆଲ ମିଡିଆରେ ଏହାକୁ ନେଇ ଚର୍ଚ୍ଚା ଚାଲିଛି । ଏକ ଭିଡିଓରେ ସାମନ୍ଥା ନିଜର ଅପକମିଂ ନୂଆ ଫିଲ୍ମ 'ମା ଇଣ୍ଟି ବଙ୍ଗାରମ'ର ସଫଳତାକୁ ନେଇ ପାର୍ଟି ରେ ନିଜ ବେବି ବମ୍ପ ଲୁଚାଉଥିବାର ନଜର ଆସିଛନ୍ତି । ତେବେ ଫ୍ୟାନ୍ସ ଏହା ଜାଣିବା ପରେ ବହୁତ ଖୁସି ରହିଛନ୍ତି । ସାମନ୍ଥାଙ୍କ ପ୍ରେଗେନ୍ସୀକୁ ନେଇ ଚାଲିଥିବା ଚର୍ଚ୍ଚା ଉପରେ ବିରାମ ଲାଗିଛି । ଫିଲ୍ମ ମା ଇଣ୍ଟି ବଙ୍ଗରମର ନିର୍ଦ୍ଦେଶକ ବିବି ନନ୍ଦିନୀ ରେଡ୍ଡୀ ନିଜେ ଏକ ଇଣ୍ଟରଭ୍ୟୁରେ ଖୁସି ଖବର ଦେଇଛନ୍ତି । ସେ ଖୁସି ଜାହିର କରି କହିଛନ୍ତି, ସାମନ୍ଥାଙ୍କ ପ୍ରେଗ୍ରେନ୍ସୀ ଖବର ବିଲକୁଲ୍ ସଠିକ୍ ସମୟରେ ସାମ୍ନାକୁ ଆସିଛି । ଆମ ଫିଲ୍ମ ବକ୍ସ ଅଫିସରେ ସଫଳତା ହାସଲ କରିଛି । ଡିସେମ୍ବର ୨୦୨୫ରେ କୋଏମ୍ବାଟୁର ସ୍ଥିତ ଏକ ଯୋଗ ସେଣ୍ଟରରେ ଭୈରବୀ ମନ୍ଦିରରେ

# ୫୨ ବର୍ଷରେ ପାଦ ଦେଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ

# ୬୯ଟି ଫିଲ୍ମରେ କରିଛନ୍ତି ଅଭିନୟ



**ଚେନ୍ନାଇ(ଏଜେନ୍ସି) :** ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଟିଭିକେ ମୁଖ୍ୟ ଥାଲାପତି ବିଜୟଙ୍କ ଆଜି ୫୨ ତମ ଜନ୍ମଦିନ । ତାମିଲ ସିନେମାର ସୁପରଷ୍ଟାର ଥଲାପାତି ବିଜୟ ବର୍ତ୍ତମାନ ଚଳଚ୍ଚିତ୍ର ଦୁନିଆ ପରେ ରାଜନୀତି ମୈଦାନରେ ମଧ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି । ମୁଖ୍ୟମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ ଜନ୍ମଦିନ । ତାଙ୍କ ଜନ୍ମ ଦିନକୁ ନେଇ ରାଜ୍ୟବ୍ୟାପୀ ତାଙ୍କ ସମର୍ଥକ ଏବଂ ଦଳୀୟ କର୍ମୀଙ୍କ ମଧ୍ୟରେ ଯଥେଷ୍ଟ ଉତ୍ସାହ ଦେଖିବାକୁ ମିଳିଛି । ଅନେକ ଜିଲ୍ଲାରେ ଉତ୍ସବ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ଅଭିନେତାରୁ ରାଜନେତା ହୋଇଥିବା ଏହି ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କମଲ ହାସନ ଏବଂ ନୟନଥାରା ସମେତ ରାଜନୈତିକ ଏବଂ ଚଳଚ୍ଚିତ୍ର ଜଗତରୁ ବହୁ ଶୁଭେଚ୍ଛା ମିଳିଛି । ରାଜନୈତିକ ମହଲରେ ଏହା ମଧ ଆଲୋଚନା ହେଉଛି ଯେ ସେ ଏହି ଅବସରରେ କିଛି ନୂତନ ନୀତି ଘୋଷଣା କରିପାରନ୍ତିଥାଲାପତି ବିଜୟ । ତାଙ୍କ ଜନ୍ମଦିନ ପାଳନ ପାଇଁ, ଟିଭିକେର ତାମିଲନାଡୁ ୟୁନିଟ୍ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ଖାଦ୍ୟ ଦାନ କାର୍ଯ୍ୟକ୍ରମ, କଲ୍ୟାଣ ସହାୟତା ଏବଂ ବିଭିନ୍ନ ଜନସେବା କାର୍ଯ୍ୟକ୍ରମର ଯୋଜନା ରହିଛି । ଦଳ ଜିଲ୍ଲା ସ୍ତରୀୟ ନେତାମାନଙ୍କୁ ସାମୁଦାୟିକ ସେବା ଉପରେ କେନ୍ଦ୍ରିତ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛି ।ତେବେ ବିଜୟ ଏକ ଫିଲ୍ମ ପରିବାରରୁ ଆସିଛନ୍ତି । ତାଙ୍କ ପିତା ଏସ.ଏ. ଚନ୍ଦ୍ରଶେଖର, ଜଣେ ନିର୍ଦ୍ଦେଶକ। ମାଆ ଶୋଭା ଚନ୍ଦ୍ରଶେଖର ଜଣେ ପ୍ଲେବ୍ୟାକ୍ ଗାୟିକା । ତାଙ୍କର ଜନ୍ମ ୨୨ ଜୁନ୍, ୧୯୭୪ରେ ହୋଇଥିଲା ଏବଂ ତାଙ୍କର ପ୍ରକୃତ ନାମ ଜୋସେଫ ବିଜୟ ଚନ୍ଦ୍ରଶେଖର । ସେ ଶିଶୁ କଳାକାର ଭାବରେ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ ଏବଂ ଅନେକ ଫିଲ୍ମରେ ଅଭିନୟ କରିଥିଲେ । ମୁଖ୍ୟ ଅଭିନେତା ଭାବରେ ତାଙ୍କର ପ୍ରଥମ ଫିଲ୍ମ 'ନାଳୟ ଥିରପୁ' ଥିଲା ଯାହାକୁ ସେ ୧୮ ବର୍ଷ ବୟସରେ ସାଇନ୍ କରିଥିଲେ । ଆଜି ପର୍ଯ୍ୟନ୍ତ ସେ ୬୯ଟି ଫିଲ୍ମରେ ଅଭିନୟ କରିଛନ୍ତି । ତାଙ୍କ ଫିଲ୍ମର କାହାଣୀଗୁଡ଼ିକ ପ୍ରାୟତଃ ଆଲୋଚନାର ବିଷୟ ହୋଇଯାଏ ଏବଂ ଦର୍ଶକମାନେ ତାଙ୍କ ଚରିତ୍ରଗୁଡ଼ିକୁ ଭଲ ପାଇଛନ୍ତି । ପ୍ରଶଂସକମାନେ ତାଙ୍କୁ ସ୍ନେହରେ 'ଥାଲାପତି ବିଜୟ' ବୋଲି ଡାକନ୍ତି । ବିଜୟ ଥାଲାପତି ଥେରୀ, ରାଜାଭିନ୍ ପାରାଭାୟିଲେ, ମିନସାରା କନ୍ନା, ବିଷ୍ଟ ଏବଂ ଶାହଜାହାନ ସମେତ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି । ତାଙ୍କ ୨୦୨୩ ମସିହାର ଚଳଚ୍ଚିତ୍ର ଲିଓ ଅନେକ ବକ୍ସ ଅଫିସ୍ ରେକର୍ଡ ଭାଙ୍ଗିଥିଲା । 'ଦି ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍'ରେ ତାଙ୍କ ଅଭିନୟକୁ ମଧ ଉଚ୍ଚ ପ୍ରଶଂସା କରାଯାଇଥିଲା । ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ବିଜୟ 'ଜନ ନାୟଗନ୍'ରେ ଅଭିନୟ କରିଥିଲେ, ଯାହାକୁ ତାଙ୍କର ଶେଷ ଚଳଚ୍ଚିତ୍ର ବୋଲି ବହୁଳ ଭାବରେ ଚର୍ଚ୍ଚା ହୋଇଥିଲା । ତାଙ୍କ ରାଜନୈତିକ କ୍ୟାରିଅର୍ ବିଷୟରେ କହିବାକୁଗଲେ ବିଜୟ ୨୦୦୯ ମସିହାରେ ତାଙ୍କର ପ୍ରଶଂସକ କ୍ଲବ୍ 'ବିଜୟ ମକ୍କଲ୍ ଆୟାକମ୍' ଆରମ୍ଭ କରିଥିଲେ । ଏହି ସଂଗଠନ ୨୦୧୧ ତାମିଲନାଡୁ ବିଧାନସଭା ନିର୍ବାଚନରେ ଏଆଇଏଡିଏମକେ ନେତୃତ୍ୱାଧୀନ ମେଣ୍ଟକୁ ସମର୍ଥନ କରିଥିଲା । ଫେବ୍ରୁଆରୀ ୨୦୧୯ରେ ବିଜୟ କେନ୍ଦ୍ର ସରକାରଙ୍କ ଦ୍ୱାରା ଗୃହୀତ ନାଗରିକତା ସଂଶୋଧନ ଆଇନ ୨୦୧୯ ପ୍ରତି ନିଜର ବିରୋଧ ପ୍ରକାଶ କରି କହିଥିଲେ ଯେ ଏହା ଦେଶର ସାମାଜିକ-ଧାର୍ମିକ ସମନ୍ୱୟକୁ ବାଧା ଦେବ । ତାଙ୍କ ଫ୍ୟାନ୍ କ୍ଲବର ସଦସ୍ୟମାନେ ୨୦୨୨ ତାମିଲନାଡୁ ସ୍ଥାନୀୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ୧୧୫ଟି ସିଟ୍ ଜିତିଥିଲେ । ଫେବୃଆରି ୨, ୨୦୨୪ରେ ବିଜୟ ଏକ ନୂତନ ରାଜନୈତିକ ଦଳ 'ଟିଭିକେ'ର ଶୁଭାରମ୍ଭ ଘୋଷଣା କରିଥିଲେ ।

# ରିଲିଜ୍ ପୂର୍ବରୁ ଧମାକା କଲା ୱେଲକମ୍ ଟୁ ଦି ଜଙ୍ଗଲ, ଆଡଭାନ୍ସ ବୁକିଂରେ ରେକର୍ଡ

**ମୁମ୍ବାଇ(ଏଜେନ୍ସି) :** ଭୂତ ବଙ୍ଗଲା ପରେ, ଅକ୍ଷୟ କୁମାରଙ୍କ ଫିଲ୍ମ ୱେଲକମ୍ ଟୁ ଦି ଜଙ୍ଗଲ ସହିତ ପୁଣି ଥରେ ଧମାକା କରିଛି । ଯାହା ରିଲିଜ ହେବା ପୂର୍ବରୁ ଦର୍ଶକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଦେଇଛି । ତେଣୁ ଫିଲ୍ମ ଆଗୁଆ ବୁକିଂ ଆରମ୍ଭ ହେବା ସହିତ ଭଲ ପ୍ରତିକ୍ରିୟା ହାସଲ କରିଛି । ଏହି ଫିଲ୍ମରେ ଅକ୍ଷୟ କୁମାର, ସୁନୀଲ ଶେଟ୍ଟି, ଅର୍ଶଦ ୱାର୍ସୀ, ପରେଶ ରାୱଲ, ରବୀନା ଟଣ୍ଡନ ଏବଂ ଦିଶା ପଟାନୀଙ୍କ ସମେତ ଅନେକ ଷ୍ଟାର ନଜର ଆସିବାକୁ ଯାଉଛନ୍ତି । ଯାହାକୁ ନେଇ ଦର୍ଶକମାନଙ୍କ ମଧ୍ୟରେ ଉତ୍ସାହ ବଢିଛି । 'ୱେଲକମ୍' ଫ୍ରାଞ୍ଚାଇଜିର ଫିଲ୍ମ ରିଲିଜ ହେବା ପୂର୍ବରୁ ହିଁ ମାହୋଲ ସୃଷ୍ଟି କରିଛି । ଏହି ପରିସ୍ଥିତିରେ ଫିଲ୍ମ ପାଇଁ ଆଗୁଆ ବୁକିଂ ଆରମ୍ଭ ହୋଇଯାଇଛି । 'ୱେଲକମ୍ ଟୁ ଦ ଜଙ୍ଗଲ' ପ୍ରି-ଟିକେଟ୍ ସେଲରୁ କେତେ କଲେକ୍ସନ କରିଛି ଆସନ୍ତୁ ଜାଣିବା । ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ଆଗାମୀ କମେଡି ଫିଲ୍ମ ୱେଲକମ୍ ଟୁ ଦ ଜଙ୍ଗଲକୁ ନେଇ ଚର୍ଚ୍ଚା ଚାଲିଛି । ଏହାର ଅନୁମାନ ଏଥିରୁ ହିଁ କରାଯାଇପାରେ ଯେ ପ୍ରଥମ ଦିନ ପାଇଁ ଜୋରଦାର ଭାବେ ଆଗୁଆ ବୁକିଂ ହେଉଛି । ଏହା ସହିତ ଫିଲ୍ମଟି ଭଲ ପରିମାଣର ପ୍ରି-ଟିକେଟ୍ ବିକ୍ରି




କରିସାରିଛି ଏବଂ ରିଲିଜ୍ ପୂର୍ବରୁ ହିଁ କୋଟି କୋଟି ଟଙ୍କା ଆୟ କରିଛି । ରିପୋର୍ଟ ଅନୁଯାୟୀ, ଏପର୍ଯ୍ୟନ୍ତ ୱେଲକମ୍ ଟୁ ଦ ଜଙ୍ଗଲର ୩୯,୨୬୭ଟି ଟିକେଟ୍ ବିକ୍ରି ହୋଇସାରିଛି ଏବଂ ବ୍ଲକ୍ ସିଟ୍ ବାଦ ଦେଲେ ଫିଲ୍ମଟି ୮୯.୪୨ ଲକ୍ଷ ଟଙ୍କା ଆୟ କରିଛି । ଅନ୍ୟପଟେ, ବ୍ଲକ୍ ସିଟ୍ ସହିତ ଏହାର ପ୍ରି-ଟିକେଟ୍ ବିକ୍ରି ଆୟ ୨.୭୪ କୋଟି ଟଙ୍କାରେ ପହଞ୍ଚିଛି । ଫିଲ୍ମ ରିଲିଜ ହେବାକୁ ଆଉ ଗୋଟିଏ ଦିନ ବାକି ଥିବାରୁ ଏହାର ପ୍ରି-ଟିକେଟ୍ ବିକ୍ରି ଆହୁରି ବଢ଼ିବାର ସମ୍ଭାବନା ରହିଛି । ଏହି ମଧ୍ୟରେ ନିର୍ମାତାମାନେ ୨୫ ଜୁନ ସନ୍ଧ୍ୟା ୭ଟା ୩୦ମିନିଟରୁ ପେଡ୍ ପ୍ରିଭ୍ୟୁ ସ୍କ୍ରିନିଂର ବ୍ୟବସ୍ଥା କରିଛନ୍ତି । ପ୍ରିଭ୍ୟୁ ଶୋ ପାଇଁ ଆଗୁଆ ବୁକିଂ ୨୨ ଜୁନରୁ ଆରମ୍ଭ ହୋଇଥିବେଳେ ନିୟମିତ ଶୋ ପାଇଁ ଟିକେଟ୍ ବିକ୍ରି ୨୩ ଜୁନରୁ ଆରମ୍ଭ ହୋଇଥିଲା । ଅହମଦ ଖାନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅନେକ ଚର୍ଚ୍ଚିତ ଷ୍ଟାର ନଜର ଆସିବେ । ଅକ୍ଷୟ କୁମାରଙ୍କ ସହ ରବୀନା ଟଣ୍ଡନ, ପରେଶ ରାୱଲ, ସୁନୀଲ ଶେଟ୍ଟି, ସଞ୍ଜୟ ଦତ୍ତ, ଜ୍ୟାକି ଶ୍ରଫ୍, ଅର୍ଶଦ ୱାର୍ସୀ, ତୁଷାର କପୁର, ଶ୍ରେୟସ ତଳପଡେ ଏବଂ ଆଫତାବ ଶିବଦାସାନୀ ଅଭିନୟ କରିଛନ୍ତି । ଏହାଛଡ଼ା ଦିଶା ପଟାନୀ, ଜ୍ୟାକଲିନ୍ ଫର୍ନାଣ୍ଡିଜ୍, ଲାରା ଦତ୍ତା, ଉର୍ବଶୀ ରୌତେଲା, ଜନି ଲିଭର, ରାଜପାଲ ଯାଦବ, କୃଷ୍ଣା ଅଭିଷେକ ଏବଂ କିକୁ ଶାରଦା ମଧ ଏହି ଫିଲ୍ମର ଅଂଶ ଅଟନ୍ତି । ଏ.ଏ. ନାଡିଆଡୱାଲା, କେପ୍ ଅଫ୍ ଗୁଡ୍ ଫିଲ୍ମ ଏବଂ ଷ୍ଟାର ଷ୍ଟୁଡିଓଜ୍ ୧୮ଙ୍କ ଦ୍ୱାରା ସୀତା ଫିଲ୍ମ ଓ ରାକେଶ ଡାଙ୍ଗଙ୍କ ସହଯୋଗରେ ପ୍ରସ୍ତୁତ ଏହି ଫିଲ୍ମକୁ ଫିରୋଜ୍ ଏ. ନାଡିଆଡୱାଲା, ରାକେଶ ଡାଙ୍ଗ ଏବଂ ବେଦାନ୍ତ ବିକାଶ ବାଲି ପ୍ରଯୋଜନା କରିଛନ୍ତି । 'ୱେଲକମ୍ ଟୁ ଦ ଜଙ୍ଗଲ' ୨୬ ଜୁନ, ୨୦୨୬ରେ ବିଶ୍ୱବ୍ୟାପୀ ସିନେମା ହଲ୍ଗୁଡ଼ିକରେ ରିଲିଜ ହେବ ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ । ରବିବାର : ଲାଭବାନ ହେବେ ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ । ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର : କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ । ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର : ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର : ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ । ରବିବାର : କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ । ରବିବାର : ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

# ଚିନିର ଅଧିକ ସେବନ ହୋଇପାରେ ନୀରବ ଘାତକ

ସୁସ୍ଥ ଜୀବନଶୈଳୀ ପାଇଁ ସନ୍ତୁଳିତ ଖାଦ୍ୟାଭ୍ୟାସ ଅତ୍ୟନ୍ତ ଜରୁରୀ । ଶରୀର ପାଇଁ ଚର୍ବି ଆବଶ୍ୟକ ହୋଇଥିଲେ ମଧ ଏହାର ପରିମାଣ ଓ ପ୍ରକାର ପ୍ରତି ସଚେତନ ରହିବା ଆବଶ୍ୟକ । ବିଶେଷଜ୍ଞମାନଙ୍କ ମତରେ, ଅତ୍ୟଧିକ ପରିମାଣରେ ସନ୍ତୃପ୍ତ ଚର୍ବି ଓ ଚିନିଯୁକ୍ତ ଖାଦ୍ୟର ସେବନ ରକ୍ତରେ କୋଲେଷ୍ଟେରଲ୍ର ମାତ୍ରା ବୃଦ୍ଧି କରିବା ସହ ହୃଦରୋଗ, ମୋଟାପଣ ଓ ଦାନ୍ତ କ୍ଷୟ ଭଳି ବିଭିନ୍ନ ସମସ୍ୟାର ଆଶଙ୍କାକୁ ବୃଦ୍ଧି କରିଥାଏ । ସାଧାରଣତଃ ଚର୍ବି ଦୁଇ ପ୍ରକାରର ହୋଇଥାଏ-ସନ୍ତୃପ୍ତ ଚର୍ବି ଓ ଅସନ୍ତୃପ୍ତ ଚର୍ବି । ବିଶେଷଜ୍ଞଙ୍କ ମତାନୁସାରେ, ପୁରୁଷମାନେ ଦୈନିକ ୩୦ ଗ୍ରାମରୁ ଅଧିକ ଏବଂ ମହିଳାମାନେ ୨୦ ଗ୍ରାମରୁ ଅଧିକ ସନ୍ତୃପ୍ତ ଚର୍ବି ଗ୍ରହଣ କରିବା ଉଚିତ ନୁହେଁ । ଚର୍ବିଯୁକ୍ତ ମାଂସ, ପ୍ରକ୍ରିୟାକୃତ ମାଂସଜାତ ଖାଦ୍ୟ, ଲହୁଣୀ, ପନିର, ସର, କେକ୍, ବିସ୍କୁଟ, ଘିଅ ଓ ପେଷ୍ଟ୍ରି ଭଳି ଖାଦ୍ୟରେ ସନ୍ତୃପ୍ତ ଚର୍ବିର ପରିମାଣ ଅଧିକ ଥାଏ । ତେଣୁ ଏହିସବୁ ଖାଦ୍ୟର ସେବନକୁ ସୀମିତ ରଖିବା ସହ ଉଦ୍ଭିଜ ତେଲ, ଅଲିଭ୍ ତେଲ, ତେଲିଆ ମାଛ ଓ ଆଭୋକାଡୋ ଭଳି ଅସନ୍ତୃପ୍ତ ଚର୍ବିଯୁକ୍ତ ଖାଦ୍ୟକୁ ଖାଦ୍ୟ ତାଲିକାରେ ସାମିଲ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।ମିଠା ପାନୀୟ, କେକ୍, ବିସ୍କୁଟ, ଚକୋଲେଟ୍, ପେଷ୍ଟ୍ରି ଏବଂ ମଦ୍ୟପାନୀୟରେ ମୁକ୍ତ ଶର୍କରାର ପରିମାଣ ଅଧିକ ଥାଏ । ଏହିସବୁ ଖାଦ୍ୟ ଓ ପାନୀୟର ନିୟମିତ ସେବନ ମୋଟାପଣ, ଦାନ୍ତ କ୍ଷୟ ଏବଂ ଅନ୍ୟାନ୍ୟ ଜୀବନଶୈଳୀଜନିତ ରୋଗର ଆଶଙ୍କା ବଢ଼ାଇପାରେ । ତେଣୁ ଚିନିର ଅତ୍ୟଧିକ ସେବନରୁ ଦୂରେଇ ରହିବା ଆବଶ୍ୟକ । ପ୍ୟାକେଟଜାତ ଖାଦ୍ୟ କିଣିବା ସମୟରେ ଏହାର ଲେବଲ୍ରେ ଉଲ୍ଲେଖ ଥିବା ଚିନି ଓ ଚର୍ବିର ପରିମାଣକୁ ନିଶ୍ଚିତ ଭାବେ ଯାଞ୍ଚ କରନ୍ତୁ । ୧୦୦ ଗ୍ରାମ ଖାଦ୍ୟରେ ୨୨.୫ ଗ୍ରାମରୁ ଅଧିକ ଚିନି ଥିଲେ ତାହାକୁ ଉଚ୍ଚ ଶର୍କରାଯୁକ୍ତ ଖାଦ୍ୟ ଭାବେ ଗଣାଯାଏ । ତେଣୁ ସୁସ୍ଥ ଜୀବନ ପାଇଁ ଖାଦ୍ୟର ପୋଷକ ତଥ୍ୟ ଯାଞ୍ଚ କରି ସଚେତନତାର ସହ ଖାଦ୍ୟ ଚୟନ କରିବା ଉଚିତ ।

## ମା'ରାଣ ଦେହକୁ ନେବେନି...

କାହାସ୍ୱାର୍ଥ ପେଇଁ ଦଳରେ ସୁଜାତା
କା ପାଇଁ ଶଙ୍ଖରେ ପୂଜା ...
କାହାପେଇଁ ଇଏ ବିଷକୁମ୍ଭ ପରା
ଯେ ଖାଇବ ଏହି ଖଜା ...
କିଏ ବଜେଇବ ବାଜା ...
ଶଙ୍ଖର ଶବଦ ଶୁଣିଲେ ଶୃଗାଳ
ଭୋଗିବ କି ଦିନେ ସଜା ... ?



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ଆଳୁ ଚିଙ୍ଗୁଡ଼ି ତରକାରୀ



**ଆବଶ୍ୟକୀୟ ସାମଗ୍ରୀ :** ଚିଙ୍ଗୁଡ଼ି - ୫୦୦ ଗ୍ରାମ ମଧ୍ୟମ ଆକାର, ଆଳୁ - ୨ଟି ମଧ୍ୟମ ଆକାର ସିଝା ଏବଂ କ୍ୟୁବ ଆକାରରେ କଟା, ପିଆଜ - ୨ଟି ମଧ୍ୟମ ଆକାରର ମୋଟା କଟା, ଅଦା ରସୁଣ ପେଷ୍ଟ - ୧.୫ ଚାମଚ, ଟମାଟୋ - ୧ ମଧ୍ୟମ ଆକାରର କଟା, ହଳଦୀ ଗୁଣ୍ଡ ୧ ଚାମଚ, ଧନିଆ ପାଉଡର ୧ ଚାମଚ, ନଡ଼ିଆ କ୍ଷୀର -୧/୨ କପ, ପାଣି - ୧ କପ, ଲାଲ ଲଙ୍କା ପାଉଡର -୨ ଚାମଚ, ତେଲ- ଆବଶ୍ୟକ ପରିମାଣରେ, ସ୍ୱାଦ ଅନୁସାରେ ଲୁଣ, ଧନିଆ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଚିଙ୍ଗୁଡ଼ିକୁ ସଫା କରି ଲୁଣ ଏବଂ ହଳଦୀ ପାଉଡର ସହିତ ମ୍ୟାରିନେଟ୍ କରନ୍ତୁ ଏବଂ ୧୦-୧୫ ମିନିଟ୍ ପାଇଁ ଅଲଗା ରଖନ୍ତୁ । ତା'ପରେ ଏକ ନନ୍ ଷ୍ଟିକ୍ ପ୍ୟାନରେ ତେଲ ଗରମ କରନ୍ତୁ ଏବଂ ସେହି ମ୍ୟାରିନେଟ୍ ହୋଇଥିବା ଚିଙ୍ଗୁଡ଼ିକୁ ୫-୧୦ ମିନିଟ୍ ପାଇଁ ଭାଜନ୍ତୁ ଏବଂ ଅଲଗା ରଖନ୍ତୁ । ତା'ପରେ ସେହି ପ୍ୟାନରେ କିଛି ତେଲ ପକାଇ ସେହି ପଟାଟୋ କ୍ୟୁବ୍ ?ଗୁଡ଼ିକୁ ହାଲୁକା ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ ଏବଂ ଅଲଗା ରଖନ୍ତୁ । ତା'ପରେ ପ୍ୟାନରେ କିଛି ତେଲ ନେଇ ପିଆଜ ପେଷ୍ଟ ପକାଇ ୪-୫ ମିନିଟ୍ ପାଇଁ ଭାଜନ୍ତୁ । ତା'ପରେ ଅଦା ରସୁଣ ପେଷ୍ଟ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା ପାଉଡର ଦେଇ ମଧ୍ୟମ ଆଞ୍ଚରେ ୪-୫ ମିନିଟ୍ ପାଇଁ ଭାଜନ୍ତୁ । ତା'ପରେ ଏଥିରେ କଟା ଟମାଟୋ, ଲୁଣ ପକାଇ ତେଲ ମସଲାରୁ ଅଲଗା ହେବା ପର୍ଯ୍ୟନ୍ତ ଭାଜନ୍ତୁ । ତା'ପରେ ଭଜା ଚିଙ୍ଗୁଡ଼ି, ପଟାଟୋ ପକାଇ ୨-୩ ମିନିଟ୍ ପାଇଁ ଭାଜନ୍ତୁ । ତା'ପରେ ନଡ଼ିଆ କ୍ଷୀର, ପାଣି ପକାଇ ଭଲ ଭାବରେ ମିଶାନ୍ତୁ । ଘୋଡ଼ାଇ ମଧ୍ୟମ ଆଞ୍ଚରେ ୧୦-୧୨ ମିନିଟ୍ ପାଇଁ ରାନ୍ଧନ୍ତୁ । ଧନିଆ ପତ୍ର ସହିତ ଏହାକୁ ସଜାନ୍ତୁ ଏବଂ ଗରମ ପରିବେଷଣ କରନ୍ତୁ ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ଉତ୍ତରାଖଣ୍ଡରେ ନିହାଙ୍ଗ ଶିଖ୍ଙ୍କ ବିରୋଧ ଥମିଲା

**ଡେରାଡୁନ୍ (ଏଜେନ୍ସି) :** ନାଗରାସୁ ଓ କର୍ଣ୍ଣପ୍ରୟାଗ ଗୁରୁଦ୍ୱାର ବିବାଦକୁ ନେଇ ନିହାଙ୍ଗ ଶିଖ୍ ଓ ଉତ୍ତରାଖଣ୍ଡ ପୁଲିସ ମଧ୍ୟରେ ଦେଖା ଦେଇଥିବା ଉତ୍ତେଜନା ଶେଷରେ ଥମିଛି । କର୍ଣ୍ଣପ୍ରୟାଗ ଓ ନାଗରାସୁ ଗୁରୁଦ୍ୱାରରେ ଏକ ବିବାଦକୁ ନେଇ ପୁଲିସ ଚାରି ଜଣ ନିହାଙ୍ଗ ଶିଖଙ୍କୁ ଗିରଫ କରିଥିଲା । ଏହି ଗିରଫଦାରୀ ପ୍ରତିବାଦରେ ନିହାଙ୍ଗମାନଙ୍କର ଏକ ଗୋଷ୍ଠୀ ହିମାଚଳ-ଉତ୍ତରାଖଣ୍ଡ ସୀମାରେ ଥିବା କୁଲହଲ



**ଡେରାଡୁନ୍ ସ୍ଥିତି ସ୍ୱାଭାବିକ**

ଚେକପୋଷ୍ଟରେ ପହଞ୍ଚିଥିଲା । ପାଓଣ୍ଟା ସାହିବରେ ପ୍ରଶାସନ ସହିତ ଆଲୋଚନା କରାଯାଇଥିଲା, କିନ୍ତୁ କୌଣସି ଚୁକ୍ତି ହୋଇନଥିବାରୁ ନିହାଙ୍ଗମାନେ ଆଗକୁ ବଢ଼ିଥିଲେ । ଉତ୍ତରାଖଣ୍ଡ ପୁଲିସ ସହିତ ସାରା ରାତି ଚାଲିଥିବା ଆଲୋଚନା ପରେ ନିହାଙ୍ଗମାନେ ଶୁକ୍ରବାର ଭୋର ୩ଟା ୩୦ରେ ଫେରିବାକୁ ରାଜି ହୋଇଥିଲେ । ଏହାସହିତ ଡେରାଡୁନରେ ପରିସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି । କୁଲହାଲ ସୀମାରେ ଆରମ୍ଭ ହୋଇଥିବା ଏହି ପ୍ରସଙ୍ଗ ଡେରାଡୁନ ଓ ଋଷିକେଶକୁ ବ୍ୟାପି ଯାଇଥିଲା, ଯାହାଫଳରେ ଅନେକ ସ୍ଥାନରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା । ସହରରେ ପ୍ରବଳ ଟ୍ରାଫିକ୍ ଜାମ୍ ହୋଇଥିଲା । ଗୁରୁବାର ନିହାଙ୍ଗମାନେ ଘୋଷଣା କରିଥିଲେ ଯେ, ସେମାନେ ପଞ୍ଜାବ ଓ ହିମାଚଳ ପ୍ରଦେଶରୁ ଉତ୍ତରାଖଣ୍ଡ ଅଭିମୁଖେ ପଦଯାତ୍ରା କରିବେ । ପ୍ରତିବାଦରେ ନିହାଙ୍ଗମାନଙ୍କର ଏକ ଗୋଷ୍ଠୀ ହିମାଚଳ-ଉତ୍ତରାଖଣ୍ଡ ସୀମାରେ ଥିବା କୁଲହଲ ଚେକପୋଷ୍ଟରେ ପହଞ୍ଚିଥିଲା । ପାଓଣ୍ଟା ସାହିବରେ ପ୍ରଶାସନ ସହିତ ଆଲୋଚନା କରାଯାଇଥିଲା, କିନ୍ତୁ ପଦଯାତ୍ରା ବନ୍ଦ କରିବା ପାଇଁ କୌଣସି ଚୁକ୍ତି ହୋଇନଥିଲା, ଯାହା ପରେ ନିହାଙ୍ଗମାନେ ଆଗକୁ ବଢ଼ିଥିଲେ । ଆଇନ କାନୁନ ପରିସ୍ଥିତି ସୃଷ୍ଟି କରିବେ ନାହିଁ ବୋଲି ନିହଙ୍ଗା ଗୋଷ୍ଠୀ କହିଥିଲା । ତେବେ ଆଲୋଚନା ସଫଳ ହୋଇନ ଥିବାରୁ କର୍ତ୍ତୃପକ୍ଷ ସୀମାରେ ହାଇଆଲର୍ଟ ଜାରି କରି ବହୁ ସଂଖ୍ୟକ ପୁଲିସ ଫୋର୍ସ ମୁତୟନ କରିଥିଲେ ଓ ଉତ୍ତେଜନାକୁ ରୋକିବା ପାଇଁ ବ୍ୟାରିକେଡ୍ ନିର୍ମାଣ କରିଥିଲେ । ପ୍ରତିନିଧିମଣ୍ଡଳରେ ସାମିଲ ଥିବା କଂଗ୍ରେସ ନେତା ଓ ଉତ୍ତରାଖଣ୍ଡ ଶିଖ ସମ୍ପ୍ରଦାୟର ପ୍ରତିନିଧି ଅମରଜିତ ସିଂହ କହିଛନ୍ତି ଯେ, ନିହଙ୍ଗମାନଙ୍କର ଉଦ୍ଦେଶ୍ୟ କେବେବି ଅଶାନ୍ତି ସୃଷ୍ଟି କରିବା ନୁହେଁ ବରଂ ଶାନ୍ତିପୂର୍ଣ୍ଣ ଭାବରେ ସମସ୍ୟାର ସମାଧାନ କରିବା । ସିଂହ ଏହି ଅଚଳାବସ୍ଥା ସମାଧାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ପ୍ରଶାସନକୁ ଶ୍ରେୟ ଦେଇଥିଲେ କିନ୍ତୁ ସରକାରଙ୍କ ପକ୍ଷରୁ କିଛି ତ୍ରୁଟି ମଧ ରହିଛି ବୋଲି କହିଥିଲେ । ଡେରାଡୁନ ସ୍ୱାଭାବିକ ଅବସ୍ଥା ଫେରିବା ପରେ ମଧ ପୁଲିସ ସତର୍କତା ଭାବେ ଋଷିକେଶ ସମେତ ଅନେକ ପ୍ରବେଶ ସ୍ଥାନରେ ଯାଞ୍ଚ ଓ ବ୍ୟାରିକେଡିଂ ଜାରି ରଖିଛି । ଉତ୍ତରାଖଣ୍ଡରେ ବର୍ତ୍ତମାନ ଚାରଧାମ୍ ଯାତ୍ରା ଓ ହେମକୁଣ୍ଡ ସାହେବ ତୀର୍ଥଯାତ୍ରା ପାଇଁ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ ଉପସ୍ଥିତ ଥିବାବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଅଯୋଧ୍ୟା ରାମମନ୍ଦିର ଦାନ ହେରଫେର ମାମଲା : ୮ ଜଣ ଗିରଫ




**ଅଯୋଧ୍ୟା (ଏଜେନ୍ସି) :** ଅଯୋଧ୍ୟା ରାମମନ୍ଦିର ଦାନ ଅର୍ଥ ହେରଫେର ମାମଲାରେ ୮ ଜଣ ଗିରଫ । ସ୍ୱତନ୍ତ୍ର ତଦନ୍ତକାରୀ ଦଳ ପ୍ରାଥମିକ ରିପୋର୍ଟ ଦାଖଲ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗିରଫ ୮ ଜଣଙ୍କ ମଧ୍ୟରୁ ଛଅ ଜଣ ମନ୍ଦିର କର୍ମଚାରୀ ଏବଂ ନଗଦ ଗଣନା ଦାୟିତ୍ୱରେ ଥିଲେ । ସୂତ୍ର ଅନୁସାରେ, ସମସ୍ତ ଆଠ ଜଣ ସିସିଟିଭି କ୍ୟାମେରାରେ ଟଙ୍କା ଆତ୍ମସାତ୍ କରୁଥିବା ସମୟରେ ଧରାପଡ଼ିଛନ୍ତି । ଅଭିଯୁକ୍ତମାନେ ହେଉଛନ୍ତି ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର, ଅବିନାଶ ଶୁକ୍ଳ, ରାମଶଙ୍କର ମିଶ୍ର, ରାମଶଙ୍କର ଯାଦବ, ମନୀଷ ଯାଦବ, ସୁଭାଷ ଚନ୍ଦ୍ର ଶ୍ରୀବାସ୍ତବ ଏବଂ କରୁଣେଶ ପାଣ୍ଡେ । ଟ୍ରଷ୍ଟର ଜେନେରାଲ ସେକ୍ରେଟାରୀ ଚମ୍ପତ ରାୟଙ୍କ ଡ୍ରାଇଭର ରାମଶଙ୍କର ଯାଦବ ଏବଂ ଆଉ ଜଣେ ବ୍ୟକ୍ତିଙ୍କୁ ଖୋଜା ଚାଲିଛି । ରିପୋର୍ଟ ଅନୁସାରେ ପ୍ରାୟ ୭ରୁ ସାଢେ ୭କୋଟି ଟଙ୍କା ନିଖୋଜ ହୋଇଛି । ଏସ୍ଆଇଟି ସୁପାରିଶ ଆରମ୍ଭ ହୋଇଛି ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା । ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଏତଲା ପରେ ମାମଲା ରୁଜୁ କରାଯାଇଛି ବିଏନ୍ଏସ୍ ଧାରା ୩୦୬, ୩୧୬(୫), ୩୧୭(୪), ୬୧ ଓ ୩(୫) ଆଦିରେ ମାମଲା ରୁଜୁ ହୋଇଛି । ଦାନ ଟଙ୍କା ଆତ୍ମସାତ୍ ହେଉଥିବା ବିଷୟକୁ ପ୍ରଥମେ ସମାଜବାଦୀ ପାର୍ଟି ଉଠାଇଥିଲା । କୋଟି କୋଟି ଟଙ୍କା ନିଖୋଜ ହେଉଥିବା ଅଭିଯୋଗ କରି ନ୍ୟାୟିକ ତଦନ୍ତ ଦାବି କରିଥିଲେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ।

**ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଆମାଜନ ସିଇଓ**

# ୪.୫୦ ଲକ୍ଷ କୋଟିର ମେଗା ନିବେଶ

**ନୂଆଦିଲ୍ଲୀ (ଏଜେନ୍ସି) :** ଇ-କମର୍ସ କମ୍ପାନି ଆମାଜନ ୨୦୨୬ରୁ ୨୦୩୦ ମଧ୍ୟରେ ଭାରତରେ ମୋଟ୍ ୪୮ ବିଲିୟନ ଡଲାର ବା ପାଖାପାଖି ୪.୫୦ ଲକ୍ଷ କୋଟି ଟଙ୍କା ନିବେଶ କରିବ । ବ୍ୟବସାୟ ସମ୍ପ୍ରସାରଣ କ୍ଷେତ୍ରରେ ଏହି ରାଶି ବ୍ୟବହାର ହେବ । ଏହା ମାଧ୍ୟମରେ ସୃଷ୍ଟି ହେବ ଲକ୍ଷ ଲକ୍ଷ ନିଯୁକ୍ତି । କମ୍ପାନି ସିଇଓ ଏଣ୍ଡି ଜେସୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ଏହି ଘୋଷଣା କରିଛି କମ୍ପାନି । ଜେସୀ ଭାରତ ପାଇଁ କମ୍ପାନିର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଦେଶରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ କ୍ଲାଉଡ୍ ଭିତ୍ତିଭୂମିର ସମ୍ପ୍ରସାରଣ ପାଇଁ ୨୦୩୦ ସୁଦ୍ଧା ଅତିରିକ୍ତ ୧୩ ବିଲିୟନ ଡଲାର ନିବେଶ ଘୋଷଣା କରିଛନ୍ତି ଜେସୀ । ସୋସିଆଲ ମିଡିଆ ପ୍ଲାଟ୍ଫର୍ମ 'ଏକ୍ସ'ରେ ଆମାଜନ ସିଇଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସାକ୍ଷାତକାରରେ ଫୋଟୋ ପୋଷ୍ଟ କରି ଲେଖିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆମାଜନର ଭାରତରେ ଭବିଷ୍ୟତ ଯୋଜନାକୁ ନେଇ ଏହି ଆଲୋଚନା ଅତ୍ୟନ୍ତ ଫଳପ୍ରଦ ରହିଥିଲା । ଆମେ ଏକ ଦଶକରୁ ଅଧିକ ସମୟ ପୂର୍ବରୁ ଭାରତରେ ପାଦ ରଖିଥିଲୁ । ସେବେ ଠାରୁ ବିଭିନ୍ନ ବ୍ୟବସାୟ ଜରିଆରେ ଗ୍ରାହକ, ବିକ୍ରେତା, ଡେଭଲପର୍ସ, ଷ୍ଟାର୍ଟଅପ୍ ଏବଂ ବଡ଼ ଉଦ୍ୟୋଗଗୁଡ଼ିକୁ ସେବା ପ୍ରଦାନ କରୁଛୁ । ଭାରତରେ ଆମକୁ ଇ-କମର୍ସ, ଏଆଇ ଏବଂ କ୍ଲାଉଡ୍ ବ୍ୟବସାୟରେ ମଜଭୁତ ଅଭିବୃଦ୍ଧି ମିଳିଛି । ସେ ପୁଣି କହିଲେ ଯେ, ଭାରତରେ ସମ୍ପ୍ରସାରଣ ସହିତ ଆମର ବ୍ୟବସାୟିକ ପ୍ରାଥମିକତା ସହ ଯୋଡ଼ି ହୋଇଛି । ଏଥିରେ ସମସ୍ତଙ୍କ ପର୍ଯ୍ୟନ୍ତ ଏଆଇକୁ ପହଞ୍ଚାଇବା, କ୍ଷୁଦ୍ର ବ୍ୟବସାୟଗୁଡ଼ିକର ଡିଜିଟାଲିକରଣ, ରୋଜଗାର ସୃଷ୍ଟି ଏବଂ ରପ୍ତାନିକୁ ସକ୍ଷମ କରିବା ଆଦି ଅନ୍ତର୍ଭୁକ୍ତ । ସେ କହିଲେ ଯେ, ଆମାଜନ ଆଗାମୀ ୫ ବର୍ଷରେ ଭାରତରେ ୪୮ ବିଲିୟନ ଡଲାର ନିବେଶ କରିବ, ଯେଉଁଥିରେ ୨୧ ବିଲିୟନ ଡଲାରରୁ ଅଧିକ ବା ୧.୭୫ ଲକ୍ଷ କୋଟି ଟଙ୍କା ନିବେଶ ଏଆଇ ଏବଂ କ୍ଲାଉଡ୍ ଭିତ୍ତିଭୂମିରେ କରାଯିବ୨୦୩୦ ସୁଦ୍ଧା ଆମାଜନର ଯୋଜନା ହେଉଛି ଦେଶରେ ୩୮ ଲକ୍ଷ ନିଯୁକ୍ତି ଉପଲବ୍ଧ କରିବା, ୮୦ ବିଲିୟନ ଡଲାରର ଇ-କମର୍ସ ରପ୍ତାନିକୁ ସକ୍ଷମ କରିବା ଏବଂ ୧.୫ କୋଟି କ୍ଷୁଦ୍ର ବ୍ୟବସାୟ ତଥା ୪୦ ଲକ୍ଷ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ଏଆଇର ଲାଭକୁ ପହଞ୍ଚାଇବା ।

# ହର୍ମୁଜ୍ ସଙ୍କଟ : ୧୧,୦୦୦ ନାବିକଙ୍କ ଜୀବନ ବିପଦରେ

**ନୂଆଦିଲ୍ଲୀ (ଏଜେନ୍ସି) :** ହର୍ମୁଜ୍ ପ୍ରଣାଳୀରେ ଡ୍ରୋନ୍ ଆକ୍ରମଣ ପରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି । ଜାତିସଂଘର ଏକ ଦଳ ଏହି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ସମୟରେ ଇରାନ ପକ୍ଷରୁ ଏହି ଆକ୍ରମଣ ହୋଇଛି । ଓମାନ ଉପକୂଳରେ ଏକ ମାଲବାହୀ ଜାହାଜ ଉପରେ ଆକ୍ରମଣ ପରେ, ଜାତିସଂଘର ସାମୁଦ୍ରିକ ସଂସ୍ଥା, ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇଏମ୍ଓ) ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖିଛି । ଆଇଏମ୍ଓର ନିଷ୍ପତ୍ତି ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜରେ ପ୍ରାୟ ୧୧,୦୦୦ ନାବିକଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ଗତ କିଛି ଦିନ ହେଲା ଜାତିସଂଘ ଓମାନ ଓ ଅନ୍ୟ କେତେକ ସଦସ୍ୟ ଦେଶମାନଙ୍କ ସାହାଯ୍ୟରେ ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜକୁ ସୁରକ୍ଷିତ ଭାବେ ବାହାର କରିବାକୁ ଅପରେସନ ଆରମ୍ଭ କରିଥିଲା । ଯୁଦ୍ଧ ଓ ସୁରକ୍ଷା କଟକଣା ଯୋଗୁଁ ଦୀର୍ଘ ଦିନ ଧରି



ଫସି ରହିଥିବା ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ପାର କରିବାରେ ସାହାଯ୍ୟ କରିବା ଏହି ମିଶନର ଲକ୍ଷ୍ୟ ଥିଲା । କିନ୍ତୁ ଓମାନ ଉପକୂଳରେ ସିଙ୍ଗାପୁର ପତାକା ବହନ କରୁଥିବା ମାଲବାହୀ ଜାହାଜ 'ଏଭର ଲଭଲି' ଉପରେ ଗୁରୁବାର ଆକ୍ରମଣ ପରେ ଆଇଏମ୍ଓ ଏହାର ଉଦ୍ଧାର କାର୍ଯ୍ୟ ବନ୍ଦ ରଖିଛି । ଏହି ଆକ୍ରମଣରେ କୌଣସି ନାବିକଙ୍କ ମୃତ୍ୟୁ ହୋଇ ନଥିଲେ ମଧ ଜାହାଜ କ୍ଷତିଗ୍ରସ୍ତ ହୋଇଥିଲା । ଫଳରେ ଆଇଏମ୍ଓ ସୁରକ୍ଷା କାରଣର ଦ୍ୱାହି ଦେଇ ଉଦ୍ଧାର କାର୍ଯ୍ୟ ଅସ୍ଥାୟୀ ଭାବେ ବନ୍ଦ ରଖିଛି । ଆଇଏମ୍ଓ ମହାସଚିବ ଆର୍ସେନିଓ ଡୋମିଙ୍ଗୁଏଜ୍ କହିଛନ୍ତି ଯେ, ଉଦ୍ଧାର କରାଯିବା ତାଲିକାରେ ଥିବା ଜାହାଜଗୁଡ଼ିକର ସୁରକ୍ଷା ସୁନିଶ୍ଚିତ ନହେବା ପର୍ଯ୍ୟନ୍ତ ଅଭିଯାନ ଆଗକୁ ବଢ଼ିବ ନାହିଁ । ତେବେ ଗୁରୁବାର ଆକ୍ରମଣର ଶିକାର ଜାହାଜ ଜାତିସଂଘର ଉଦ୍ଧାର ମିଶନର ଅଂଶ ନଥିଲା । ଏହି ଘଟଣା ସ୍ପଷ୍ଟ କରିଛି ଯେ, ସମୁଦ୍ର ପଥ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । ଆଇଏମ୍ଓ କହିଛି ଯେ, ଏହି ଅଞ୍ଚଳରେ ପାଖାପାଖି ୨୦,୦୦୦ ନାବିକ ପୃଥକ୍ ପୃଥକ୍ ଜାହାଜରେ ଫସି ରହିଛନ୍ତି । ଏମାନଙ୍କ ମଧ୍ୟରୁ ୧୧,୦୦୦ ନାବିକଙ୍କୁ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ଯୋଜନା କରାଯାଇଥିଲା । ଏବେ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିବାବେଳେ ନାବିକମାନେ ମଝି ସମୁଦ୍ରରେ ଫସି ରହିଛନ୍ତି । ସୂଚନାଯୋଗ୍ୟ, ଗତ ସପ୍ତାହରେ ୧୨୫ଟି ଜାହାଜ ହର୍ମୁଜ ପାର୍ କରିଥିବାବେଳେ ଜୁନ୍ ୨୪ ତାରିଖ (ବୁଧବାର) ୭୮ଟି ଜାହାଜ ହର୍ମୁଜ ପାର୍ କରିଥିଲା ।

## ଆଇନ ଅଦାଲତ

# ପତ୍ନୀ ନିଖୋଜ ନେଇ ମିଛ ଅଭିଯୋଗ : ହାଇକୋର୍ଟରେ ସ୍ୱାମୀଙ୍କୁ ୫୦ ହଜାର ଜରିମାନା



**କଟକ(ଏନ୍.ଏମ୍.) :** ମିଛରେ ପତ୍ନୀ ନିଖୋଜ ଥିବା ଦର୍ଶାଇ ହାଇକୋର୍ଟରେ ହେବିୟସ କର୍ପସ ପିଟିସନ ଦାୟର କରିଥିବା ସ୍ୱାମୀ ୫୦ ହଜାର ଟଙ୍କା ଦଣ୍ଡ ଗଣିବେ । ନିଖୋଜ ପତ୍ନୀଙ୍କ ଉଦ୍ଧାର ପାଇଁ ସ୍ୱାମୀ ଦାୟର କରିଥିବା ହେବିୟସ କର୍ପସ ପିଟିସନର ହାଇକୋର୍ଟରେ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ଯେ ପତ୍ନୀ ନିଜ ଇଚ୍ଛାରେ ସ୍ୱାମୀଙ୍କ ଘର ଛାଡ଼ି ଚାଲିଯାଇଛନ୍ତି । ପତ୍ନୀଙ୍କୁ ଅନ୍ୟ ଜଣେ ବ୍ୟକ୍ତି ଅପହରଣ କରିଥିବା ସ୍ୱାମୀ ଅଭିଯୋଗ କରିଥିବା ବେଳେ ଏଥିରେ କୌଣସି ସତ୍ୟତା ନାହିଁ । ଦାମ୍ପତ୍ୟ ବିବାଦ କାରଣରୁ ସ୍ୱଇଚ୍ଛାରେ ପତ୍ନୀ ସ୍ୱାମୀଙ୍କ ଘର ଛାଡ଼ି ଯାଇଥିବା ବେଳେ ତାଙ୍କ ଉପରେ ଚାପ ସୃଷ୍ଟି ପାଇଁ ସ୍ୱାମୀ ହାଇକୋର୍ଟରେ ହେବିୟସ କର୍ପସ ମାମଲା ଦାୟର କରିଛନ୍ତି । ସ୍ୱଚ୍ଛ ହାତରେ ଆବେଦନକାରୀ ସ୍ୱାମୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଥିବାରୁ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଥି ସହିତ ହେବିୟସ କର୍ପସ ପିଟିସନ ଦାୟର କରିଥିବା ସ୍ୱାମୀଙ୍କୁ ଦୁଇ ସପ୍ତାହ ଭିତରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ୫୦ ହଜାର ଟଙ୍କା ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲେଶ୍ୱର ଜିଲ୍ଲାର ବାସିନ୍ଦା ସ୍ୱାମୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ବ୍ୟକ୍ତିଗତ ହିସାବ ବରାବର କରିବା ପାଇଁ ବା ପ୍ରତିପକ୍ଷକୁ ଚାପଗ୍ରସ୍ତ କରିବା ପାଇଁ କୋର୍ଟଙ୍କୁ ଏକ ଉପକରଣ ଭାବେ ବ୍ୟବହାର କରିବା ପାଇଁ ହେବିୟସ କର୍ପସ ପିଟିସନ ଦାଖଲ କରିବାର ଧାରା ନିକଟରେ ବିକଶି ହୋଇଛି ।

ମାମଲାର ବିବରଣୀରୁ ପ୍ରକାଶ ଯେ ପତ୍ନୀଙ୍କ ନିଖୋଜ ହେବା ନେଇ ସ୍ୱାମୀ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ଏହାପରେ ନିଖୋଜ ପତ୍ନୀଙ୍କୁ ଉଦ୍ଧାର ପ୍ରସଂଗ ନେଇ ଆବେଦନକାରୀ ହାଇକୋର୍ଟରେ ହେବିୟସ କର୍ପସ ପିଟିସନ ଦାଖଲ କରିଥିଲେ । ପତ୍ନୀ ନିଜ ଇଚ୍ଛାରେ ସ୍ୱାମୀଙ୍କ ଠାରୁ ପୃଥକ ରହୁଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ ।

# ଚାମେଲି ଓଝା ମାମଲା : ହାଇକୋର୍ଟରୁ ଜନସ୍ୱାର୍ଥ ଆବେଦନ ପ୍ରତ୍ୟାହୃତ

**କଟକ(ଏନ୍.ଏମ୍.) :** ବହୁ ଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କ ପ୍ରସଂଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲା ହାଇକୋର୍ଟରୁ ବୁଧବାର ପ୍ରତ୍ୟାହୃତ ହୋଇଛି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଭାରତୀୟ ବିକାଶ ପରିଷଦ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ଆବେଦନର ପ୍ରାରମ୍ଭିକ ଶୁଣାଣି ହୋଇଛି । ଶୁଣାଣି ବେଳେ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିଲା । ଏହାପରେ ଆବେଦନ ପ୍ରତ୍ୟାହାର ପାଇଁ ଆବେଦନକାରୀଙ୍କ ତରଫରୁ ଅନୁମତି ଲୋଡ଼ା ଯାଇଥିଲା । ହାଇକୋର୍ଟ ଏଥି ପାଇଁ ଅନୁମତି ଦେବା ସହିତ ମାମଲାର ଶୁଣାଣିରେ ଅନ୍ତ ଘଟାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଚାମେଲିଙ୍କୁ ନିର୍ଯାତନା ଓ ଗିରଫଦାରୀ ଘଟଣାକୁ ନେଇ ଭାରତୀୟ ବିକାଶ ପରିଷଦ ତରଫରୁ ଗତ ସପ୍ତାହରେ ଏହି ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା । ଆବେଦନରେ ଦର୍ଶାଯାଇଥିଲା ଯେ ଜଣେ ଜନ ପ୍ରତିନିଧି ମହାକାଳପଡ଼ା ବିଡିଓଙ୍କ ପାଖକୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ପ୍ରସଂଗକୁ ନେଇ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ । ଅନ୍ୟପକ୍ଷରେ ସେ ପୁଲିସକୁ ଆକ୍ରମଣ କରିଥିଲେ ବୋଲି ଦର୍ଶାଯାଇ ତାଙ୍କୁ ଗିରଫ କରାଯାଇଥିଲା । ଏଭଳି ଘଟଣାର ନିରପେକ୍ଷ ତଦନ୍ତ କରାଯିବା ଆବଶ୍ୟକ । ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଦ୍ୱାରା ସମଗ୍ର ଘଟଣାର ତଦନ୍ତ କରାଗଲେ ସତ ପଦାକୁ ଆସିବ । ସେହିପରି ଭାବେ ବିଡିଓଙ୍କ ସହିତ ଚାମେଲି କଥା ହେବା ବେଳେ ସଂପୂର୍ଣ୍ଣ ଭାବେ ସୁସ୍ଥ ଥିଲେ । ପରବର୍ତ୍ତୀ ସମୟରେ ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚାମେଲିଙ୍କ ସ୍ୱାସ୍ଥ୍ୟବସ୍ଥା କାହିଁକି ବିଗିଡ଼ିଥିଲା ଓ ତାଙ୍କୁ ଆକ୍ରମଣ କରାଯାଇଥିଲା କି ନାହିଁ ତାହା ଯାଞ୍ଚ ହେବା ଜରୁରୀ । ଏଭଳି ସ୍ଥିତିରେ ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସଂପର୍କିତ ରିପୋର୍ଟ ତଲବ କରାଯାଉ । ଏଥି ସହିତ ଘଟଣା ଦିନର ସିସି ଟିଭି ଫୁଟେଜ ସଂରକ୍ଷିତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା । ସମ୍ବେଦନଶୀଳ ସ୍ଥିତିରେ ସାଧାରଣ ଲୋକଙ୍କ ପ୍ରତି ପୁଲିସର ଉଚିତ ବ୍ୟବହାର ପ୍ରଦର୍ଶନ ନେଇ ଏକ ସ୍ୱତନ୍ତ୍ର ଗାଇଡଲାଇନ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା । ମାମଲାରେ ମୁଖ୍ୟ ସଚିବ, ଗୃହ ସଚିବ, ପଞ୍ଚାୟତିରାଜ ସଚିବ, ପୁଲିସ ଡିଜି, କେନ୍ଦ୍ରାପଡା ଏସପି, ଜିଲାପାଳ, ମହାକାଳପଡ଼ା ବିଡିଓ ଓ ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା ।

**ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ସଂଶୋଧିତ ନିୟମାବଳୀ ଅନୁସାରେ ବାଲି ସଇରତ ଉତ୍ସ ବାତିଲ ପାଇଁ ତହସିଲଦାରଙ୍କ କ୍ଷମତା ନାହିଁ

**କଟକ(ଏନ୍.ଏମ୍.) :** ୨୦୨୨ରେ ଲଘୁ ଖଣିଜ ଦ୍ରବ୍ୟ ସଂପର୍କିତ ନିୟମାବଳୀ (ଓଏମଏମସି ରୁଲ୍ସ)ରେ ସଂଶୋଧନ ହେବା ପରେ କ୍ଷମତା ନଥିଲେ ମଧ ରାଜ୍ୟରେ ତହସିଲଦାରମାନେ ବାଲି ସଇରତ ଉତ୍ସ ନିଲାମ ବାତିଲ ଭଳି ନିର୍ଦ୍ଦେଶ ପ୍ରଦାନ କରୁଥିବା ଘଟଣାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ବାଲି ସଇରତ ଉତ୍ସ ସଂପର୍କିତ କ୍ଷମତା ବହିର୍ଭୂତ ନିର୍ଦ୍ଦେଶ ଗୁଡ଼ିକ ପାଇଁ ହାଇକୋର୍ଟରେ ବହୁ ସଂଖ୍ୟାରେ ମାମଲା ରୁଜୁ ହେଉଛି । ସଂଶୋଧିତ ନିୟମାବଳୀ ତହସିଲଦାରଙ୍କ ନିକଟରୁ ଏହି କ୍ଷମତା କାଢି ନେଇ ଖଣି ଅଧିକାରୀଙ୍କ ନିକଟରେ ନ୍ୟସ୍ତ କରିଛି । ଏଭଳି ସ୍ଥିତିରେ ତହସିଲଦାରଙ୍କ ଏ ସଂପର୍କିତ ନିର୍ଦ୍ଦେଶ ବେଆଇନ ଓ ଏହାକୁ ପ୍ରଶାସନିକ କ୍ଷେତ୍ରରେ ସ୍ଥାନ ପାଇବାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ଏଥି ସହିତ ନୟାହାଟପାଟଣା ବୈତରଣୀ ନଦୀ ବାଲି ଉତ୍ସ ଲିଜ ବାତିଲ କରି ବ୍ୟାସନଗର ତହସିଲଦାର ୨୦୨୩, ଜୁଲାଇ ୧୭ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ଏ ସଂପର୍କିତ ସମସ୍ତ ରେକର୍ଡ ଦୁଇ ସପ୍ତାହ ଭିତରେ ଖଣି ଅଧିକାରୀଙ୍କ ନିକଟକୁ ତହସିଲଦାର ସ୍ଥାନାନ୍ତର କରିବେ । ଏହାପରେ ଏହି ପ୍ରସଂଗରେ ଖଣି ଅଧିକାରୀ ସ୍ୱାଧୀନ ଭାବେ ସାନି ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶଶିକାନ୍ତ ଜେନାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ ଯେ ଓଏମଏମସି ନିୟମାବଳୀରେ ୨୦୨୨ରେ ସଂଶୋଧନ ହୋଇଥିଲା ଓ ତହିସିଲଦାରଙ୍କ ଠାରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଲିଜି ବାତିଲ ଓ ଅନ୍ୟାନ୍ୟ କେତେକ କ୍ଷମତା କାଢି ନିଆଯାଇ ଖଣି ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ସଂଶୋଧିତ ନିୟମାବଳୀ ନେଇ ୨୦୨୨, ଡିସେମ୍ବର ୨୮ରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆବେଦନକାରୀ ନୟାହାଟପାଟଣା ବେ ?ତରଣୀ ନଦୀ ବାଲି ଉତ୍ସ ଲିଜ ପାଇଥିଲେ । ୨୦୨୩, ଜୁଲାଇ ୧୭ରେ ବ୍ୟାସନଗର ତହସିଲଦାର ଏହି ବାଲି ସଇରତ ଉତ୍ସ ଲିଜ ବାତିଲ କରିବା ସହିତ ଆବେଦନକାରୀଙ୍କ ସୁରକ୍ଷା ଜମା ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତହସିଲଦାରଙ୍କ କ୍ଷମତା ନାହିଁ ଓ କ୍ଷମତା ପରିସର ବାହାରକୁ ଯାଇ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ବେଆଇନ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ହତ୍ୟା ମାମଲାର ଅଭିଯୁକ୍ତକୁ ୬ ବର୍ଷ ଜେଲଦଣ୍ଡ

**ନବରଙ୍ଗପୁର (ଏନ୍.ଏମ୍.) :** ନବରଙ୍ଗପୁର ଜିଲ୍ଲା ଏବଂ ଦୌରାଜଜ କୋର୍ଟରେ ଚାଲିଥିବା ଏକ ହତ୍ୟା ମାମଲାର ବିଚାର କରି ଜିଲ୍ଲା ଏବଂ ଦୌରାଜଜ ସଂଗ୍ରାମ କେଶରୀ ପଟ୍ଟନାୟକ ୨୮ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ତେନ୍ତୁଳୀଖୁଣ୍ଟି ଥାନା ଅନ୍ତର୍ଗତ ପିତାକୁମୁଲି ଗ୍ରାମର ଅଭିଯୁକ୍ତ ହରି ଶିରାକୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୮(୨) ରେ ଦୋଷୀ ସାବ୍ୟସ୍ତ କରି ୬ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦,୦୦୦/- ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଆହୁରି ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାରୁ ଜଣାଯାଏ ଯେ, ୨୦୨୪ମସିହା ଅକ୍ଟୋବର ୧୪ତାରିଖ ଦିନ ଗୋଟାଏ ବେଳେ ଅଭିଯୁକ୍ତ ହରି ଶିରା ମୃତକ



ହୀରା ଭତରା ଘରକୁ ଯାଇ ତାକୁ ଅଭଦ୍ର ଭାଷା ରେ ଗାଳି ଗୁଲଜ କରିବା ସହ ହୀରାର ଶାଢ଼ି ଟଣା ଟାଣି କରିଥିଲା । ଗୋଟିଏ ପିଜୁଳି ବାଡ଼ିରେ ତାକୁ ଆକ୍ରମଣ କରି ତା ମୁଣ୍ଡ ଏବଂ ଦେହରେ ଆଘାତ କଲା ଯାହା ଫଳରେ ସେ ଘଟଣା ସ୍ଥଳରେ ପଡିଗଲା । ତା ଝିଅ ଚନ୍ଦ୍ରା ଭତରା ସଂଗେ ସଂଗେ ତେନ୍ତୁଳିଖୁଣ୍ଟି, ନବରଙ୍ଗପୁର, କୋରାପୁଟ ସହିଦଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଶେଷରେ ଘଟଣାର ୧୫ଦିନ ପରେ ଜୟପୁର ଉଷା ହସ୍ପିଟାଲରେ ହୀରା ଭତରାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ପୁଲିସ ଅଭିଯୁକ୍ତକୁ ଗିରଫ କରି ଦଫା ୩୦୨ରେ କୋର୍ଟକୁ ଚାଲାଣ କରିଥିଲେ । ତେବେ ଚିକିତ୍ସାରେ ଅବହେଳା ତଥା ଘଟଣାର ୧୫ଦିନ ପରେ ହୀରା ମୃତ୍ୟୁବରଣ କରିଥିବା ଏବଂ ମୃତ୍ୟୁର କାରଣକୁ ନେଇ ଉପଯୁକ୍ତ ସାକ୍ଷ୍ୟ ନ ମିଳିବାରୁ ଜିଲ୍ଲା ଏବଂ ଦୌରାଜଜ ଅଭିଯୁକ୍ତକୁ ୬ବର୍ଷ ସଶ୍ରମକାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା ପରିଚାଳନା କରୁଥିଲେ ବେଳେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ ଶୈଳଜା ପଟ୍ଟନାୟକ ତଦାରଖ କରିଥିଲେ ।



## ସମ୍ପାଦକୀୟ

# ପାଠ୍ୟପୁସ୍ତକରେ ତ୍ରୁଟି : ଶିକ୍ଷା ବ୍ୟବସ୍ଥା ପ୍ରତି ଏକ ଗୁରୁତର ପ୍ରଶ୍ନ

ଏକ ରାଜ୍ୟର ଭବିଷ୍ୟତ ତାହାର ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରେ । ଶିକ୍ଷା କେବଳ ପାଠ୍ୟପୁସ୍ତକରେ ସୀମିତ ନୁହେଁ, କିନ୍ତୁ ପାଠ୍ୟପୁସ୍ତକ ହିଁ ଜଣେ ଛାତ୍ରର ଜ୍ଞାନାର୍ଜନର ପ୍ରଥମ ଓ ପ୍ରମୁଖ ମାଧ୍ୟମ । ତେଣୁ ସେଥିରେ ଯଦି ତ୍ରୁଟି ରହିଥାଏ, ତାହା କେବଳ ଛାପା ଭୁଲ ନୁହେଁ; ଏହା ଭବିଷ୍ୟତ ପିଢ଼ିର ଜ୍ଞାନଭିତ୍ତିକୁ ଦୁର୍ବଳ କରିବା ସହିତ ସମଗ୍ର ଶିକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରେ । ଚଳିତ ଶିକ୍ଷାବର୍ଷରେ ଓଡ଼ିଶାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ପାଠ୍ୟପୁସ୍ତକରେ ବିଭିନ୍ନ ପ୍ରକାରର ତ୍ରୁଟି ଥିବା ଘଟଣା ସାମ୍ନାକୁ ଆସିଛି । କେଉଁଠି ଭୁଲ ତଥ୍ୟ, କେଉଁଠି ଭାଷାଗତ ଅସଙ୍ଗତି, କେଉଁଠି ମୁଦ୍ରଣ ତ୍ରୁଟି, ତ କେଉଁଠି ପ୍ରଶ୍ନ-ଉତ୍ତରରେ ଗୁରୁତର ଅସମନ୍ୱୟ । ଏହା କେବଳ ଦୁଃଖଦ ନୁହେଁ ବରଂ ଚିନ୍ତାଜନକ । କାରଣ ଏହି ପୁସ୍ତକଗୁଡ଼ିକ ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ହାତରେ ପହଞ୍ଚି ସାରିଛି ଏବଂ ବିଦ୍ୟାଳୟଗୁଡ଼ିକ ମଧ୍ୟ ଖୋଲିଯାଇଛ । ଏବେ ସବୁଠାରୁ ବଡ଼ ପ୍ରଶ୍ନ- ଶିକ୍ଷକମାନେ ପଢ଼ାଇବେ କିପରି ? ସେମାନେ ପୁସ୍ତକରେ ଲେଖା ଭୁଲ ତଥ୍ୟକୁ ପଢ଼ାଇବେ, ନା ନିଜ ଜ୍ଞାନ ଆଧାରରେ ସଂଶୋଧନ କରି ପଢ଼ାଇବେ ? ଯଦି ସେମାନେ ପୁସ୍ତକ ବାହାରେ ଯାଇ ପଢ଼ାନ୍ତି, ତେବେ ପରୀକ୍ଷାରେ ଛାତ୍ରଛାତ୍ରୀ କେଉଁ ଉତ୍ତର ଲେଖିବେ ? ପୁସ୍ତକର ଭୁଲ ଉତ୍ତର ନା ଶିକ୍ଷକଙ୍କ ଠିକ୍ ବ୍ୟାଖ୍ୟା ? ଏହି ଦ୍ୱନ୍ଦ୍ୱ କେବଳ ଶିକ୍ଷକଙ୍କୁ ନୁହେଁ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ମଧ୍ୟ ଅସୁବିଧାରେ ପକାଇଛି । ଜଣେ ଶିକ୍ଷକ କେବଳ ପାଠ ପଢ଼ାନ୍ତି ନାହିଁ; ସେ ଜଣେ ଛାତ୍ରର ମନରେ ସତ୍ୟ, ଯୁକ୍ତି ଓ ଜ୍ଞାନର ବିହନ ବୁଣନ୍ତି । କିନ୍ତୁ ଯେତେବେଳେ ସରକାରୀ ପାଠ୍ୟପୁସ୍ତକ ନିଜେ ଭୁଲରେ ଭରିଥାଏ, ସେତେବେଳେ ଶିକ୍ଷକଙ୍କ ପେସାଗତ ସତ୍ୟନିଷ୍ଠା ଏବଂ ଦାୟିତ୍ୱବୋଧ ମଧ୍ୟ କଠିନ ପରୀକ୍ଷାର ସମ୍ମୁଖୀନ ହୁଏ । ସେମାନେ ପ୍ରତିଦିନ ଶ୍ରେଣୀଗୃହରେ ପୁସ୍ତକର ଭୁଲ ସଂଶୋଧନ କରିବାରେ ସମୟ ବ୍ୟୟ କରିବେ, ନା ପାଠଦାନରେ ମନୋନିବେଶ କରିବେ ? ଏହି ପରିସ୍ଥିତି ପାଇଁ ଦାୟୀ କିଏ ? ପାଠ୍ୟପୁସ୍ତକ ପ୍ରସ୍ତୁତିରେ ନିୟୋଜିତ ବିଷୟ ବିଶେଷଜ୍ଞ, ସମ୍ପାଦକ, ପ୍ରୁଫ୍‌ରିଡର, ପରୀକ୍ଷଣ କମିଟି କିମ୍ବା ପ୍ରକାଶନ ସଂସ୍ଥା ? ଯଦି ଏତେସ୍ତରର ଯାଞ୍ଚ ପରେ ମଧ୍ୟ ତ୍ରୁଟି ରହିଯାଉଛି, ତେବେ ଏହା ସମଗ୍ର ବ୍ୟବସ୍ଥାରେ ଗୁରୁତର ଅବହେଳାର ପ୍ରମାଣ । ଶିକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଏଭଳି ଅବହେଳା କେବେ ବି ଗ୍ରହଣୀୟ ହୋଇପାରେ ନାହିଁ । ଆଜିର ଦିନରେ ଛାତ୍ରଛାତ୍ରୀମାନେ କେବଳ ପରୀକ୍ଷା ପାଇଁ ପଢୁନାହାନ୍ତି । ସେମାନଙ୍କ ମଧ୍ୟରେ ଯୁକ୍ତିବୋଧ, ବୈଜ୍ଞାନିକ ଚିନ୍ତାଧାରା ଓ ସଠିକ୍ ତଥ୍ୟ ଉପରେ ଆଧାରିତ ଜ୍ଞାନ ଗଢ଼ି ଉଠିବା ଆବଶ୍ୟକ । ଯଦି ମୂଳ ପାଠ୍ୟପୁସ୍ତକରେ ଭୁଲ ରହିବ, ତେବେ ସେହି ଭୁଲ ଦୀର୍ଘଦିନ ପର୍ଯ୍ୟନ୍ତ ସେମାନଙ୍କ ମନରେ ରହିଯିବ । ଏହାର ପ୍ରଭାବ କେବଳ ଗୋଟିଏ ଶ୍ରେଣୀ କିମ୍ବା ଗୋଟିଏ ପରୀକ୍ଷାରେ ସୀମିତ ରହିବ ନାହିଁ; ଏହା ସେମାନଙ୍କ ଭବିଷ୍ୟତ ଶିକ୍ଷାଜୀବନକୁ ମଧ୍ୟ ପ୍ରଭାବିତ କରିବ । ଶିକ୍ଷା ବିଭାଗ ଏହି ଘଟଣାକୁ ସାଧାରଣ ତ୍ରୁଟି ବୋଲି ଏଡ଼ାଇ ଯିବା ଉଚିତ୍ ନୁହେଁ । ତୁରନ୍ତ ସମସ୍ତ ତ୍ରୁଟିର ତାଲିକା ପ୍ରକାଶ କରିବା, ବିଦ୍ୟାଳୟଗୁଡ଼ିକୁ ସଂଶୋଧନୀ ପତ୍ର (ରକ୍ସକ୍ସବସ୍ପବ) ପଠାଇବା, ଶିକ୍ଷକମାନଙ୍କ ପାଇଁ ସ୍ୱଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବା ଏବଂ ପରବର୍ତ୍ତୀ ସଂସ୍କରଣରେ ସମସ୍ତ ତ୍ରୁଟି ସଂଶୋଧନ କରିବା ଜରୁରୀ । ଏହା ସହିତ, ଭବିଷ୍ୟତରେ ପାଠ୍ୟପୁସ୍ତକ ପ୍ରକାଶ ପୂର୍ବରୁ କଠୋର ଗୁଣାତ୍ମକ ଯାଞ୍ଚ ବ୍ୟବସ୍ଥା ଲାଗୁ କରାଯିବା ଆବଶ୍ୟକ । ଶିକ୍ଷା କୌଣସି ପରୀକ୍ଷାଗାର ନୁହେଁ, ଯେଉଁଠାରେ ବାରମ୍ବାର ଭୁଲ କରି ସଂଶୋଧନ କରାଯିବ । ଏଠାରେ ପ୍ରତ୍ୟେକ ଭୁଲର ମୂଲ୍ୟ ଦେଇଥାଏ ଜଣେ ନିରୀହ ଛାତ୍ର, ଜଣେ ସଂଘର୍ଷଶୀଳ ଶିକ୍ଷକ ଏବଂ ଜଣେ ଚିନ୍ତିତ ଅଭିଭାବକ । ସେଥିପାଇଁ ଏହି ଘଟଣାର ନିରପେକ୍ଷ ତଦନ୍ତ ହେବା ସହିତ ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ । ଏକ ସୁଦୃଢ଼ ଶିକ୍ଷା ବ୍ୟବସ୍ଥା ଗଢ଼ିବାକୁ ହେଲେ ପାଠ୍ୟପୁସ୍ତକର ଗୁଣବତ୍ତା ସହ କେବେ ବି ଆପୋଷ କରାଯାଇପାରିବ ନାହିଁ । କାରଣ ଆଜିର ପାଠ୍ୟପୁସ୍ତକ ହିଁ ଆସନ୍ତାକାଲିର ସମାଜକୁ ଗଢ଼ିଥାଏ । ଯଦି ଭିତ୍ତି ଦୁର୍ବଳ ହେବ, ତେବେ ଭବିଷ୍ୟତର ଅଟ୍ଟାଳିକା କେବେ ସୁଦୃଢ଼ ହୋଇପାରିବ ନାହିଁ ।

## କବିତା ଗୁଚ୍ଛ

### ମାଟିର ମହକ



ନା ତୁମେ ଦ୍ରୁପଦ ରାଜ ନନ୍ଦିନୀ କୃଷ୍ଣା
ନା ତୁମେ ପାଣ୍ଡବ ଙ୍କ ପାଞ୍ଚାଳି,
ନା ତୁମେ ହସ୍ତିନାପୁର ର ମହାରାଣୀ
ତୁମେ କୋଟି ଓଡ଼ିଆ ଙ୍କ ମଉଡ଼ମଣି ।
ମୁକୁଟ ବିହୀନ ସାମ୍ରାଜ୍ଞି ।
ଥିଲ ଓଡିଶା ର ଗର୍ବ
ଏବେ ଭାରତ ର ଗୌରବ
ତୁମେ ଅଗ୍ନି ରୁ ସମ୍ଭୁତା ନୁହେଁ,ତଥାପି
ଜୀବନ ର ଝଞ୍ଜା କୁ ଏଡେଇ
କଣ୍ଟକିତ ପଥକୁ ସୁଗମ କରି
ଧୈର୍ଯ୍ୟ ସହନଶୀଳତା କୁ ପାଥେୟ କରି
ଆଜି ଦେଶ ର ସର୍ବୋଚ୍ଚ ନାଗରିକ ।
ନାରୀ ସଶକ୍ତୀକରଣ ର ପ୍ରତୀକ ଟିଏ
ଆଧ୍ୟାତ୍ମିକ ସକାରାତ୍ମକ ଚିନ୍ତାଧାରା
ବହୁଥିବା ସୁଅ ଟିଏ ।
ତୁମେ ନାରୀ ନୁହେଁ ନାରାୟଣୀ
ପ୍ରଚଣ୍ଡ ବ୍ୟକ୍ତିତ୍ୱ ର ଅଧିକାରିଣୀ ।
ନାରୀ ଜାତି ର ଆଦର୍ଶ
ପଲ୍ଲୀ ରୁ ଦିଲ୍ଲୀ ଯାଏଁ
ରାଇରଙ୍ଗପୁର ରୁ ରାଇସିନା
ସବୁଠି ତୁମ ଯଶ ଗାନ
ଜନ୍ମଦିନ ର ଅଜସ୍ର ଅଭିନନ୍ଦନ ।

- ଗାୟତ୍ରୀ ସିଂହ
ଆଠମଲ୍ଲିକ, ଅନୁଗୁଳ
ଦୂରଭାଷ : ୭୬୦୬୯୫୭୪୪୫

# ଶାନ୍ତି ଓ ପରିବର୍ତ୍ତନରେ ମୁସଲିମ୍ ମହିଳା

ଭାରତର ସାମାଜିକ ଗଠନ ସଦା ବିବିଧତା, ସହାବସ୍ଥାନ ଏବଂ ସାମୂହିକ ଅଂଶଗ୍ରହଣର ମୂଲ୍ୟବୋଧ ଦ୍ୱାରା ଆକୃତି ପାଇଆସିଛି । କିନ୍ତୁ ସାମ୍ପ୍ରଦାୟିକ ଧ୍ରୁବୀକରଣ ଏବଂ ଭାବପ୍ରବଣ ବିଖଣ୍ଡନରେ ଚିହ୍ନିତ ବର୍ତ୍ତମାନ ସମୟରେ ଶାନ୍ତି ସ୍ଥାପନ ଓ ନୀତି ନିର୍ଦ୍ଧାରଣ ସମ୍ବନ୍ଧୀୟ ଆଲୋଚନାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱର ପ୍ରାୟତଃ ଅବହେଳିତ ରହିଯାଉଛି- ସେହିସ୍ୱର ହେଉଛି ମହିଳା ମାନଙ୍କର । ସମ୍ପ୍ରଦାୟ ମଧ୍ୟରେ ମହିଳାମାନେ ଦୀର୍ଘଦିନ ଧରି ପରିବାର, ପଡ଼ୋଶୀ ଏବଂ ସାମାଜିକ ଗୋଷ୍ଠିଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ସୌହାର୍ଦ୍ଦ୍ୟର ନୀରବ ସେତୁବନ୍ଧ ଭାବେ କାର୍ଯ୍ୟ କରିଆସୁଛନ୍ତି । ତଥାପି ଆନୁଷ୍ଠାନିକ ନିଷ୍ପତି ଗ୍ରହଣ ପ୍ରକ୍ରିୟା ଓ ନୀତି-ନିର୍ଦ୍ଧାରଣ ମଞ୍ଚଗୁଡ଼ିକରେ ସେମାନଙ୍କର ଅଂଶଗ୍ରହଣ ଏପର୍ଯ୍ୟନ୍ତ ସୀମିତ ରହିଛି, ଯାହା ଶାନ୍ତି ଓ ସାମାଜିକ ସମରସତା ଗଠନରେ ସେମାନଙ୍କର ସମ୍ଭାବ୍ୟ ଅବଦାନକୁ ପୂର୍ଣ୍ଣ ଭାବେ ପ୍ରତିଫଳିତ କରିପାରିନାହିଁ । ମୁସଲିମ୍ ସମାଜରେ ମହିଳାଙ୍କ ସୀମିତ ଅଂଶଗ୍ରହଣକୁ ପ୍ରାୟତଃ ପରମ୍ପରା ନାମରେ ଯଥାର୍ଥ କରାଯାଏ, କିନ୍ତୁ ଇସଲାମିକ ଇତିହାସ ଏକ ଭିନ୍ନ ଚିତ୍ରପ୍ରଦର୍ଶନ କରେ । ଇସଲାମ ମହିଳା ମାନଙ୍କୁ କେବଳ ନିଷ୍କ୍ରିୟ ପର୍ଯ୍ୟବେକ୍ଷକ ଭାବେ ନୁହେଁ, ବରଂ ଜ୍ଞାନ, ପରାମର୍ଶ, ବାଣିଜ୍ୟ ଓ ସମ୍ପ୍ରଦାୟ ନେତୃତ୍ୱର ସକ୍ରିୟ ଅଂଶୀଦାର ଭାବେ ସ୍ୱୀକୃତି ଦେଇଛି । ପ୍ରାରମ୍ଭିକ ଇସଲାମିକ ସମାଜର ଅନେକ ମାହିଳା ରାଜନୈତିକ ନିଷ୍ପତି, ସାମାଜିକ ସଂସ୍କାର ଏବଂ ବୌଦ୍ଧିକ ଜୀବନକୁ ପ୍ରଭାବିତ କରିଥିଲେ । ସେମାନଙ୍କର ଉଦାହରଣ ଏହି ଧାରଣାକୁ ଖଣ୍ଡନ କରେ ଯେ ସାର୍ବଜନୀନ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ଧାର୍ମିକ ମୂଲ୍ୟବୋଧ ସହିତ ଅସଙ୍ଗତ । ଆଜିର ଭାରତରେ ଯେଉଁଠାରେ ସାମାଜିକ ସଂହତି ଓ ସଂଳାପର ଆବଶ୍ୟକତା ବଢୁଛି ସେଠାରେ ମୁସଲିମ ମହିଳାମାନେ ଶାନ୍ତି ସ୍ଥାପନ ଓ ନୀତିଗତ ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଅଭିକର୍ତ୍ତା ହୋଇପାରନ୍ତି । ସେମାନଙ୍କର ଅନ୍ତର୍ଭୁକ୍ତି କେବଳ ପ୍ରତିନିଧିତ୍ୱର ପ୍ରଶ୍ନ ନୁହେଁ, ବରଂ ଏକ ଅଧିକ ଅନ୍ତର୍ଭୁକ୍ତିମୂଳକ ଓ ଗଣତାନ୍ତ୍ରିକ ସମାଜ ଗଠନର ଆବଶ୍ୟକତା । ଇସଲାମିକ ସାମାଜରେ ମାହିଳାମାନଙ୍କର ଅଂଶଗ୍ରହଣର ମୂଳଦୁଆ ଇସଲାମର ଆରମ୍ଭରୁ ହିଁ ପଡ଼ିଥାଏ । ଖାଦିଜା ବିନ୍ତୁ ଖୁଓ୍ୱାଇଲିଦ କେବଳ ଜଣେ ସଫଳ ଉଦ୍ୟୋଗୀ ନଥିଲେ ବରଂ ପ୍ରାରମ୍ଭିକ ମୁସଲିମ ସମ୍ପ୍ରଦାୟକୁ ସମର୍ଥନ କରୁଥିବା ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ମଧ୍ୟରୁ ଜଣେ ଥିଲେ । ତାଙ୍କର ଜ୍ଞାନ, ଆର୍ଥିକ ସ୍ୱାଧୀନତା ଏବଂ ଭାବପ୍ରବଣ ସ୍ଥିରତା ଅତ୍ୟନ୍ତ ଅନିଶ୍ଚିତତା ଏବଂ ନିର୍ଯାତନାର ସମୟରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା । ତାଙ୍କ ଜୀବନ ଏକ ସ୍ମରଣକାରୀ ହୋଇ ରହିଛି ଯେ ଇସଲାମରେ ମହିଳାମାନଙ୍କୁ ନେତୃତ୍ୱ ଏବଂ ପ୍ରଭାବ କେବେବି ପ୍ରତ୍ୟାଖ୍ୟାନ କାରାଯାଇ ନଥିଲା । ସେହିପରି ଆୟଶା ବିଣ୍ଟ୍ ଆବୁ ବକର ଇସଲାମିକ ଇତିହାସର ଜଣେ ମହାନ ବୁଦ୍ଧିଜୀବୀ ଭାବରେ ଉଭା ହୋଇଥିଲେ । ବିଦାନ, ଆଇନବିତ୍ ଏବଂ ସାଥୀମାନେ ଆଇନ, ଶାସନ ଏବଂ ବିଶ୍ୱାସ ବିଷୟରେ ତାଙ୍କର ମାର୍ଗଦର୍ଶନ ଲୋଡ଼ିଥିଲେ । ତାଙ୍କ ବିଦ୍ୱାନତା ମାଧ୍ୟମରେ ହଜାର ହଜାର ବର୍ଣ୍ଣନା ଏବଂ ଆଇନଗତ ବ୍ୟାଖ୍ୟା ସଂରକ୍ଷିତ ହଇଥିଲା । ତାଙ୍କର ଅବଦାନ ଦର୍ଶାଏ ଯେ ମୁସଲିମ ମାହିଳାମାନେ ଐତିହାସିକ ଭାବରେ ବୌଦ୍ଧିକ କର୍ତ୍ତୃତ୍ୱ ଏବଂ ସାର୍ବଜନୀନ ସମ୍ମାନର ସ୍ଥାନ ଅଧିକାର କରିଥିଲେ ।

ଇତିହାସ ଫାତିମା ଅଲ-ଫିହରିୟାଙ୍କୁ ମଧ୍ୟ ମନେ ରଖେ କାରଣ ସେ ବିଶ୍ୱର ସବୁଠାରୁ ପୁରୁଣା ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏ ପ୍ରତିଷ୍ଠା କରିଥିଲେ । ତାଙ୍କର ଅବଦାନ ଶିକ୍ଷାଗତ ଏବଂ ସାମାଜିକ ପ୍ରତିଷ୍ଠାନ ଗଠନରେ ମୁସଲିମ ମହିଳାମାନେ ଯେଉଁ ଗଭୀର ବୌଦ୍ଧିକ ଏବଂ ସଭ୍ୟତାମୂଳକ ଭୂମିକା ଗ୍ରହଣ କରିଥିଲେ ତାହାର ପ୍ରତୀକ । ତଥାପି ଏହି ସମୃଦ୍ଧ ଐତିହ ସତ୍ତ୍ୱେ, ଆଜି ମଧ୍ୟ ଅନେକ ମୁସଲିମ ସମାଜରେ ମହିଳାଙ୍କ ଅଂଶଗ୍ରହଣ ପ୍ରାୟତଃ ପ୍ରତୀକାତ୍ମକ ସ୍ତରରେ ସୀମିତ ରହିଛି । ଭାରତରେ ସାମାଜିକ ସଂକଟ ସମୟରେ ସେମାନଙ୍କର ଉପସ୍ଥିତି ଦୃଶ୍ୟମାନ ହେଲେ ମଧ୍ୟ, ନିଷ୍ପତ୍ତି ଗ୍ରହଣର ମଞ୍ଚଗୁଡ଼ିକରେ ସେମାନଙ୍କର ପ୍ରତିନିଧି ଏପର୍ଯ୍ୟନ୍ତ ସୀମିତ । ସମ୍ପ୍ରଦାୟ କମିଟି, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ଶାନ୍ତି ନିର୍ମାଣ ପଦକ୍ଷେପରେ ସେମାନଙ୍କର ଭୂମିକା ଆବଶ୍ୟକତା ତୁଳନାରେ ଯଥେଷ୍ଟ କମ୍ ରହିଛି । ଏହିପରି ବାଦ୍ ପଡ଼ିବା ହିଁ ସମାଜକୁ ଦୁର୍ବଳ କରେ, କାରଣ ମହିଳାମାନେ ସାମାଜିକ ବାସ୍ତବତାର ପ୍ରଭାବକୁ ଅଧିକ ନିକଟରୁ ଅନୁଭବ କରନ୍ତି । ବେକାରୀ, ସାମ୍ପ୍ରଦାୟିକ ଉତ୍ତେଜନା, ଶିକ୍ଷାର ନିମ୍ନଗାମୀ ଓ ପାରିବାରିକ ଅସ୍ଥିରତା ପରି ସମସ୍ୟାଗୁଡ଼ିକର ପ୍ରଭାବ ସେମାନେ ପ୍ରାୟତଃ ପ୍ରଥମେ ଦେଖନ୍ତି ଓ ଅନୁଭବ କରନ୍ତି । ସେଥିପାଇଁ ସେମାନଙ୍କର ଜୀବନ୍ତ ଅଭିଜ୍ଞତା ଫଳପ୍ରଦ ନୀତି ନିର୍ଦ୍ଧାରଣ ଓ ଦ୍ୱନ୍ଦ ସମାଧାନ ପାଇଁ ମୂଲ୍ୟବାନ ଦୃଷ୍ଟିକୋଣ ପ୍ରଦାନ କରେ । ସାରା ଭାରତରେ ଅନେକ ମୁସଲିମ ମହିଳା ଶିକ୍ଷୟିତ୍ରୀ, ସାମାଜିକ କର୍ମୀ, ପରାମର୍ଶଦାତା ଓ ସମ୍ପ୍ରଦାୟ ନେତୃତ୍ୱକାରୀ ଭାବେ ଶାନ୍ତି ଏବଂ ସାମାଜିକ ସମରସତା ପାଇଁ କାର୍ଯ୍ୟ କରୁଛନ୍ତି । ଅବିଶ୍ୱାସ ଓ ଧ୍ରୁବୀକରଣର ପରିବେଶରେ ସେମାନେ ପରିବାର ଓ ସମ୍ପ୍ରଦାୟ ମଧ୍ୟରେ ସଂଳାପ, ସହାନୁଭୂତି ଓ ସାହାବସ୍ଥାନର ମୂଲ୍ୟବୋଧକୁ ସୁଦୃଢ଼ କରୁଛନ୍ତି । ସେମାନଙ୍କର ଅବଦାନ ସର୍ବଦା ଦୃଶ୍ୟମାନ ନହେଲେ ମଧ୍ୟ, ଶାନ୍ତି ଓ ସାମାଜିକ ସ୍ଥିରତା ରକ୍ଷାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକ ଗଣମାଧ୍ୟମର ଭୁଲ ସୂଚନା ଓ ବିଭାଜନକାରୀ ପ୍ରଭାବ ଯେତେବେଳେ ଯୁବ ପିଢ଼ିକୁ ପ୍ରଭାବିତ କରୁଛି, ସେତେବେଳେ ନେତୃତ୍ୱ କ୍ଷେତ୍ରରେ ମହିଳାଙ୍କ ଅନ୍ତର୍ଭୁକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ ହେଇଯାଏ । ମା, ଶିକ୍ଷକ ଓ ସମ୍ପ୍ରଦାୟ ପରାମର୍ଶଦାତା ଭାବେ ସେମାନେ ନୈତିକ ଚେତନା ଓଁ ସମାଜିକ ମୂଲ୍ୟବୋଧ ଗଠନରେ ନିର୍ଣ୍ଣାୟକ ଭୂମିକା ନିଭାନ୍ତି । ତେଣୁ ନୀତି ଆଲୋଚନାରୁ ମାହିଳାଙ୍କୁ ବାଦ୍ ଦେବା ଅର୍ଥ, ସଂଘର୍ଷ ରୋକିବା ଏବଂ ସଂଳାପକୁ ସୁଦୃଢ଼ କରିବାର ଏକ ମୂଲ୍ୟବାନ ସାମାଜିକ ଅବହେଳା କରିବା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୁସଲିମ ସମାଜରେ ମହିଳାଙ୍କ ସଶକ୍ତୀକରଣକୁ ପରମ୍ପରାର ପରିତ୍ୟାଗ ଭାବେ ନୁହେଁ, ବରଂ ଇସଲାମର ମୂଳ ନୀତି- ନ୍ୟାୟ, ପରାମର୍ଶ, ମର୍ଯ୍ୟାଦା ଓ ସାମୂହିକ ଦାୟିତ୍ୱ- ପ୍ରତି ପ୍ରତ୍ୟାବର୍ତ୍ତନ ଭାବେ ବୁଝିବା ଉଚିତ୍ । କୁରାନ ପୁରୁଷ ଓ ମହିଳା ଉଭୟଙ୍କର ନୈତିକ ଦାୟିତ୍ୱ ଓ ବୌଦ୍ଧିକ ଅବଦାନକୁ ସମାନ ଭାବରେ ସ୍ୱୀକାର କରେ । ତେଣୁ ସାର୍ବଜନୀନ ଜୀବନରେ ମହିଳାଙ୍କ ସୀମିତ ଅଂଶଗ୍ରହଣ ଧାର୍ମିକ ଶିକ୍ଷା ଅପେକ୍ଷା ସାମାଜିକ ଓ ପିତୃସତ୍ତାତ୍ମକ ଧାରଣାର ପରିଣାମ । ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ମହିଳାଙ୍କ ଅନ୍ତର୍ଭୁକ୍ତ ଆବଶ୍ୟକତାକୁ ଆହୁରି ସୁଦୃଢ଼ କରେ । ସମାଜର ଅଧା ଜନସଂଖ୍ୟାର ସ୍ୱରକୁ ଅବହେଳା କରି କୌଣସି ରାଷ୍ଟ୍ର ସ୍ଥାୟୀ ପ୍ରଗତି ହାସଲ କରିପାରେ ନାହିଁ । ଶାନ୍ତି ଓ ସାମାଜିକ ସଂହତି ପାଇଁ ସମସ୍ତ ବର୍ଗର ଅଂଶଗ୍ରହଣ ଆବଶ୍ୟକ, ବିଶେଷକରି ସେହି ମହିଳାମାନଙ୍କର ଯେଉଁମାନେ ତୃଣମୂଳ ସ୍ତରରେ ସମ୍ପ୍ରଦାୟକୁ ସୁଦୃଢ଼ କରନ୍ତି । ମୁସଲିମ ମହିଳାମାନେ ସମ୍ପ୍ରଦାୟ, ପିଢ଼ି ଓ ଅନୁଷ୍ଠାନ ମଧ୍ୟରେ ସେତୁବନ୍ଧ ହୋଇପାରନ୍ତି, ଯଦି ସେମାନଙ୍କର ନେତୃତ୍ୱକୁ ସ୍ୱୀକୃତି ଓ ସମର୍ଥନ ମିଳେ । ସମସାମୟିକ ଭାରତରେ, ଯେଉଁଠାରେ ସାମଜିକ ସମନ୍ୱୟ ବିଭିନ୍ନ ଆହ୍ୱାନର ସମ୍ମୁଖୀନ, ସେଠାରେ ମୁସଲିମ ମହିଳାଙ୍କ ଅଂଶଗ୍ରହଣ ପୂର୍ବାପେକ୍ଷା ଅଧିକ ଜରୁରୀ । ଶିକ୍ଷା, କଲ୍ୟାଣ, ଶାନ୍ତି ଓ ସମ୍ପ୍ରଦାୟ ସଂସ୍କାର ସମ୍ବନ୍ଧୀୟ ନିଷ୍ପତ୍ତିରେ ସେମାନଙ୍କ ଭୂମିକା କେବଳ ସାଙ୍କେତିକ ନୁହେଁ, ବରଂ ନେତୃତ୍ୱ, ମୂଳକ ହେବା ଉଚିତ । ସେମାନେ ପରିବର୍ତ୍ତନର କେବଳ ଲାଭାର୍ଥୀ ନୁହଁନ୍ତି, ବରଂ ତାହାର ସକ୍ରିୟ ନିର୍ମାତା । ପ୍ରକୃତ ଶାନ୍ତି ସହଭାଗିତା, ସଂଳାପ ଓ ପାରସ୍ପରିକ ଦାୟିତ୍ୱବୋଧରୁ ଜନ୍ମ ନିଏ । ତେଣୁ ଶାନ୍ତି ନିର୍ମାଣ ଓ ନୀତି ନିର୍ଦ୍ଧାରଣରେ ମୁସଲିମ ମହିଳାଙ୍କ ଅନ୍ତର୍ଭୁକ୍ତି କେବଳ ଇସଲାମିକ ଐତିହ୍ୟକୁ ସମ୍ମାନ ଦେବ ତାହା ନୁହେଁ, ବରଂ ଭାରତର ଗଣତାନ୍ତ୍ରିକ ଓ ବହୁଳବାଦୀ ମୂଲ୍ୟବୋଧକୁ ମଧ୍ୟ ସୁଦୃଢ଼ କରିବ ।

- ଇନସା ୱାରସୀ
ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍ ଷ୍ଟଡିଜ
ଜାମିଆ ମିଲିଆ ଇସଲାମିଆ

# ପବିତ୍ର ନ୍ୟାସ ଏବଂ ସନ୍ଦେହର ଛାୟା : ଅଯୋଧ୍ୟାର କରିଡରରେ ବିଶ୍ୱାସର ପୁନରୁଦ୍ଧାର ପ୍ରୟାସ

ପ୍ରଭୁ ଶ୍ରୀ ରାମଙ୍କ ଜନ୍ମଭୂମି ସୁଦୃଶ୍ୟ ମନ୍ଦିରର ଉଦୀୟମାନ ଶିଖର ଦ୍ୱାରା ଚିହ୍ନିତ ଅଯୋଧ୍ୟାର ମହାନ ଆଧ୍ୟାତ୍ମିକ ପୁନର୍ଜାଗରଣ । ଏହି ମନ୍ଦିର ଆଜି ଅପ୍ରତ୍ୟାଶିତ ଭାବରେ ସାଂସାରିକ ମାନବ ଦୁର୍ବଳତାର ଝଡ଼ରେ ଫସି ଯାଇଛି । ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ, ମନ୍ଦିର କେବଳ ଗୋଲାପୀ ବାଲିପଥର ଏବଂ ଖୋଦିତ ସ୍ତମ୍ଭର ଏକ ଦୃଶ୍ୟମାନ ଅଟ୍ଟାଳିକା ନୁହେଁ; ଏହା ଶତାବ୍ଦୀର ଆକାଂକ୍ଷା ଉପରେ ନିର୍ମିତ ଏକ ସ୍ମାରକୀ ଏବଂ ସାମୂହିକ ବଳିଦାନର ପ୍ରମାଣ । ତଥାପି, ମନ୍ଦିର ପରିସର ମଧ୍ୟରେ ଦାନ ଚୋରିର ସାକ୍ଷ୍ୟ ଏକ ବିଭ୍ରାନ୍ତିକର ସଂକେତକୁ ଆଘାତ କରିଛି । ଏହା ଏକ ଚରମ ସଙ୍କଟ ଯାହା ଆର୍ଥିକ ଅଡିଟ୍ ଅତିକ୍ରମ କରୁଛି । ପୁନଶ୍ଚ ସାଧାରଣ ବିଶ୍ୱାସ, ବ୍ୟବସ୍ଥାଗତ ଉତ୍ତରଦାୟିତ୍ୱ ଏବଂ ସାଂଗଠନିକ ଅଖଣ୍ଡତାର ସାରକୁ ସ୍ପର୍ଶ କରୁଛି । ରାମ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ଏବଂ ପୂର୍ବତନ ବ୍ୟୁରୋକ୍ରାଟ ନୃପେନ୍ଦ୍ର ମିଶ୍ର ଏକ ଜାତୀୟ ଟେଲିଭିଜନ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି ଯେ, 'କେବେ ଠାରୁ ପ୍ରସାଦ ଚୋରି ହୋଇଆସୁଛି ତାହା କହିବା କଷ୍ଟକର' । ତାଙ୍କର ଏହି ବକ୍ତବ୍ୟରୁ ସାଂଗଠନିକ ପତନର ଗମ୍ଭୀରତା ଯନ୍ତ୍ରଣାଦାୟକ ଭାବରେ ସ୍ପଷ୍ଟ ହୋଇଯାଇଛି । ତାଙ୍କ କଥା କେବଳ ବୈଶିଷ୍ଟ୍ୟପୂର୍ଣ୍ଣ ପ୍ରଶାସନିକ ସଂଯମତା ସହିତ ଏକ ସୁରକ୍ଷା ଉଲ୍ଲଂଘନକୁ ଉଜାଗର କରିନାହିଁ ବରଂ ଜନସାଧାରଣଙ୍କ ବିଶ୍ୱାସ ପରିଚାଳନାର ଯନ୍ତ୍ରକୌଶଳ ଉପରେ ଏକ ଗଭୀର ଦୁର୍ବଳତାକୁ ପ୍ରକାଶ କରିଛି । ତଥାପି, ତାଙ୍କର ସ୍ପଷ୍ଟ ସ୍ୱୀକାରୋକ୍ତି ସହିତ, ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ଏକ ଦୃଢ଼ ପ୍ରତିରକ୍ଷା ବ୍ୟବସ୍ଥା ଥିଲା । ମନ୍ଦିର ଆନ୍ଦୋଳନର ୩୫ ବର୍ଷର ସମର୍ପଣ ଯୋଗୁଁ ରାୟଙ୍କ 'ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇ ହେବ ନାହିଁ' ବୋଲି ଦାବି କରି ଶ୍ରୀ ମିଶ୍ର ବ୍ୟକ୍ତିଗତ ଧାର୍ମିକତା ଏବଂ ବ୍ୟବସ୍ଥାଗତ ସତର୍କତାର ଏକ ତୀକ୍ଷ୍ଣ ରେଖା ଆଙ୍କିଛନ୍ତି । କିନ୍ତୁ ଜନମତ ଅଦାଲତରେ ସାଂଗଠନିକ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି : କ'ଣ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବିଶ୍ୱସ୍ତତା ପ୍ରଶାସନିକ ତଦାରଖରେ ତ୍ରୁଟି ପାଇଁ କ୍ଷତିପୂରଣ ଦେଇପାରିବ ? ବିବାଦର ମୂଳରେ ନୀତି ଏବଂ ଅଭ୍ୟାସ ମଧ୍ୟରେ ଏକ ସ୍ପଷ୍ଟ ମେଳ ଦେଖିବାକୁ ମିଳି ନାହିଁ । ଶ୍ରୀ ମିଶ୍ର ଉଲ୍ଲେଖ କରିଥିଲେ ଯେ, ନଗଦ ଏବଂ ମୂଲ୍ୟବାନ ଜିନିଷ ପରିଚାଳନା ପାଇଁ ଟ୍ରଷ୍ଟର ନିର୍ଦ୍ଦେଶାବଳୀ କାଗଜପତ୍ରରେ ଉଲ୍ଲେଖନୀୟ କଠୋର ଥିଲେ ମଧ୍ୟ, ସେମାନଙ୍କର କାର୍ଯ୍ୟାନ୍ୱୟନ ଯଥେଷ୍ଟ ହ୍ରାସ ପାଇଥିଲା । ପ୍ରତିଦିନର ନଗଦ ପ୍ରବାହ -ପ୍ରତି ମାସରେ ଚାରିରୁ ଦଶ କୋଟି ଟଙ୍କା ପର୍ଯ୍ୟନ୍ତ -ଏକ ସିଧା ସଳଖ, ଶିଳ୍ପାୟିତ ସୁରକ୍ଷା ଉପକରଣ ଦାବି କରିଥିଲେ ଶ୍ରୀ ମିଶ୍ର । ବରଂ ହିସାବ କରି ଯାହା ଦେଖାଗଲା ତାହା ହେଉଛି ଏପରି ଏକ ବ୍ୟବସ୍ଥା ଯାହା ମାନବ ବିବେକ ଉପରେ ଅତ୍ୟଧିକ ନିର୍ଭରଶୀଳ, ଫଳରେ ଶୋଷଣ ପାଇଁ ରାସ୍ତା ପରିଷ୍କାର ହୋଇଯାଇଥିଲା । ଗଣନା କର୍ମଚାରୀମାନେ ସେମାନଙ୍କ ପକେଟରେ ଟଙ୍କା ଗଦାଗୁଡ଼ିକୁ ବାହାର କରିବାରେ ସଫଳ ହୋଇଥିବା ନେଇ ପ୍ରଦାନ କରାଯାଇଥିବା ରିପୋର୍ଟରେ ମୌଳିକ ସୁରକ୍ଷା ବିଫଳ ହୋଇଛି । ଶ୍ରୀ ମିଶ୍ର ନିଜେ ସ୍ୱୀକାର କରିଛନ୍ତି ଯେ, ଗଣନା କର୍ମଚାରୀମାନଙ୍କୁ ପକେଟବିହୀନ ପୋଷାକ ପିନ୍ଧିବାକୁ ଏବଂ କଠୋର ଶାରୀରିକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ, ଏହି ନିୟମଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ହେରଫେର କରାଯାଇଥିଲା । ଅଧିକନ୍ତୁ, ଦୈନନ୍ଦିନ ଗଣନା ଏବଂ ସଂଗ୍ରହ ପ୍ରକ୍ରିୟା ତଦାରଖ କରିବା ପାଇଁ ଏକ ବୁଝାମଣାପତ୍ର ଅଧୀନରେ କାର୍ଯ୍ୟ କରୁଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମ୍ପୃକ୍ତି ଦାୟିତ୍ୱର ବର୍ଣ୍ଣନାକୁ ଜଟିଳ କରିଛି । ଶ୍ରୀ ମିଶ୍ର ଯଥାର୍ଥ ଭାବରେ ଦର୍ଶାଇଥିଲେ ଯେ, ନଗଦ ପରିଚାଳନା ପ୍ରୋଟୋକଲଗୁଡ଼ିକ ବିଶୃଙ୍ଖଳିତ ହୋଇଗଲେ ପ୍ରମୁଖ ବ୍ୟାଙ୍କିଂ ସଂସ୍ଥା ଦାୟିତ୍ୱରୁ ରକ୍ଷା ପାଇପାରିବ ନାହିଁ । ବ୍ୟାଙ୍କର ଦାୟିତ୍ୱ କେବଳ ନଗଦର ନିଷ୍କ୍ରିୟ ପ୍ରାପ୍ତକର୍ତ୍ତା ଭାବରେ କାର୍ଯ୍ୟ କରିବା ନୁହେଁ ବରଂ ଗଣନା ପ୍ରକ୍ରିୟାକୁ କଠୋର ଫୋରେନ୍ସିକ ସର୍ତ୍ତାବଳୀ ଅଧୀନରେ ପରିଚାଳିତ କରିବା ମଧ୍ୟ ସେମାନଙ୍କର କର୍ତ୍ତବ୍ୟ । ଯେତେବେଳେ କର୍ମଚାରୀମାନେ ସିସିଟିଭି ଫୁଟେଜରେ ବନ୍ଦୀ ହୋଇଯାନ୍ତି, ପାଣ୍ଠିକୁ ନିର୍ଦ୍ଦିଷ୍ଟ ସୁରକ୍ଷିତ ବାକ୍ସରେ ପକାଇବା ପରିବର୍ତ୍ତେ ଭୁଲ ନିର୍ଦ୍ଦେଶ ଦେଇଥାନ୍ତି, ସେତେବେଳେ ଅନୁଷ୍ଠାନିକ ସହଭାଗୀତା ଆଘାତପ୍ରାପ୍ତ ହୋଇଯାଏ । ତଦନ୍ତର ସବୁଠାରୁ ସାଂସ୍କୃତିକ ଭାବରେ ମର୍ମସ୍ପର୍ଶୀ ଏବଂ ପ୍ରଶାସନିକ ଭାବରେ ବିସ୍ମରଣୀୟ ଦିଗ ହେଉଛି ଅଣ-ନଗଦ ଦାନର ପରିଚାଳନା । ଅଯୋଧ୍ୟାର ଆକର୍ଷଣ ଗଭୀର ଗଣତାନ୍ତ୍ରିକ; ଧନୀ ଏବଂ ଗରିବ ନିର୍ବିଶେଷରେ ସମସ୍ତେ ସକ୍ଷମ ଅନୁଯାୟୀ ଯାହା ପ୍ରଦାନ କରନ୍ତି ତାହା ମଧ୍ୟରେ ନୋଟ୍ ଏବଂ ମୁଦ୍ରା, ହଜାର ହଜାର ସୁନା ମୁଦି, ରୂପା ପାଦଚଲା, ନାକ ପିନ୍ ଏବଂ ଭକ୍ତମାନଙ୍କ ଦ୍ୱାରା ସିଧାସଳଖ ଦାନ ପତ୍ର (ଦାନ ବାକ୍ସ) ରେ ପକାଯାଇଥିବା ମୂଲ୍ୟବାନ




ଅଳଙ୍କାର । ଶୁଦ୍ଧ ବ୍ୟକ୍ତିଗତ ଭକ୍ତି ଦ୍ୱାରା ପରିଚାଳିତ ଏହି ଜିନିଷଗୁଡ଼ିକର କୌଣସି ଆନୁଷ୍ଠାନିକ ରସିଦ ନାହିଁ । ଇଲେକ୍ଟ୍ରୋନିକ୍ ସ୍ଥାନାନ୍ତର କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ପରି, ମା'ଙ୍କ ସୁନା ଚୁଡ଼ି କିମ୍ବା ଶ୍ରମିକଙ୍କ ରୂପା ମୁଦି ପାଇଁ କୌଣସି ଡିଜିଟାଲ୍ ପାଦଚିହ୍ନ କିମ୍ବା କାଗଜ ଟ୍ରେଲ୍ ନାହିଁ । ଏଗୁଡ଼ିକୁ ଗଣନା ଏବଂ ତାଲିକାଭୁକ୍ତ ନହେବା ପର୍ଯ୍ୟନ୍ତ ପ୍ରଶାସନ ଅନ୍ଧ ଗଳିରେ ବିଦ୍ୟମାନ । ଲକ୍ଷ୍ନୌ ଡିଭିଜନାଲ କମିଶନର ବିଜୟ ବିଶ୍ୱାସ ପନ୍ତ, ଆଇଜି କିରଣ ଏସ ଏବଂ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ନୀଳ ରତନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ତଦନ୍ତ ଦଳ ରେକର୍ଡ ହୋଇନଥିବା ଧନର ଅଡିଟ୍ କରିବାର ଏକ ମହାନ କାର୍ଯ୍ୟର ସମ୍ମୁଖୀନ ହୋଇଛନ୍ତି ।

ସୀମିତ ପ୍ରଯୁକ୍ତି ଦ୍ୱାରା ତଦନ୍ତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି । ଗଣନା କକ୍ଷର ସିସିଟିଭି ଷ୍ଟୋରେଜ୍ ସିଷ୍ଟମ୍ ପ୍ରତି ୪୫ ଦିନରେ ସ୍ୱୟଂଚାଳିତ ଭାବରେ ଫୁଟେଜ୍ ଓଭରରାଇଟ୍ କରୁଥିବାରୁ ଚୋରି ପାଇଁ ଏକ ଐତିହାସିକ ସମୟସୀମା ନିର୍ଦ୍ଧାରଣ କରିବା ପ୍ରାୟତଃ ଅସମ୍ଭବ । ସ୍ୱତନ୍ତ୍ର ତଦନ୍ତ ଦଳ ମୂଳତଃ ଅତୀତର ଅନିୟମିତତା ନେଇ ଅନ୍ଧାରରେ ବାଡ଼ି ବୁଲାଉଛି , ଏକଥା ସତ୍ୟ ଯାହା ମିଶ୍ରଙ୍କ ଚିନ୍ତାକୁ ପ୍ରମାଣିତ କରୁଛି ଯେ ଚୋରିର ସଠିକ୍ ସମୟସୀମା ଏବଂ ପରିମାଣ ନିର୍ଣ୍ଣୟ କରିବା ଏକ ପରାଜୟମୂଳକ ଲକ୍ଷ୍ୟ ପାଲଟିଛି । ନୃପେନ୍ଦ୍ର ମିଶ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରଶାସନିକ ଦର୍ଶନ ଏହି ସଙ୍କଟକୁ ବୁଝିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚା ପ୍ରଦାନ କରୁଛି । ସେ ଲକ୍ଷ୍ୟ କରିଥିଲେ ଯେ ପରିଚାଳନା ଦୁଇଟି ସ୍ୱତନ୍ତ୍ର ସ୍ତମ୍ଭ ଉପରେ ନିର୍ଭର କରେ: ନିଷ୍ଠା (ସଚ୍ଚିନ୍ନତା) ଏବଂ ନିଗ୍ରାଣୀ(ସତର୍କତା) । ତାଙ୍କ ଆକଳନରେ ଅଯୋଧ୍ୟାର ସଙ୍କଟ ଅଖଣ୍ଡତାର ବିଫଳତା ନୁହେଁ, ବରଂ ସତର୍କତାର ସମ୍ପୂର୍ଣ୍ଣ ପତନ ।

ଚମ୍ପାତ ରାୟ ଏବଂ ମନ୍ଦିର ଆନ୍ଦୋଳନର ଅନ୍ୟ ପ୍ରବୀଣ ବ୍ୟକ୍ତିମାନଙ୍କୁ ବ୍ୟକ୍ତିଗତ ଦୁର୍ନୀତିର ଅଭିଯୋଗରୁ ରକ୍ଷା କରି ଶ୍ରୀ ମିଶ୍ର ମୁଖ୍ୟ ନେତୃତ୍ୱକୁ ଏହି ଦୁର୍ନୀତିରୁ ଦୂର କରିବାକୁ ଚେଷ୍ଟା କରିଥିଲେ । ଏହି ପ୍ରତିରକ୍ଷାର ଐତିହାସିକ ଗୁରୁତ୍ୱ ଅଛି । ଚମ୍ପତ ରାୟଙ୍କ ପରି ବ୍ୟକ୍ତିମାନେ ମନ୍ଦିର ନିର୍ମାଣ ପାଇଁ ପଥ ପ୍ରଶସ୍ତ କରିଥିବା ଆଦର୍ଶଗତ ଏବଂ ଆଇନଗତ ଲଢ଼େଇ ପାଇଁ ସେମାନଙ୍କର ସମଗ୍ର ଜୀବନ ଉତ୍ସର୍ଗ କରିଛନ୍ତି । ଏହି ଉଦ୍ଦେଶ୍ୟ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ଆନ୍ଦୋଳନରେ ଗଭୀର ଭାବରେ ପ୍ରକାଶିତ । ତଥାପି, ଆଧୁନିକ ସାଂସ୍ଥାଗତ ଶାସନ ଏହି ଭିତ୍ତିରେ କାର୍ଯ୍ୟ କରେ ଯେ, କୌଣସି ବ୍ୟକ୍ତି, ସେମାନଙ୍କର ନୈତିକ ସ୍ଥିତି କିମ୍ବା ଐତିହାସିକ ଅବଦାନ ନିର୍ବିଶେଷରେ, ବ୍ୟବସ୍ଥାଗତ ଯାଞ୍ଚ ଏବଂ ସନ୍ତୁଳନର ବିକଳ୍ପ ନୁହେଁ । ଧର୍ମନିରପେକ୍ଷ ସାର୍ବଜନୀନ ପରିଚାଳନା ଦାବି କରେ ଯେ ବିଶ୍ୱାସ ଯାଞ୍ଚ ହେବାନିହାତି ଆବଶ୍ୟକ । ଯେତେବେଳେ ଏକ ଧାର୍ମିକ ସଂସ୍ଥା ଶହ ଶହ କୋଟି ସାର୍ବଜନୀନ ଅର୍ଥ ପରିଚାଳନା କରେ, ସେତେବେଳେ ବ୍ୟକ୍ତିଗତ ଧାର୍ମିକତାକୁ ପ୍ରଶାସନିକ ଅକ୍ଷମତା ବିରୁଦ୍ଧରେ ଢାଲ ଭାବରେ ବ୍ୟବହାର କରାଯାଇପାରିବ ନାହିଁ । ଟ୍ରଷ୍ଟର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ପ୍ରାରମ୍ଭିକ ଭାବରେ ଜଣେ ବୃତ୍ତିଗତ, ଅତ୍ୟନ୍ତ ଅଭିଜ୍ଞ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କିମ୍ବା ଜଣେ ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ (ଓଏସଡି)ଙ୍କୁ ନିଯୁକ୍ତି କରିବାରେ ବିଫଳତା ଏବେ ଏକ ବଡ଼ ରଣନୈତିକ ତ୍ରୁଟି ପରି ଦେଖାଯାଉଛି । ଗସ୍ତ ସମୟରେ ବରିଷ୍ଠ ରାଜନୈତିକ ନେତାମାନେ ଟ୍ରଷ୍ଟ ଅଧିକାରୀଙ୍କଠାରୁ ନିଜକୁ ଦୂରେଇ ରଖିବାର ରିପୋର୍ଟ ସୂଚାଇ ଦେଉଛି ଯେ ଏହି ପ୍ରଶାସନିକ ବିଫଳତାର ରାଜନୈତିକ ଏବଂ ସାମାଜିକ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅଯୋଧ୍ୟା ଦାନ ବିବାଦର ପ୍ରକୃତ ଓଜନ ବୁଝିବା ପାଇଁ କମିଟି ଠାରୁ ଦୂରେଇ ରହି ଧାଡ଼ିରେ ଥିବା ମୁହଁଗୁଡ଼ିକୁ ଦେଖିବା ଉଚିତ । ପ୍ରତିଦିନ ହଜାର ହଜାର ସାଧାରଣ ନାଗରିକ କେବଳ ପ୍ରଭୁ ଶ୍ରୀରାମଙ୍କ କ୍ଷଣିକ ଝଲକ ପାଇବା ପାଇଁ ପ୍ରତିକୂଳ ପାଗ, ଦୀର୍ଘ ଯାତ୍ରା ଏବଂ ଶାରୀରିକ କ୍ଳାନ୍ତିକୁ ସହ୍ୟ କରିଥାନ୍ତି । ଅନେକଙ୍କ ପାଇଁ ଦାନ ବାକ୍ସରେ ପକାଇଥିବା ଦାନ ଏକ ବଳିଦାନ- ପରିବାର ଖର୍ଚ୍ଚ ହ୍ରାସ କରି ସଞ୍ଚିତ ଟଙ୍କା, ପିଲାର ଆରୋଗ୍ୟ ପାଇଁ କୃତଜ୍ଞତାର ଏକ ନିଦର୍ଶନ, କିମ୍ବା ଜଣେ ବୃଦ୍ଧ ତୀର୍ଥଯାତ୍ରୀଙ୍କ ଜୀବନ ସଞ୍ଚୟରୁ ଅନ୍ତିମ ନୈବେଦ୍ୟ ହେଉଛି ଏହି ଦାନ । ଯେତେବେଳେ ଖବର ପ୍ରକାଶ ପାଏ ଯେ ଏହି ପବିତ୍ର ନୈବେଦ୍ୟଗୁଡ଼ିକୁ ଦୁର୍ନୀତିଗ୍ରସ୍ତ କର୍ମଚାରୀମାନେ ସହଜରେ ସଂଗ୍ରହ ଭାବରେ ବ୍ୟବହାର କରିଛନ୍ତି, ଏହା ସମ୍ପ୍ରଦାୟର ସାମୂହିକ ମାନସିକତାରେ ଏକ ଗଭୀର ଆଘାତ ସୃଷ୍ଟି କରେ । ଏହା ଭକ୍ତ ଏବଂ ଅନୁଷ୍ଠାନ ମଧ୍ୟରେ ଅଲିଖିତ ଚୁକ୍ତିକୁ ଭାଙ୍ଗିଦିଏ । ଭକ୍ତ କୌଣସି ଟ୍ରଷ୍ଟକୁ ଦାନ କରନ୍ତି ନାହିଁ; ସେମାନେ ଈଶ୍ୱରଙ୍କୁ ଦାନ କରନ୍ତି । ଟ୍ରଷ୍ଟ କେବଳ ଏକ ରକ୍ଷକ । ତେଣୁ, ମନ୍ଦିର ଭିତରେ ଯେକୌଣସି ଆତ୍ମସାତ କାର୍ଯ୍ୟକୁ କେବଳ ଆର୍ଥିକ ଠକେଇ ଭାବରେ ନୁହେଁ, ବରଂ ଆଧ୍ୟାତ୍ମିକ ଅପବିତ୍ରତା ଭାବରେ ଦେଖାଯାଏ । ଶ୍ରୀ ମିଶ୍ର ଏକ ଗଭୀର ସତ୍ୟକୁ ଆଘାତ କଲେ ଯେତେବେଳେ ସେ କହିଥିଲେ ଯେ ବର୍ତ୍ତମାନର ସଂଶୋଧନ ପ୍ରକ୍ରିୟାର ଚୂଡ଼ାନ୍ତ ଲକ୍ଷ୍ୟ 'ଭକ୍ତଙ୍କ ବିଶ୍ୱାସକୁ ଫେରି ପାଇବା' ହେବା ଆବଶ୍ୟକ । ଟଙ୍କା ପୁନରୁଦ୍ଧାର କରାଯାଇପାରିବ, ଏବଂ ବ୍ୟବସ୍ଥାକୁ ଉନ୍ନତ କରାଯାଇପାରିବ, କିନ୍ତୁ ଏକ ଆହତ ଜନସାଧାରଣଙ୍କ ବିଶ୍ୱାସକୁ ସୁସ୍ଥ କରିବା ଅତ୍ୟନ୍ତ କଷ୍ଟକର । ଯେତେବେଳେ ସିଟ (SIT) ଏହାର ପ୍ରାରମ୍ଭିକ ତଦନ୍ତ ଶେଷ କରୁଛି ଏବଂ ଟ୍ରଷ୍ଟ ଅଧିକାରୀଙ୍କ ବୟାନକୁ ଯାଞ୍ଚ କରୁଛି, ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପାଇଁ ଆଗକୁ ରାସ୍ତା ତୁରନ୍ତ ସାଂରଚନିକ ସଂସ୍କାର ଦାବି କରୁଛି । ଆଡ-ହକ୍ କମିଟି ମାଧ୍ୟମରେ ମେଗା-ଧାର୍ମିକ ପ୍ରତିଷ୍ଠାନଗୁଡ଼ିକୁ ପରିଚାଳନା କରିବାର ଯୁଗ ବୃତ୍ତିଗତ, ସ୍ୱଚ୍ଛ ଶାସନକୁ ପଥ ପରିଷ୍କାର କରିଦେବା ଉଚିତ ।

ପ୍ରଥମେ, ଟ୍ରଷ୍ଟକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଗ୍ରହଣ କରିବାକୁ ପଡିବ । ମନ୍ଦିରର ଆର୍ଥିକ ଖାତା ଏବଂ ଦୈନିକ ହିସାବଗୁଡ଼ିକୁ ପ୍ରତ୍ୟେକ ଦିନ ଏକ ସାର୍ବଜନୀନ ୱେବସାଇଟରେ ଅପଡେଟ୍ କରାଯିବା ଉଚିତ ବୋଲି ଶ୍ରୀ ମିଶ୍ରଙ୍କ ସୁପାରିଶ ଏକ ଉତ୍କୃଷ୍ଟ ଆରମ୍ଭ ବିନ୍ଦୁ । ଡିଜିଟାଲ୍ ଯୁଗରେ, ଗୋପନୀୟତା ସନ୍ଦେହ ସୃଷ୍ଟି କରେ, ଯେତେବେଳେ ମୌଳିକ ସ୍ୱଚ୍ଛତା ଅପାର ବିଶ୍ୱାସକୁ ପ୍ରୋତ୍ସାହିତ କରେ । ଦ୍ୱିତୀୟତଃ, ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ନଗଦ ପରିଚାଳନାରେ ମାନବ ଉପାଦାନକୁ ସର୍ବନିମ୍ନ କରିବା ଆବଶ୍ୟକ । ସ୍ୱୟଂଚାଳିତ ସର୍ଟିଂ ଏବଂ ଗଣନା ମେସିନ୍ ନିୟୋଜନ, ଅସାଧାରଣ ଆଚରଣଗତ ଢାଞ୍ଚା ଚିହ୍ନଟ କରୁଥିବା ହାଇ-ଡେଫିନେସନ୍ ଏଆଇ -ଚାଳିତ ନିରୀକ୍ଷଣ, ଏବଂ ତଥ୍ୟ ସଂରକ୍ଷଣ ନୀତିର ସମ୍ପୂର୍ଣ୍ଣ ସଂଶୋଧନ (୪୫ ଦିନରୁ ଅତି କମରେ ଏକ ବର୍ଷ ପର୍ଯ୍ୟନ୍ତ ସିସିଟିଭି ଷ୍ଟୋରେଜ୍ ବୃଦ୍ଧି) ହେଉଛି ଜରୁରୀ ବୈଷୟିକ ଆବଶ୍ୟକତା । ତୃତୀୟତଃ, ପ୍ରଶାସନିକ ଗଠନକୁ ତୁରନ୍ତ ବୃତ୍ତିଗତୀକରଣ ଆବଶ୍ୟକ । ଏହିସ୍ତରର ଏକ ଉଦ୍ୟୋଗର ପରିଚାଳନା ପାଇଁ ବିଶେଷ ପ୍ରଶାସନିକ ଦକ୍ଷତା ଆବଶ୍ୟକ । ଦୈନନ୍ଦିନ ପରିଚାଳନା ପରିଚାଳନା ପାଇଁ ବରିଷ୍ଠ, ସ୍ୱାଧୀନ ଆର୍ଥିକ ବିଶେଷଜ୍ଞ, ଅଡିଟିଂ ବୃତ୍ତିଗତ ଏବଂ ବୃତ୍ତିଗତ ପ୍ରଶାସକମାନଙ୍କୁ ନିଯୁକ୍ତ କରିବା - ଆଧ୍ୟାତ୍ମିକ ଏବଂ ଆଦର୍ଶ ମାର୍ଗଦର୍ଶନକୁ ଦ୍ରଷ୍ଟବ୍ୟ ଏବଂ ଟ୍ରଷ୍ଟ ଦାୟିତ୍ୱ ପୁରୁଣା କର୍ମୀମାନଙ୍କ ଉପରେ ଛାଡିଦେବା - ଏକମାତ୍ର ଉପାୟ ।

ଅଯୋଧ୍ୟା ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଦଣ୍ଡାୟମାନ । ଭକ୍ତଙ୍କ ଦାନ ଚୋରି କରିବା ଏକ ଦୁର୍ଭାଗ୍ୟଜନକ ଅଧ୍ୟାୟ, କିନ୍ତୁ ଏହା ଧାର୍ମିକ ଶାସନର ଏକ ମଡେଲ ନିର୍ମାଣ କରିବାର ଏକ ମୂଲ୍ୟବାନ ସୁଯୋଗ ମଧ୍ୟ ପ୍ରଦାନ କରେ ଯାହା ବିଶ୍ୱର ବିଭିନ୍ନ ଅନୁଷ୍ଠାନକୁ ପ୍ରେରଣା ଦେଇପାରିବ । ଏକ ପବିତ୍ର ଅନୁଷ୍ଠାନର ପ୍ରକୃତ ଶକ୍ତି ତ୍ରୁଟି ଘଟେ ନାହିଁ ବୋଲି କହିବାରେ ନୁହେଁ, ବରଂ ଏହାର ତଦନ୍ତ, ସଂସ୍କାର ଏବଂ ନିଜକୁ ଶୁଦ୍ଧ କରିବାର ସାହସରେ ରହିଛି । କେବଳ ଏକ ବ୍ୟବସ୍ଥା ପ୍ରତିଷ୍ଠା କରି ଯେଉଁଠାରେ ପ୍ରତ୍ୟେକ ଟଙ୍କାର ହିସାବ କରାଯାଏ, ଅଯୋଧ୍ୟାର ରକ୍ଷକମାନେ ଏହାକୁ ନିର୍ମାଣ କରିଥିବା ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ଅସୀମ ଭକ୍ତିକୁ ପ୍ରକୃତରେ ସମ୍ମାନ କରିପାରିବେ ।

-ଡକ୍ଟର ନୀଳମଣି ସୂତାର
ଖାନନଗର, କଟକ
ଦୂରଭାଷ : ୮୫୯୯୮୯୪୯୧୫






# ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପୁରୀ ପୋଲିସର ପ୍ରଥମ ପ୍ରାଥମିକତା: ଏସ୍‌ପି ପ୍ରତୀକ ସିଂ

**ପୁରୀ (ଏନ୍.ଏମ୍.) :** ଆଉ ଦିନ କେଇଟା ପରେ ଶ୍ରୀକ୍ଷେତ୍ର ପୁରୀ ଧାମରେ ପାଳନ ହେବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ବିଶ୍ୱନିୟନ୍ତା ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଆଉ ସୁଦର୍ଶନ ମହାରାଜ ରଥାରୂଢ଼ ହୋଇ ମାଉସୀମା ଘରକୁ ଯିବେ। ସେଠାରେ ୯ଦିନ ରହି ପୁଣି ଶ୍ରୀମନ୍ଦିରକୁ ଫେରିବେ। ତେବେ ପ୍ରଭୁଙ୍କ ଏହି ଦୁର୍ଲଭ ଦର୍ଶନ ପାଇଁ ରଥଯାତ୍ରା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ଅବସରରେ ଦେଶ ତଥା ବିଦେଶରୁ ଆସିଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନେଇ ତତ୍ପରତା ପ୍ରଦର୍ଶନ କରିଛି ଓଡ଼ିଶା ପ୍ରଶାସନ। ବିଶେଷ କରି ପୁଲିସ ବିଭାଗ ପକ୍ଷରୁ ଏନେଇ ବିଭିନ୍ନ ପର୍ଯ୍ୟାୟରେ ବୈଠକ ହେବା ସହ ରଥ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଶ୍ରୀଗୁଣ୍ଡିଚା ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି, ସେମାନଙ୍କ ସୁରକ୍ଷା, ସୁବିଧା ଓ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ପୁରୀ ପୋଲିସ କାର୍ଯ୍ୟାଳୟ କନଫରେନ୍ସ ହଲ୍‌ରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକଟି ପୁରୀ ଏସପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ପୋଲିସ ଅଧୀକ୍ଷକ ପୁରୀ ସୁଶିଲ କୁମାର ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ ଏବଂ କୌଶିକ ନାୟକ ଉପସ୍ଥିତ ଥିଲେ। ବୈଠକରେ ପ୍ରଧାନତଃ ରଥଯାତ୍ରା ସମୟରେ ଭକ୍ତମାନଙ୍କ ପାଇଁ ଆମ୍ବୁଲାନ୍ସ ସେବା, ପ୍ରାଥମିକ ଚିକିତ୍ସା ସୁବିଧା ଓ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ କିପରି ଆହୁରି ସୁଚାରୁ ଭାବେ ପରିଚାଳନା କରାଯିବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ବଡ଼ଦାଣ୍ଡ, ଶରଧାବାଲି, ସମୁଦ୍ରକୂଳ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଭକ୍ତମାନଙ୍କ ପାଇଁ ଯଥେଷ୍ଟ ଆମ୍ବୁଲାନ୍ସ ମୁତୟନ, ଆପାତକାଳୀନ ଚିକିତ୍ସା ଦଳ ଓ ସ୍ୱେଚ୍ଛାସେବୀଙ୍କ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏସପି ପ୍ରତୀକ ସିଂ ସମସ୍ତ ଏନଜିଓ ପ୍ରତିନିଧିଙ୍କୁ ରଥଯାତ୍ରା ଭଳି ବିଶାଳ ଆଧାତ୍ମିକ ମହୋତ୍ସବରେ ଭକ୍ତମାନଙ୍କ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଆହ୍ୱାନ କରିଥିଲେ। ବୈଠକରେ ବିଭିନ୍ନ ଏନଜିଓ ପକ୍ଷରୁ ମଧ ମୂଲ୍ୟବାନ ପରାମର୍ଶ ରଖାଯାଇଥିଲା। ସେମାନେ ଆମ୍ବୁଲାନ୍ସ ସେବା, ପ୍ରାଥମିକ ଚିକିତ୍ସା କେନ୍ଦ୍ର ସ୍ଥାପନା ଏବଂ ହଜିଯାଇଥିବା ବ୍ୟକ୍ତିଙ୍କ ସହାୟତା ପାଇଁ ନିଜର ସକ୍ରିୟ ସହଯୋଗ ଦେବାକୁ ଆଶ୍ୱାସନା ଦେଇଥିଲେ। ପୁରୀ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ରଥଯାତ୍ରା ୨୦୨୬କୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ଆୟୋଜନ କରିବା ପାଇଁ ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପୁରୀ ପୋଲିସର ପ୍ରଥମ ପ୍ରାଥମିକତା ରହିବା ସହ ପୁରୀ ପୋଲିସ ସମସ୍ତ ଭକ୍ତ, ସ୍ଥାନୀୟ ବାସିନ୍ଦା ଓ ସେବାଦାତା ସଂଗଠନମାନଙ୍କୁ ସମନ୍ୱୟ ଓ ସହଯୋଗ ରଖି ଏହି ପବିତ୍ର ଯାତ୍ରାକୁ ସଫଳ କରିବା ପାଇଁ ଆହ୍ୱାନ ଜଣାଇଛି।




## ପୋଲିସକୁ ଦେଖି ଚମ୍ପଟ ମାରିଲେ ଚାଲାଣକାରୀ

# ଗଞ୍ଜେଇ ସମେତ ପିକଅପ ଗାଡି ଜବତ

**କୋରୁକୋଣ୍ଡା(ଏନ୍.ଏମ୍.) :** ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଆଜି ୨୧ କିଲୋ ଗଞ୍ଜେଇ ଜବତ ସମେତ ଏକ ପିକଅପ ଗାଡି ଜବତ କରିଛି। ଘଟଣା ସ୍ଥଳରୁ ପୋଲିସକୁ ଦେଖି ଚମ୍ପଟ ମାରିଥିଲେ ଚାଲାଣକାରୀ। ମିଳିଥିବା ସୂଚନାନୁଯାୟୀ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ପିଲାକୁସୁମୀ ଅଞ୍ଚଳରେ ଆଜି ଦିନ ୧୧ଟା ସମୟରେ ଓରକେଲ ଏସଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ଟିମ ଯାନବାହନ ଯାଞ୍ଚ ସମୟରେ ବାଲିମେଳା ଛକ ପଟୁ ଏକ ପିକ ଅପ ଗାଡିଟି ଦ୍ରୁତ ଗତିରେ ଯାଉଥିବା ବେଳେ ପୋଲିସକୁ ଦେଖି ଗାଡି ସେଠାରେ ରଖି ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଚାଲାଣକାରୀ ମାନଙ୍କୁ ଧରିବାକୁ ଉଦ୍ୟମ କରିଥିବା ବେଳେ ନିକଟସ୍ଥ ଜଙ୍ଗଲର ସୁଯୋଗ ନେଇ ଫେରାର ହୋଇ ଯାଇଥିଲେ ଚାଲାଣକାରୀ। ପରେ ପୋଲିସ ଟିମ ଯାଇ ଗାଡି ଯାଞ୍ଚ କରିବା ପରେ ଗାଡ଼ିରେ ଗୋଟିଏ ବସ୍ତାରେ ୨୧ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ କୁଡୁମୁଲୁଗୁମ୍ମା ତହସିଲଦାର କୃଷ୍ଣଚନ୍ଦ୍ର ଦାସ ପହଞ୍ଚିଥିଲେ। ତହସିଲଦାର ଶ୍ରୀ ଦାସଙ୍କ ଉପସ୍ଥିତିରେ ଗଞ୍ଜେଇର ଓଜନ କରାଯାଇ ଓରକେଲ ଥାନାକୁ ଉକ୍ତ ଗଞ୍ଜେଇ ସମେତ ପିକଅପ ଗାଡିଟି ହସ୍ତାନ୍ତର କରାଯାଇଥିଲା। ବର୍ତ୍ତମାନ ଗାଡିର ମାଲିକ କିଏ ତାହା ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଥିବା ବେଳେ କେସ ନଂ ୧୮୬/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଦେବଦତ୍ତ ମଲ୍ଲିକ କହିଛନ୍ତି।



# କେନାଲ ନାଳ ବନ୍ଦ ଯୋଗୁଁ ଜଳସେଚନ ବାଧା

**ଚିକିଟି(ଏନ୍.ଏମ୍.) :** ଚିକିଟି ଜଳସେଚନ ସମସ୍ୟାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଲୋକନାଥପୁର ମୌଜାର ଚାଷୀ। କେନାଲରୁ ପାଣି ଯୋଗାଣ ହେଉଥିବା ନାଳ ବନ୍ଦ ହୋଇଯିବା ଫଳରେ ଗହୀର ପାହାଡ଼ ଜମିକୁ ପାଣି ପହଞ୍ଚୁନଥିବା ଅଭିଯୋଗ କରିଛନ୍ତି ଚାଷୀମାନେ। ଚାଷୀଙ୍କ କହିବା ଅନୁସାରେ, ଗତବର୍ଷଠାରୁ ଜଳଯୋଗାଣରେ ବ୍ୟତିକ୍ରମ ଦେଖାଦେଇଥିଲା। ଧାନ ପାଚିବା ସମୟରେ ମଧ ପର୍ଯ୍ୟାପ୍ତ ପାଣି ମିଳିନଥିଲା। ଏନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ସେମାନେ କହିଛନ୍ତି। ରାଜନୈତିକ ଚାପ ଓ ଅବହେଳା ଯୋଗୁଁ ଚାଷୀମାନେ କ୍ଷତି ସହୁଥିବା ମଧ ଅଭିଯୋଗ ହୋଇଛି। ସମ୍ପ୍ରତି ଚାଷୀମାନେ ପୁଣିଥରେ ଜଳସେଚନ ବିଭାଗର ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ କେବେ ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ହେବ, ତାହାକୁ ନେଇ ଚାଷୀମାନଙ୍କ ମନରେ ସନ୍ଦେହ ରହିଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରି କେନାଲ ନାଳକୁ ସଫା କରି ନିୟମିତ ଜଳଯୋଗାଣ ବ୍ୟବସ୍ଥା କରିବାକୁ ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।



**ଚିନ୍ତାରେ ଲୋକନାଥପୁରର ଚାଷୀ**

# ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ହେଲେ ନୟାଗଡ଼ର ରୁଦ୍ର ପ୍ରସାଦ

**ନୟାଗଡ(ଏନ୍.ଏମ୍.) :** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଆନୁକୂଲ୍ୟରେ ପରିଚାଳିତ ସର୍ବଭାରତୀୟ ସାଧାରଣ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନ ବିଭାଗର ଛାତ୍ର ରୁଦ୍ର ପ୍ରସାଦ ନାୟକ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରି ଓଡ଼ିଶା ତଥା ନୟାଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପରୀକ୍ଷାରେ ସେ ମୋଟ ୨୫୧ ମାର୍କ ରଖିବା ସହ ଏହି ଫଳାଫଳ ଆଧାରରେ ଦେଶର ପ୍ରତିଷ୍ଠିତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀରେ ପ୍ରଥମ ସ୍ଥାନ ସହ ଅଧ୍ୟୟନ କରିବାର ସୁଯୋଗ ପାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରୁଦ୍ର ପ୍ରସାଦ ୨୦୨୫-୨୬ ଶିକ୍ଷାବର୍ଷରେ ନିଜ ବିଭାଗରେ ଶ୍ରେଷ୍ଠ ହେବା ସହ ମହାବିଦ୍ୟାଳୟର ସମଗ୍ର କଳା ସ୍ରୋତରେ ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଥିଲେ। ରୁଦ୍ରଙ୍କର ଏହି ଅସାଧାରଣ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ କୁମାର ରାଉତ, ଦର୍ଶନ ବିଭାଗର ମୁଖ୍ୟ ଡ. ପ୍ରମୋଦ କୁମାର ଦାଶ, ଅଧାପିକା ମହାଶ୍ୱେତା ମହାନ୍ତି, ଅଧାପକ ଜଗନ୍ନାଥ ମହାରଣାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷାକର୍ମୀ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଛନ୍ତି। ରୁଦ୍ରଙ୍କ ଏହି ଗୌରବମୟ ସଫଳତା ପାଇଁ ସମଗ୍ର ଅଞ୍ଚଳରେ ଏବେ ଖୁସିର ଲହରୀ ଖେଳିଯାଇଛି।



## ଟାଉନ ଥାନା ପୋଲିସକୁ ବଡ଼ ସଫଳତା

# ଲୁଟେରା ଗ୍ୟାଙ୍ଗର ୨ ଗିରଫ, ସୁନାଚେନ୍ ଓ ବାଇକ ଜବତ

**ସମ୍ବଲପୁର (ଏନ୍.ଏମ୍.) :** ସମ୍ବଲପୁର ଟାଉନ ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଗତ ୧୦ ଜୁନ୍ ୨୦୨୬ରେ ଆଶାପାଲି ସ୍କୁଲ ସମ୍ମୁଖରେ ଘଟିଥିବା ଏକ ସୁନା ଚେନ୍ ଲୁଟ୍ ମାମଲାର ପର୍ଦ୍ଦାଫାଶ କରି ପୋଲିସ ଛତିଶଗଡ଼ର ଦୁଇ ଜଣ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ଅନୁଯାୟୀ, ଗତ ୧୦ଜୁନ୍ ସନ୍ଧ୍ୟାରେ ମୋଦିପଡ଼ାର ସୁଜାତା ମହାପାତ୍ର ଏବଂ ତାଙ୍କ ପୁଅ ଆଶାପାଲି ସ୍କୁଲ ସମ୍ମୁଖରେ ଥିବା ଏକ ଦୋକାନରେ ଜଳଖିଆ ଖାଉଥିଲେ। ଏହି ସମୟରେ ଏକ କଳା ରଙ୍ଗର କେଟିଏମ ମୋଟରସାଇକେଲରେ ଦୁଇଜଣ ଦୁର୍ବୃତ୍ତ ଆସି ସୁଜାତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏହି ନେଇ ଟାଉନ ଥାନାରେ କେସ୍ ନଂ ୧୯୪/୨୦୨୬ ଅଧୀନରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ପୋଲିସ ଦ୍ୱାରା ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଧନୁଷ ତାରିଆ ଓରଫ ଅଗସ୍ତି (୨୬)ଗ୍ରାମ- ଛିବ୍ରା, ଛତିଶଗଡ଼, ଶେଖର ଦାଶ (୨୦) ଗ୍ରାମ ଘୁଚାପାଲି ଛତିଶଗଡ଼। ପୋଲିସ ଅଭିଯୁକ୍ତମାନଙ୍କଠାରୁ ବିପୁଳ ପରିମାଣର ଚୋରାସାମଗ୍ରୀ ଜବତ କରିଛି, ଯେଉଁଥିରେ ରହିଛି- ପ୍ରାୟ ୧୪ ଗ୍ରାମର ଏକ ସୁନା୨ ୨ଗ୍ରାମର ତରଳାଯାଇଥିବା ସୁନା ଏକ ଆଇଫୋନ୍ ନଗଦ ୫,୦୦୦ ଟଙ୍କା ଲୁଟ୍‌ରେ ବ୍ୟବହୃତ ବିନା ନମ୍ବର ପ୍ଲେଟ୍ ବିଶିଷ୍ଟ କଳା ରଙ୍ଗର ବାଇକ୍ ଏବଂ ହେଲମେଟ୍। ପୋଲିସ ସୂଚନା ଅନୁଯାୟୀ, ଏହି ଦୁଇ ଅଭିଯୁକ୍ତ ପୂର୍ବରୁ ଅନେକ ଅପରାଧିକ ମାମଲାରେ ସଂପୃକ୍ତ ଅଛନ୍ତି। ଏମାନଙ୍କ ନାମରେ ଟାଉନ ଥାନା (କେସ୍ ନଂ ୧୯୭), କ୍ଷେତରାଜପୁର ଥାନା (କେସ୍ ନଂ ୧୩୦) ଏବଂ ବରଗଡ଼ ଅଞ୍ଚଳରେ ୨ଟି ମାମଲା ରହିଛି।




## ରେଳବାଇ ଜିଏମଙ୍କ ମୁନିଗୁଡା ଗସ୍ତ : ପ୍ରଗତି ମଞ୍ଚ ତରଫରୁ ସ୍ମାରକପତ୍ର ପ୍ରଦାନ

# ଜୁଲାଇ ୫ ପୂର୍ବରୁ ଭୂତଳ ରାସ୍ତା କାର୍ଯ୍ୟ ଆରମ୍ଭ ନହେଲେ ରେଳରୋକ ଚେତାବନୀ

**ମୁନିଗୁଡା (ଏନ୍.ଏମ୍.) :** ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ପରମେଶ୍ୱର ପଙ୍କୱାଲ ଶୁକ୍ରବାର ବ୍ୟକ୍ତିଗତ ରେଳ ଯୋଗେ ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟର ତଦାରଖ କରିବାକୁ ଆସିଥିବା ବେଳେ ମୁନିଗୁଡା ରେଳ ଷ୍ଟେସନରେ ପହଞ୍ଚି ଅମୃତ ଭାରତ ଯୋଜନାରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ଏହି ଅବସରରେ ମୁନିଗୁଡା ପ୍ରଗତି ମଞ୍ଚ ତରଫରୁ ମଞ୍ଚର ସଭାପତି ସିଏଚ. ଗଣେଶ୍ୱର ରାଓ ଓ ସମ୍ପାଦକ ସିମାଞ୍ଚଳ ପଣ୍ଡାଙ୍କ ମିଳିତ ନେତୃତ୍ୱରେ ବହୁ ସଂଖ୍ୟାରେ ସଦସ୍ୟ ମାନେ ରେଳ ଷ୍ଟେସନରେ ପହଞ୍ଚି ଜିଏମ ଶ୍ରୀ ପଙ୍କୱାଲଙ୍କୁ ଭେଟି ମୁନିଗୁଡ଼ା ଅଞ୍ଚଳର ୧୪ବର୍ଷ ଧରି ହୋଇ ଆସୁଥିବା ନ୍ୟାଯ୍ୟ ଦାବି ଭୂତଳ ରାସ୍ତାର ବିଳମ୍ବିତ ଆରମ୍ଭକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ଏହି ବିଷୟ ଉପରେ ଆଲୋଚନା କରିଥିଲେ। ପରେ ମୁନିଗୁଡାର ତିନିକୋଣିଆ ଛକ ନିକଟସ୍ଥ ରେଳ ଗେଟ ପାଖରେ ଭୂତଳ ରାସ୍ତା ନିର୍ମାଣ ଓ ରାୟଗଡା ନୂତନ ରେଳ ଡିଭିଜନରେ ମୁନିଗୁଡ଼ାକୁ ସାମିଲ କରିବା ଦୁଇଟି ପ୍ରମୁଖ ଦାବିକୁ ନେଇ ଆଲୋଚନା କରିବା ସହ ଏକ ଲିଖିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଜିଏମ ସମସ୍ତ ଆଲୋଚନା କରିବା ପରେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଅତିଶିଘ୍ର କାର୍ଯ୍ୟ ଆରମ୍ଭ ହେବ,ସେଥିପାଇଁ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଯଦି ମୁନିଗୁଡ଼ା ବାସୀଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଦାବି ଭୂତଳ ରାସ୍ତା ନିର୍ମାଣକୁ ନେଇ କୌଣସି ସଠିକ୍ ସକାରାତ୍ମକ ଲିଖିତ ଖବର ନଆସେ କିମ୍ବା ଦୃଷ୍ଟାନ୍ତ ମୂଳକ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ପ୍ରକ୍ରିୟା ତ୍ୱରାନ୍ୱିତ କରାନଯାଏ ତେବେ ବାଧ ହୋଇ ମଞ୍ଚ ହଜାର ହଜାର ଜନ ସାଧାରଣଙ୍କୁ ନେଇ ସକାଳ ୭ରୁ ଯଥା ସ୍ଥାନରେ ରେଳ ରୋକ ଆରମ୍ଭ କରିବ। ଏସବୁ ଆଲୋଚନା ପରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ମାନେ କହିଛନ୍ତି ୫ତାରିଖ ପୂର୍ବରୁ ଆପଣ ମାନଙ୍କ କାର୍ଯ୍ୟ ନିଶ୍ଚିତ ହୋଇଯିବ, ରେଳ ରୋକ କରିବାକୁ ପଡିବ ନାହିଁ। ସେହିପରି ମୁନିଗୁଡ଼ା ବାର ଆସୋସିଏସନ ତରଫରୁ ଯାତ୍ରୀ ସମସ୍ୟା, ଭୂତଳ ରାସ୍ତା ଓ ଷ୍ଟେସନ ପରିସରରେ ବିଭିନ୍ନ ଉନ୍ନୟନ ମୂଳକ ପଦକ୍ଷେପ ନେବାକୁ ଅଧିବକ୍ତା ମନୋଜ ଚୌଧୁରୀଙ୍କ ନେତୃତ୍ୱରେ, ଦୁର୍ଯ୍ୟୋଧନ ବେହେରା, ଦାମୋଦର ମହାପାତ୍ର, ମନୋଜ କୁମାର ସେଠୀଙ୍କ ସମେତ ଅନେକ ଅଧିବକ୍ତା ଉପସ୍ଥିତ ରହି ଅସନ୍ତୋଷ ପ୍ରକାଶ କରିବା ସହ ଦାବି ପତ୍ର ପ୍ରଦାନ କରିଥିଲେ। ଜିଏମଙ୍କ ସହ ଆଲୋଚନା ବେଳେ ଅନ୍ୟ ମାନଙ୍କ ମଧରେ ପ୍ରଗତି ମଞ୍ଚର ଉପ ସଭାପତି ରାଜୀବ ଲୋଚନ ଦାସ,ସହ ସମ୍ପାଦକ ମନୋରଞ୍ଜନ ଦଳାଇ, କୋଷାଧକ୍ଷ ନନ୍ଦ କିଶୋର ପଟ୍ଟନାୟକ, ଉପଦେଷ୍ଟା ପ୍ରଦୀପ ପରିଚ୍ଛା, ଜଗନ୍ନାଥ ନୁଣ୍ଡୁକା, କାର୍ଯ୍ୟକାରିଣୀ ସଦସ୍ୟ ଶକୁନ୍ତଳା ନୁଣ୍ଡୁକା, ସୁଦାମ ପଣ୍ଡା, ପ୍ରଭାତ ପାଣିଗ୍ରାହୀ, ଚିନ୍ତାମଣି ସାହୁ, ଆନନ୍ଦ ରାଓ, ବିଦ୍ୟାଧର ଦାସ, ଦୁଃଖିଶ୍ୟାମ ସୁବୁଦ୍ଧି, ବି.ଜୟଶଙ୍କର ପାତ୍ର, ଭି.ପ୍ରବୀଣ କୁମାର, ଟୁନା କରକରିଆ ପ୍ରମୁଖଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହି ଜୁଲାଇ ୫ ତାରିଖ ପୂର୍ବରୁ ଭୂତଳ ରାସ୍ତା କାର୍ଯ୍ୟ ଆରମ୍ଭ ନହେଲେ ରେଳରୋକ କରାଯିବ ବୋଲି ଚେତାବନୀ ଦେଇଥିଲେ।




## ବର୍ଷାର ପ୍ରଥମ ଛିଟାରେ ଦବିଲା ପ୍ରଧାନମନ୍ତ୍ରୀ ରାସ୍ତା

# ଦର୍ଶାଉଛି ନିମ୍ନମାନର କାମ

**ଝରୀଗାଁ (ଏନ୍.ଏମ୍.) :** ରାଜ୍ୟରେ ସରକାରଙ୍କ ପକ୍ଷରୁ ଅନେକ ଜନହିତକର ପ୍ରକଳ୍ପ ହେଉଥିବାବେଳେ ଏଥିରେ ରାଜସ୍ୱ ବାଟମାରଣା ହେଉଥିବା ଦେଖିବାକୁ ମିଳିଛି। ନିମ୍ନମାନର କାମ କରାଯାଇ ମାଲେମାଲ ହେଉଛନ୍ତି ଠିକାଦାର। ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଧାମନାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଝରିଗୁଡ଼ା ଛକରୁ ଟୁଟିଗୁଡ଼ାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା ଅଧୀନରେ ନିର୍ମିତ ପିଚୁ ରାସ୍ତା ଏବଂ ଝରିଗୁଡ଼ା-ନାଗଜରି ମଧରେ ନିର୍ମିତ ଛୋଟ ବ୍ରିଜର ଗୁଣବତ୍ତାକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ମାତ୍ର ଦୁଇ ମାସ ପୂର୍ବରୁ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଥିବା ଏହି ରାସ୍ତା ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଦବିବା ଆରମ୍ଭ କରିଛି। ରାସ୍ତାରେ ପକାଯାଇଥିବା ଚିପ୍ସ ଓ ପିଚୁ ଠିକ୍ ଭାବେ ବସିନଥିବାରୁ ଅନେକ ସ୍ଥାନରେ ଖସି ପଡୁଥିବା ଦେଖାଯାଉଛି। ପ୍ରତିଦିନ ଏହି ରାସ୍ତା ଦେଇ ଶତାଧିକ ଯାନବାହନ ଚଳାଚଳ କରୁଥିବାରୁ ଏହାର ଅବସ୍ଥା ଦିନକୁ ଦିନ ଖରାପ ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବର୍ଷା ଯୋଗୁଁ ରାସ୍ତାର କିଛି ସ୍ଥାନରେ ମାଟି ତଳକୁ ଖସିଯାଇଥିବାରୁ ରାସ୍ତା ଦବିଯାଇଛି। ପାଗ ସୁଧୁରିବା ପରେ ପୁନର୍ବାର ମରାମତି କାମ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରକାଶ ପନକା, ନବ କଲାର, ଚତୁର ପୂଜାରୀ, ବୈର ପୂଜାରୀ, ସାରେଙ୍ଗ ପନକା, ଗଦୁ ଭତ୍ରା ଓ ସିଗ୍ରାମ ମାଝୀ ପ୍ରମୁଖ ଗ୍ରାମବାସୀ ଏହି ଘଟଣାର ତଦନ୍ତ କରି ନିର୍ମାଣ କାମର ଗୁଣବତ୍ତା ଯାଞ୍ଚ ସହ ଦୋଷୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଏବଂ ରାସ୍ତା ଓ ବ୍ରିଜର ତୁରନ୍ତ ମରାମତି ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।



## ସାମ୍ବାଦିକଙ୍କ ପେନସନ୍ ପ୍ରସଙ୍ଗ

# ୩ ମାସ ଭିତରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

**କଟକ/ବ୍ରହ୍ମପୁର (ଏନ୍.ଏମ୍.) :** ସାମ୍ବାଦିକଙ୍କୁ ପେନସନ ପ୍ରଦାନ ପ୍ରସଙ୍ଗକୁ ନେଇ ଦାୟର ମାମଲାରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ୩ ମାସ ସମୟ ପ୍ରଦାନ କରିଛନ୍ତି। ସମସ୍ତ ପ୍ରକାରର ପ୍ରଶାସନିକ ପଦକ୍ଷେପ, ସଂସାଧନ, ଆର୍ଥିକ ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ବିଚାରକୁ ନେଇ ସାମ୍ବାଦିକଙ୍କୁ ପେନସନ ପ୍ରଦାନ ସଂକ୍ରାନ୍ତରେ ସରକାର ୩ମାସ ଭିତରେ ଉପଯୁକ୍ତ ନିଷ୍ପତି ଗ୍ରହଣ କରିବେ ବୋଲି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସିନିୟର ଜର୍ଣ୍ଣାଲିଷ୍ଟ ଆସୋସିଏସନ, ଓଡ଼ିଶା (ଏସଜେଏଓ) ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ଧାର୍ଯ୍ୟ ସମୟସୀମା ଭିତରେ ଏହି ପ୍ରସଙ୍ଗରେ ପଦକ୍ଷେପ ନିଆ ନଯାଏ ତେବେ ଆବେଦନକାରୀ ସାନି ଅଦାଲତ ଅବମାନନା ମାମଲା ରୁଜୁ କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ଶୁଣାଣି ସମୟରେ ବରିଷ୍ଠ ସାମ୍ବାଦିକଙ୍କୁ ରାଜ୍ୟରେ ପେନସନ ପ୍ରଦାନ କରାଯାଉ ନଥିବା ପ୍ରସଙ୍ଗରେ ଆବେଦନକାରୀଙ୍କ ତରଫରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ପେନସନ ଯୋଜନାରେ ରାଜ୍ୟର ବରିଷ୍ଠ ସାମ୍ବାଦିକଙ୍କୁ ସାମିଲ ପ୍ରସଙ୍ଗରେ ରାଜ୍ୟ ସରକାର ବିଚାରବିମର୍ଶ କରୁଛନ୍ତି। ଉପଯୁକ୍ତ ନିଷ୍ପତ୍ତି ନେବା ପାଇଁ ୩ମାସ ସମୟ ପ୍ରଦାନ କରାଯାଉ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପ୍ରତ୍ୟୁଷା ନାଇଡୁ ମାମଲା ପରିଚାଳନା କରୁଥିଲେ। ବରିଷ୍ଠ ସାମ୍ବାଦିକ ସଂଗଠନ ପକ୍ଷରୁ ଗତ କିଛିଦିନ ଧରି ଲଗାତର ଭାବେ ସାମ୍ବାଦିକ ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ସ୍ୱର ଉତ୍ତୋଳନ ଓ ଉଦ୍ୟମ ଜାରି ରଖିଥିବାରୁ ଓଡ଼ିଶା ସାମ୍ବାଦିକ ସଂଘର ପୂର୍ବତନ ସଭାପତି, ସାଧାରଣ ସମ୍ପାଦକ ରବି ରଥ ସଂଗଠନ ପ୍ରତି କୃତଜ୍ଞତା ଜଣାଇବା ସହ ଏବଂ ଆଶା ପ୍ରକାଶ କରିଛନ୍ତି ଇତିମଧ୍ୟରେ ଭାରତ ବର୍ଷର ୧୮ଟି ରାଜ୍ୟରେ ସାମ୍ବାଦିକ ପେନସନ ବ୍ୟବସ୍ଥା ଲାଗୁ ହୋଇଛି। ବିଜେପିର ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମ୍ବାଦିକଙ୍କୁ ପେନସନ, ସୁରକ୍ଷା ଏବଂ ଅଧିସ୍ୱୀକୃତି କମିଟି ଗଠନ ପାଇଁ ଦେଇଥିବା ପ୍ରତିଶ୍ରୁତି ଖୁବଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ପ୍ରକାଶ କରିଥିଲେ।

# କେନ୍ଦ୍ର ଏବଂ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ଦୁଇମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଜିଲ୍ଲା କଂଗ୍ରେସ

**ମାଲକାନଗିରି(ଏନ୍.ଏମ୍.) :** ଦେଶରେ ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ଗଲାଣି। ଶିକ୍ଷାର ମାନ ସମ୍ପୂର୍ଣ୍ଣ ଖରାପ ହେଉଥିବାବେଳେ ମେଧାବୀ ଛାତ୍ରଛାତ୍ରୀଙ୍କୁ ହାରାସ କରାଯାଉଛି। ଏଥିସହିତ ବାରମ୍ବାର ପରୀକ୍ଷା ପରିଚାଳନାରେ ତ୍ରୁଟି ତଥା ସରକାରଙ୍କ ଅପରିଣାମ ଦର୍ଶୀତା ନୀତି ଯୋଗୁଁ ଦେଶରେ ଶିକ୍ଷା ବ୍ୟବସ୍ଥା ନଷ୍ଟ ହେବାରେ ଲାଗିଛି। କେବଳ ସେତିକି ନୁହେଁ ରାଜ୍ୟରେ ମଧ ଏହାର ପ୍ରତିରୂପ ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀଙ୍କ ପାଇଁ ସରକାର ଯେଉଁ ବହି ପ୍ରକାଶନ କରିଛନ୍ତି ସେଥିରେ ଯେଉଁ ତ୍ରୁଟି ପରିଲକ୍ଷିତ ହୋଇଛି ତାହା ସମସ୍ତ ଶିକ୍ଷାବିତମାନଙ୍କୁ ମର୍ମାହତ କରୁଛି। ବିଜେପି ସରକାର ରାଜ୍ୟରେ ଶାସନ ଭାର ନେଉ ନେଉ ଶିକ୍ଷା ବ୍ୟବସ୍ଥାକୁ ଧୂଳିସାତ କରିବା ପାଇଁ ଏକ ଷଡ଼ଯନ୍ତ୍ର କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲା କଂଗ୍ରେସ ଭବନ ଠାରେ ଜିଲ୍ଲା କଂଗ୍ରେସ ସଭାପତି ଜି.ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଜାଇଛି। ଦେଶରେ ନିଟ ପରୀକ୍ଷାରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଘଟଣା, ପରୀକ୍ଷା ତାରିଖ ଘୁଞ୍ଚିବା, ପୁନର୍ବାର ପରୀକ୍ଷା ଦେବା ତତ୍ ସହିତ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମରେ ୧୬ଶହରୁ ଅଧିକ ତ୍ରୁଟି ଥିବା, ଛାତ୍ରଛାତ୍ରୀ ଜୀବନ ହାରିବା ଘଟଣାକୁ ମୁଦ୍ଦା କରିଛି କଂଗ୍ରେସ। ଦେଶର ଶିକ୍ଷା ବ୍ୟବସ୍ଥାକୁ ଡବଲ ଇଞ୍ଜିନ ବିଜେପି ସରକାର କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରିଛ କଂଗ୍ରେସ। ଏପରିକି ବିଜେପି ସରକାରକୁ 'ଶୋଷଣ ମେସିନ୍' ବୋଲି ବ୍ୟାଖ୍ୟା କରିଛି ଦଳ। ଏପରିକି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏବଂ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କୁ ଇସ୍ତଫା ଦାବି କରିଛି କଂଗ୍ରେସ। ରାଜ୍ୟରେ ଲକ୍ଷଲକ୍ଷ ବହି ତ୍ରୁଟିପୂର୍ଣ୍ଣ ପ୍ରକାଶିତ ହୋଇଛି। ଏହାକୁ ତୁରନ୍ତ ସୁଧାରିବାକୁ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି ଜିଲ୍ଲା କଂଗ୍ରେସ। ସେହିପରି କୋଟା ବେସିସ୍‌ରେ ଅନ୍ୟ ଜିଲ୍ଲାରୁ ଆସି ଅବିଭକ୍ତ କୋରାପୁଟ, ମାଲକାନଗିରି ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଚାକିରି କରିବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏଠାରୁ ନିଜ ଜିଲ୍ଲାକୁ ଫେରି ଯିବାକୁ ମେଡିକାଲ ସମସ୍ୟା ଦେଖାଇ ବଦଳି ହେବା ପାଇଁ ୨୫୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଆବେଦନ କରିଛନ୍ତି। ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ପାଇଁ ଏଠାକାର ଗରିବ ନିରୀହ ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ିବା କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ତାହା ଉପରେ ସରକାର ଦୃଷ୍ଟି ଆକର୍ଷଣ କରନ୍ତୁ ବୋଲି ଦାବି ହୋଇଛି। ଯଦି ସରକାର ଏଦିଗରେ ଦୃଷ୍ଟି ନଦିଅନ୍ତି ତେବେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜ ରାସ୍ତାକୁ ଓହ୍ଲାଇବ ବୋଲି କହିଚନ୍ତି ଜିଲ୍ଲା କଂଗ୍ରେସ୍ ସଭାପତି ଶ୍ରୀ ରାଓ। କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ପି. କେଶୁ ରାଓ, ଜିଲ୍ଲା ପରିଷଦ ସଦସ୍ୟ କୃଷ୍ଣ ଚନ୍ଦ୍ର ଆନୁଗୁ , ପ୍ରଭାକର ପାଳ, ପର୍ଶୁରାମ ଭକ୍ତ, ଛବି ଦାସ, ପ୍ରାଣକୃଷ୍ଣ ମଣ୍ଡଳଙ୍କ ସମେତ ସମସ୍ତ ବରିଷ୍ଠ କର୍ମକର୍ତ୍ତା, ଯୁବ, ଛାତ୍ର, ମହିଳା କଂଗ୍ରେସର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।






# ବଦଳିବ କି ରେଙ୍ଗାଳି ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ରର ଭାଗ୍ୟ

**କଣିହାଁ (ଏନ୍.ଏମ୍.):** ଏକଦା ଅନୁଗୁଳ ଜିଲ୍ଲାର ସର୍ବୋତ୍ତମ ସ୍ୱାସ୍ଥ୍ୟକେନ୍ଦ୍ରର ଗୌରବ ଲାଭ କରିଥିବା କଣିହାଁ ବ୍ଲକ୍ ରେଙ୍ଗାଳି ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଅବହେଳିତ । ଗତ ନିର୍ବାଚନରେ ବିଜେପି ଏହି ଡାକ୍ତରଖାନାର ସମସ୍ୟାକୁ ପ୍ରମୁଖ ପ୍ରସଙ୍ଗ କରିଥିଲା। ୫୧ ବର୍ଷର ପୁରୁଣା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭାଗ୍ୟ ବଦଳିବ କି ? ସରକାର ଏହାକୁ ଦେବେକି ସିଏଚ୍‌ସି ର ମାନ୍ୟତା ? ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଅନୁଗୁଳ ଓ ଦେବଗଡ଼ ଜିଲ୍ଲାର ୧୩ଟି ପଞ୍ଚାୟତର ଅଧିବାସୀଙ୍କ ମନରେ ଏଭଳି ଅନେକ ଆଶା ଉଙ୍କି ମାରିଛି। କଣିହାଁ ବ୍ଲକ୍ ରେଙ୍ଗାଳି ପ୍ରକଳ୍ପ ଠାରେ ବହୁମୁଖୀ ନଦୀବନ୍ଧ ଯୋଜନା ନିର୍ମାଣ ସମୟରେ ୧୯୭୫ ମସିହାରେ ଜଳ ସମ୍ପଦ ବିଭାଗ ଦ୍ୱାରା ରେଙ୍ଗାଳି ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଥିଲା। ରେଙ୍ଗାଳି ଡ୍ୟାମର ଶ୍ରମିକ, କର୍ମଚାରୀଙ୍କ ସମେତ ନଦୀବନ୍ଧ ଦ୍ୱାରା କ୍ଷତିଗ୍ରସ୍ତ ପ୍ରଜାଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ୩୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭାରମ୍ଭ




ହୋଇଥିଲା । ପରେ ଏହାକୁ ଶୀତତାପ ନିୟନ୍ତ୍ରିତ କକ୍ଷରେ ପରିବର୍ତ୍ତିତ କରାଯାଇଥିଲା। ଜଳ ସମ୍ପଦ ବିଭାଗ ପକ୍ଷରୁ ସେତେବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସି.ଏମ୍.ଓ, ଦୁଇ ଜଣ ବିଶେଷଜ୍ଞ ଡାକ୍ତର,ଦୁଇଜଣ ଫାର୍ମାସିଷ୍ଟ, ଆବଶ୍ୟକ ସଂଖ୍ୟକ ଷ୍ଟାଫ୍ ନର୍ସ, ଲାବୋରେଟୋରି ଟେକ୍ନିସିଆନ୍, ଡ୍ରେସର, କିରାଣି, ଝାଡୁଦାର ନିଯୁକ୍ତ କରାଯିବା ସହ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ଉପକରଣ ଯୋଗାଇ ଦିଆଯାଇଥିଲା। ଏଠାରେ ସାମାନ୍ୟ ରୋଗ ଠାରୁ ଆରମ୍ଭ କରି ଜଟିଳ ଅସ୍ତ୍ରୋପଚାର ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ସୁବିଧା ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିଲା। ୧୯୮୫ ମସିହାରେ ଡ୍ୟାମର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଆଜି ବି ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକତା ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଣିହାଁ ବ୍ଲକର ୮ ଟି ପଞ୍ଚାୟତ ସହ ସୀମାନ୍ତ ଦେବଗଡ଼ ଜିଲ୍ଲାର ୫ ଟି ପଞ୍ଚାୟତର ଜନସାଧାରଣ ଚିକିତ୍ସା ସୁବିଧା ପାଇଁ ନିର୍ଭର କରନ୍ତି। ୨୦୧୨ ମସିହା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସୁରୁଖୁରୁରେ ପରିଚାଳିତ ହେଉଥିଲା ।ସେହିବର୍ଷ ରାଜ୍ୟ ଜଳ ସମ୍ପଦ ବିଭାଗ ସ୍ୱାସ୍ଥ୍ୟ ବିଭାଗକୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିଥିଲା। ଏହା ପର ଠାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଦିନକୁ ଦିନ ରୁଗ୍ଣ ହେବାରେ ଲାଗିଲା। ଏଠାରେ କେବଳ ଜଣେ ଫାର୍ମାସିଷ୍ଟ ଓ ଦୁଇ ଜଣ ଷ୍ଟାଫ ନର୍ସଙ୍କ ଭରସାରେ ଚିକିତ୍ସାକେନ୍ଦ୍ର ପରିଚାଳିତ ହେଉଛି। ଫଳରେ ଡାକ୍ତର ନଥିବା କାରଣରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଆସିବା ମଧ୍ୟ ବନ୍ଦ ହୋଇଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସୁବିଧା ମିଳୁନଥିବାରୁ ଅଞ୍ଚଳବାସୀ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଗାଡ଼ି ଭଡ଼ା କରି ଯାଉଛନ୍ତି। ୨୦୨୩ ମସିହା ଜାନୁଆରି ମାସରେ ସ୍ୱାସ୍ଥ୍ୟ ବିଭାଗର ଏକ ଚାରିଜଣିଆ ଟିମ୍ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଯାଞ୍ଚ କରିବାକୁ ଆସିଥିଲେ। ଏଠାରେ ଆବଶ୍ୟକ ଡାକ୍ତର, କର୍ମଚାରୀ ନିଯୁକ୍ତ ହେବା ସହ ସ୍ୱାସ୍ଥ୍ୟକେନ୍ଦ୍ର ତାହାର ହୃତ ଗୌରବ ଫେରି ପାଇବ ବୋଲି ସେହି ସମୟରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ବିଷୟରେ ପଚାରିବାରୁ ସେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବିଷୟରେ ଅବଗତ ଥିବା କହିବା ସହିତ ରାଜ୍ୟରେ ବିଜେପି ସରକାର ହେବାପରେ ନିଜସ୍ୱ ଉଦ୍ୟମରେ ଓଏଚପିସି ର ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରି ୨୦ ଲକ୍ଷଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କରାଯାଇଥିବା କହିଥିଲେ। ଏହା ଛଡ଼ା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଅତି ଶୀଘ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ବିଭାଗକୁ ଆନୁଷ୍ଠାନିକ ଭାବେ ହସ୍ତାନ୍ତର ସହ ସମସ୍ତ ଆନୁସାଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ରାଜ୍ୟ ସରକାର ଅଙ୍ଗୀକାର ବଦ୍ଧ ବୋଲି କହିଥିଲେ। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ରେଙ୍ଗାଳି ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର, କର୍ମଚାରୀ ନିଯୁକ୍ତ କରାଯିବା ସହ ଏହାକୁ ସିଏଚସି ମାନ୍ୟତା ପ୍ରଦାନ କରାଯିବାକୁ ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ବରଗଡ ଜିଲ୍ଲା ଭଟଲି ନିର୍ବାଚନ ମଣ୍ଡଳୀ ଆମ ଆଦମୀ ପାର୍ଟିର ବୈଠକ

**ବରଗଡ(ଏନ୍.ଏମ୍.):** ସଂଗଠନିକ ପ୍ରସ୍ତୁତି ବୈଠକ ସୋହେଲା ଭବନ ଠାରେ ଭଟଲି ନିର୍ବାଚନ ମଣ୍ଡଳୀର ସଭାପତି ଶାହାରୁଖ ଲୋଧିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ।ଶାହାରୁକ ଲୁଧିଆଙ୍କ ଆହ୍ୱାନରେ ଏକାଠି ହେଲେ ଶହଶହ ମହିଳା କର୍ମୀ, ଓ ଯୁବ ସମର୍ଥକ । ମୁଖ୍ୟ ଅତିଥି ଭାବେ ଦିଲ୍ଲୀରୁ ଆସିଥିବା ସହ ପ୍ରଭାରୀ ଟିଙ୍କୁ ରଯୋରା, ରାଜ୍ୟ ସଂଗଠନ ସଂପାଦକ ଭବାନୀ ସାହୁ , ଓ ଜିଲ୍ଲା ସଭାପତି ଯଦୁମଣୀ ପଧାନ ଯୋଗ ଦେଇ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଇ ବିଜୟ ଲାଭ ହେବାପରେ ଲୋକଙ୍କ ପାଖକୁ ସରକାରୀ ଯୋଜନା ପହଞ୍ଚି ପାରୁ ନାହିଁ, ସେ ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଆମ ଆଦମୀ ପାର୍ଟି ତରଫରୁ ପ୍ରତିପଞ୍ଚାୟତରେ ବିଜୟ ହେବେ ସେ ବିଷୟରେ ନିଜ ନିଜ ବକ୍ତବ୍ୟରେ କହିଥିଲେ ।

## ମାନବିକତାର ଶର୍ମସାର ଘଟଣା

# ଶବକୁ ମିଳିଲାନି କାନ୍ଧ

### ଦୁଇଝିଅ ନାତି ସାଇକେଲରେ ନେଲେ ଶବ ସତ୍କାର କରିବାକୁ



**ବରଗଡ (ଏନ୍.ଏମ୍.):** ଜାତି, କୁପ୍ରଥା, କୁପରମ୍ପରା ବେବେ ମଣିଷ ଜୀବନକୁ ଶର୍ମସାର କରିଦେଇଛି। ।ନ୍ୟ ଜାତିରେ ପୁଆ ବାହା ହୋଇଛି ବୋଲି ମାଆର ଶବକୁ କେହ କାନ୍ଧ ଦେଲେନି। ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ପାଇକମାଲ ଠାରେ ସାଇକେଲରେ ବୁହା ହେଲା ୮୦ ବର୍ଷୀୟ ବୃଦ୍ଧାଙ୍କ ମୃତଦେହ। ଶେଷ ଯାତ୍ରା ପାଇଁ ଗାଁରୁ କେହି ଆସିଲେନି। ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ପଦ୍ମପୁର ଉପଖଣ୍ଡ ପାଇକମାଲ ସହରର କଣ୍ଟାପଡ଼ା ଅଞ୍ଚଳରେ। ସୂଚନା ମୁତାବକ କଣ୍ଟାପଡ଼ାର ଜୟନ୍ତୀ ବଛା ନାମକ ୮୦ ବର୍ଷୀୟ ବୃଦ୍ଧାଙ୍କରି ମୃତ୍ୟୁ ହୋଇଥିଲା। ତାଙ୍କ ପୂର୍ବରୁ ବଡ଼ ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ପୁଅ ପରିବାର ଜୀବିକା ଚଳାଇବା ପାଇଁ ବାହାରକୁ ଦାଦନ ଖଟିବାକୁ ଯାଇଥିବା ଜଣାପଡ଼ିଛି। ପରିବାର ସୂତ୍ରରୁ ଜଣାପଡ଼ିଛି ଯେ, ତାଙ୍କର ଦୁଇ ପୁଅ ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କୁ ସମାଜର କିଛି ଲୋକ ଦୂରେଇ ରହିଥିଲେ। ଫଳରେ ଜୟନ୍ତୀ ବଛାଙ୍କ ମରଶରୀରକୁ କାନ୍ଧ ଦେବା ପାଇଁ କେହି ଆସିନଥିବା ଅଭିଯୋଗ ହୋଇଛି। ଶେଷରେ ତାଙ୍କର ଦୁଇ ଝିଅ ଓ ନାତି ଏକ ସାଇକେଲ ସାହାଯ୍ୟରେ ମରଶରୀରକୁ ନେଇ ଶବ ସତ୍କାର କରିବାପାଇଁ ଶ୍ମଶାନକୁ ନେଇଥିଲେ। ଉକ୍ତ ଘଟଣା ଟି ସମାଜରେ ମାନବିକତା, ପରମ୍ପରା ଓ ସାମାଜିକ ଚିନ୍ତାଧାରାକୁ ନେଇ ଅନେକ ପ୍ରଶ୍ନବାଚୀ ଉଠାଇଛି। ଘଟଣାର ଦୃଶ୍ୟ ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳ ଲୋକେ ଦୁଃଖ ତ କରିଛନ୍ତି ହେଲେ ମଣିଷ ପଣିଆ ଦେଖାଇ ନଥିଲେ।

## ଗଞ୍ଜାମରେ ଜିଲ୍ଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ ଉଦ୍‌ଯାପିତ

**ଛତ୍ରପୁର (ଏନ୍.ଏମ୍.) :** ଆନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ ତସକରି ବିରୋଧ ଦିବସ-୨୦୨୬ ଅବସରରେ ଗଞ୍ଜାମ ଜିଲ୍ଲାରେ ଗତ ୧୭ ଜୁନରୁ ଆରମ୍ଭ ହୋଇଥିବା ୧୦ ଦିନବ୍ୟାପୀ "ନିଶାମୁକ୍ତ ଭାରତ ଅଭିଯାନ" ଗୁରୁବାର ଛତ୍ରପୁରଠାରେ ବ୍ୟାପକ ଜନସହଭାଗିତା ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଜିଲ୍ଲା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ନିଶାମୁକ୍ତ ସମାଜ ଗଠନର ସଂକଳ୍ପକୁ ଆହୁରି ଦୃଢ଼ କରିଥିଲା।

ଏହି ଅବସରରେ ସକାଳେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଏବଂ ସୁନୀଲ କୁମାର କେରକେଟା ମିଳିତ ଭାବେ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ନିଶାମୁକ୍ତି ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଓ ବ୍ୟାନର ଧରି ଅଂଶଗ୍ରହଣକାରୀମାନେ ଛତ୍ରପୁର ସହର ପରିକ୍ରମା କରି ବିଦ୍ୟାଳୟ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ସମୂହ ଶପଥ ପାଠ କରାଯାଇଥିଲା। ଜିଲ୍ଲାବ୍ୟାପୀ ପାଳିତ ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ସ୍କୁଲ, କଲେଜ ଓ ବ୍ଲକ ସ୍ତରରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା, ଶପଥ ଗ୍ରହଣ ଓ ସଚେତନତା ଶୋଭାଯାତ୍ରା ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ନିଶାମୁକ୍ତ ବ୍ୟକ୍ତିବିଶେଷ ଓ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଲକ୍ଷ୍ୟ କରାଯାଇଥିଲା। ଗଞ୍ଜାମ ଜିଲ୍ଲାର ଛତ୍ରପୁର, ଖଲ୍ଲିକୋଟ ଏବଂ କନିସିଠାରେ କାର୍ଯ୍ୟରତ ତିନୋଟି ସମନ୍ୱିତ ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ମାଧ୍ୟମରେ ଏହି ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ନିଶାମୁକ୍ତ ବ୍ୟକ୍ତିବିଶେଷ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।




## ଖୋର୍ଦ୍ଧାରେ ଗଡ଼ିଲା ନିଶା ବିରୋଧୀ ସଚେତନତା ରଥ




**ଖୋର୍ଦ୍ଧା (ଏନ୍.ଏମ୍.):** ଯୁବଶକ୍ତି ରାଷ୍ଟ୍ରର ପ୍ରଚଣ୍ଡ ଶକ୍ତି । ଯୁବ ଶକ୍ତି ସଚେତନ ହେଲେ ସମାଜ ଓ ରାଷ୍ଟ୍ରର ଦ୍ରୁତ ବିକାଶ ହେବ କ୍ଷ ନିଶାମୁକ୍ତ ଭାରତ ଅଭିଯାନ ଏବଂ ବିକଶିତ ଭାରତ ର ସ୍ୱାଭିମାନ ସମ୍ଭବ ହେବ । ନିଶା ମୁକ୍ତ ଜୀବନ ଚୟନ କରିବା, ପରିବାରକୁ ସୁରକ୍ଷିତ ରଖିବା, ସୁସ୍ଥ ମନ, ସୁସ୍ଥ ଶରୀର , ସୁନ୍ଦର ଭବିଷ୍ୟତ ଗଢି ତୋଳିବା, ସମାଜକୁ ନିଶାମୁକ୍ତ କରିବା ଆଦି ଦିଗରେ ଯୁବ ଶକ୍ତି ଆଗକୁ ବଢ଼ିଲେ ଏକ ସୁନ୍ଦର ବିକଶିତ ପରିବର୍ତ୍ତନଶୀଳ ସମାଜ ଗଠନ ହେବ। ଆମ ଖୋର୍ଦ୍ଧା ଜିଲ୍ଲା, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବାକୁ ଯୁବଶକ୍ତି ଓ ପ୍ରତ୍ୟେକ ନାଗରିକ ନିଜ ନିଜ ଭିତରେ ଜାଗରଣ ସୃଷ୍ଟି କରି ନିଜେ ବଦଳିବା ସହ ସମସ୍ତଙ୍କୁ ବଦଳାଇବାକୁ ପୂର୍ବାହ୍ନରେ ସ୍ଥାନୀୟ ହାବେଳୀ ପଡିଆଠାରେ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ - ୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ଉପଜିଲ୍ଲାପାଳ, ସଂକଳ୍ପ ସ୍ୱସ୍ତିକ ସାହୁ ସବୁଜ ପତାକା ଦେଖାଇ ଏକ ବିଶାଳ ଜନସଚେତନତା ରାଲିକୁ ଏବଂ ନିଶାମୁକ୍ତି ସଚେତନତା ରଥକୁ ଶୁଭାରମ୍ଭ କରି ଉପରୋକ୍ତ ବିଷୟ ଆହ୍ୱାନ ଦେଇଛନ୍ତି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ,ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗ ମିଳିତ ଆନୁକୁଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଦିଲ୍ଲୀପ ହିଆଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ ସୁମିତ୍ରା ତ୍ରିପାଠୀ, ଖୋର୍ଦ୍ଧା, ସଦର ବି ଡି ଓ, ସିଦ୍ଧାର୍ଥ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ ।ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଏବଂ ଯୁବକ, ଯୁବତୀ, ମହିଳା, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ବହୁସଂଖ୍ୟାରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ସର୍ବାଧିକ ଯୁବକ ଯୁବତୀ ନିଶାମୁକ୍ତ ଭାରତ ଅଭିଯାନରେ ଯୋଗ ଦେବା ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରି ସମାଜରେ ସବୁ ସ୍ତରର ଲୋକ ଓଡ଼ିଶାକୁ ତଥା ଖୋର୍ଦ୍ଧା ଜିଲ୍ଲାକୁ ନିଶାମୁକ୍ତ କରିବାପାଇଁ ଆହ୍ୱାନ ଦେଇ ଦେଶକୁ ନିଶାମୁକ୍ତ କରିବା ପାଇଁ ଶପଥ ପାଠ କରାଇଥିଲେ। ବିଭିନ୍ନ ନିଶାମୁକ୍ତି ଅଭିଯାନରେ ଉଲ୍ଲେଖନୀୟ ସେବାପାଇଁ ସଫଳ ବ୍ୟକ୍ତିତ୍ୱଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ପରିଶେଷରେ ନିଶାମୁକ୍ତ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ ଉପଲକ୍ଷେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଗବେଷଣା ପାଇଁ ଚୀନ ଗସ୍ତରେ ଜିଲ୍ଲା ପ୍ରେସ୍ କ୍ଲବ ସମ୍ପାଦକ



**ଯାଜପୁର (ଏନ୍.ଏମ୍.) :** ଚୀନ ଗସ୍ତ କଲେ ଯାଜପୁର ଜିଲ୍ଲା ପ୍ରେସ କ୍ଲବର ସମ୍ପାଦକ ତରୁଣ କୁମାର ନନ୍ଦ। ୧୨ ଦିନ ରହଣି ଭିତରେ ଶ୍ରୀ ନନ୍ଦ ଚୀନ ଦେଶର ସାଂସ୍କୃତିକ କାର୍ଯ୍ୟ , ସଂସ୍କୃତି, ଚୀନବାସୀ ଙ୍କ ସଂସ୍କାର, ସାଧାରଣ ଜନତାଙ୍କ ଚଳଣି, ଭି ଆଇ ପିମାନଙ୍କ ଚଳଣି, ଶିକ୍ଷାର ପ୍ରଣାଳୀ, ପରିବେଶ ଓ ଚୀନରେ ଗଣମାଧ୍ୟମ ମାନଙ୍କର ଭୂମିକା ଉପରେ ଗବେଷଣା କରିବେ। ବିଶେଷ କରି ଚୀନରେ ଗଣମାଧ୍ୟମ କେଉଁ ପ୍ରକାର ସମ୍ବାଦ ଉପରେ ବିଶେଷ ଗୁରତ୍ୱ ଦେଉଛି ତାହା ଉପରେ ମଧ୍ୟ ନଜର ରଖିବେ୍ ଯାଜପୁର ଜିଲ୍ଲା ପ୍ରେସ କ୍ଲବର ସଂପାଦକ ଶ୍ରୀ ନନ୍ଦ ଚୀନର ବିଭିନ୍ନ ସହର, ଧର୍ମାନୁଷ୍ଠାନ, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ର ସେବା ଓ ସେଠାକାର ସାଧାରଣ ଲୋକଙ୍କ ଚଳଣି ଉପରେ ଗବେଷଣା କରିବେ ବୋଲି ସେ ସୂଚନା ଦେଇଛନ୍ତି। ଯାଜପୁର ଜିଲ୍ଲା ପ୍ରେସ କ୍ଲବର ସମ୍ପାଦକ ଭାବେ ସେ ବହୁ ସାମାଜିକ କାର୍ଯ୍ୟ ଓ ସେବା କରିଛନ୍ତି। ସହରର ସୌନ୍ଦର୍ଯ୍ୟ କିପରି ହୋଇପାରିବ, ଚିକିତ୍ସାଳୟ ମାନଙ୍କରେ ସାଧାରଣ ରୋଗୀ ଯେପରି ମୌଳିକ ସୁବିଧାରୁ ବଞ୍ଚିତ ନହୁଏ ସେଥିପ୍ରତି ଯତ୍ନବାନ ହେବା, ଶିକ୍ଷାର୍ଥୀ ମାନେ ଶିକ୍ଷାର ସୁବିଧା ଓ କିପରି ସଂସ୍କାରିତ ହୋଇପାରିବେ ସେଥିପ୍ରତି କାର୍ଯ୍ୟକରିବା ସହ ଆହୁରି ବିଭିନ୍ନ ଗୁଣ ତାଙ୍କ ଠାରେ ଦେଖା ଯାଇଥାଏ। ସର୍ବୋପରି ସେ ଜଣେ ସମାଜସେବୀ ଓ ପରୋପକାରୀ ମଣିଷ ଭାବେ ସାରା ଯାଜପୁର ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

## ଲୋକପ୍ରିୟ ନେତା ଧର୍ମେନ୍ଦ୍ରଙ୍କ ଜନ୍ମଦିନ ପାଳିଲେ କର୍ମକର୍ତ୍ତା



**ବ୍ରହ୍ମପୁର(ଏନ୍.ଏମ୍.):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଶୁକ୍ରବାର ବ୍ରହ୍ମପୁରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜେପିର ଜାତୀୟ କାଉନସିଲ୍ ସଦସ୍ୟ ତଥା ବରିଷ୍ଠ ନେତା କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ସ୍ଥାନୀୟ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବିଜେପିର ନେତା ଓ କର୍ମୀମାନେ ମା' ବୁଢ଼ୀ ଠାକୁରାଣୀଙ୍କ ନିକଟରେ ପୂଜା ଅର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ। ଏହି ଅବସରରେ କାହ୍ନୁ ଚରଣ ପତି କହିଥିଲେ ଯେ, ଓଡ଼ିଶାର ବିକାଶ, ଶିକ୍ଷା କ୍ଷେତ୍ରର ଉନ୍ନତି ଓ ରାଜ୍ୟର ସ୍ୱାର୍ଥ ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଉପସଭାପତି ପ୍ରଭାତ ଷଡ଼ଙ୍ଗୀ, ପ୍ରବୀର ପାତ୍ର, ସରୋଜ ପାତ୍ର, ଧର୍ମରାଜ ପାଣିଗ୍ରାହୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ମନୋଜ ପଣ୍ଡା, ଅମର ସାହୁ, ରବି କୁମାର, ସହଦେବ ପ୍ରଧାନ, ବି ରବି ରାଓଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ସରକାରରେ ପୁଣି ଲାଗିବ କି ଦାଗ ?

### ଚାଷୀ ଟୋକନ ନମିଳିବାରୁ ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ଆବେଦନ ପତ୍ର



**ବରଗଡ (ଏନ୍.ଏମ୍.) :** ଏହି ରାଜ୍ୟରେ ଚାଷୀଙ୍କୁ ଜୟ କିଷାନ ନାରାର କିଛି ମୂଲ୍ୟ ନାହିଁ ଏଥିପାଇଁ ଚାଷୀ ରାଜରାସ୍ତା ଉପରେ ଧାରଣା ଦେଉଛି, ଚାଷୀ ଅନେକ ଜାଗାରେ ଆତ୍ମହତ୍ୟା କରୁଛି। ଏବେ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଯାଇଛି। ହେଲେ ଗତ ରବିରେ ଅମଳ ଧାନ ପାଇଁ ଏପର୍ଯ୍ୟନ୍ତ ବରଗଡ଼ ଜିଲାର ଅନେକ ଚାଷୀଙ୍କୁ ଟୋକନ ମିଳିନାହିଁ। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ମଙ୍ଗଳବାର ଦିନ ଦୁଃଖରେ ମର୍ମାହତ ଜିଲାର ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଗ୍ରାମର ଭରତ ଚନ୍ଦ୍ର ସାହୁଙ୍କ ପୁଅ ଗୋପାଳକୃଷ୍ଣ ସାହୁ ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ଆବେଦନ କରିଛନ୍ତି। ଦେଖାଯାଉ ଯେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସେ ଜିଲାପାଳଙ୍କୁ ଆବେଦନ ପତ୍ର ପ୍ରଦାନ କରିଛନ୍ତି। ଟୋକନ ମିଳି ପାରି ନ ଥିବା ଯୋଗୁ ସେ ତାଙ୍କ ମା'ଙ୍କ ଚିକିତ୍ସା ସମେତ ଋଣ ପରିଶୋଧ, ପରିବାର ଗୁଜୁରାଣ ମେଣ୍ଟାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଆବେଦନ ପତ୍ରରେ ଉଲ୍ଲେଖ ରହିଛି। ଧାନ ବିକ୍ରି ଟୋକନ ପ୍ରଦାନ ସହିତ ତୁରନ୍ତ ତାଙ୍କ ଅମଳ ଧାନ କିଣାଯିବା ବ୍ୟବସ୍ଥା କରାଯାଉ, ନଚେତ ଇଚ୍ଛାମୃତ୍ୟୁ ପାଇଁ ଅନୁମୋଦନ କରାଯାଉ। ଖବର ପ୍ରସାର ପରେ କୃଷକ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ଏବେ ସରକାର ତୁରନ୍ତ ହସ୍ତକ୍ଷେପ କରି ଜଣେ ଗରୀବ କୃଷକର ଦୁଃଖ ବୁଝନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ କରାଯାଇଛି।

## ଛଣିଜଙ୍ଗ ପଞ୍ଚାୟତରର ବିଜେପିର ସାଂଗଠନିକ ବୈଠକ




**ଚାରିଛକ (ଏନ୍.ଏମ୍.):** ନିମାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୧ନମ୍ବର ଜୋନର ଛଣିଜଙ୍ଗ ପଞ୍ଚାୟତରେ ବିଜେପିର ସଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଂଜନ ଦାଶ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ପୁବର୍ତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ଦୀନବନ୍ଧୁ ସାହୁ, ସ୍ୱେପ୍ନଶ୍ୱର ଲେଙ୍କା, ସୁବାସ ବାରିକ, ସୂର୍ଯ୍ୟନାରାୟଣ ପରିଡା, ରମାରଞ୍ଜନ ଦେବ ପାତ୍ର ପ୍ରମୁଖ ଯୋଗଦେଇ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀଙ୍କ ୧୨ବର୍ଷ ଓ ରାଜ୍ୟରେ ମୋହନ ସରକାରଙ୍କ ଦୁଇବର୍ଷ ପୂର୍ତ୍ତୀ ପାଳନ ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ ସଂପକର୍ରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ତୃଣ ମୂଳସ୍ତରେର ସଂଗଠନକୁ ମଜଭୁତ କରିବା ସହିତ ଆଗାମୀ ପଂଚାୟତ ନିର୍ବାଚନରେ ସମୀର ଦାଶଙ୍କ ନେତୃତ୍ୱରେ ପଂଚାୟତ ନିର୍ବାଚନରେ ଦିଆଯାଇଥିବା ସରପଂଚ ଓ ସମିତିସଭ୍ୟ ପ୍ରାର୍ଥିଙ୍କୁ ବିଜୟୀ କରିବାକୁ ଆଜି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ କମିଟି ଗଠନ କରାଯାଇଥିଲା।

## ଜନ୍ମଦିନ ଅବସରରେ ରକ୍ତଦାନ ଶିବିର



**ପରଜଙ୍ଗ (ଏନ୍.ଏମ୍.) :** କଥାରେ ଅଛି ରକ୍ତ ଦାନ ଜୀବନ ଦାନ। ଆମ ଦେହରୁ ଗୋଟିଏ ୟୁନିଟ ରକ୍ତ ନେଇ ଯଦି କାହାର ପ୍ରାଣ ବଞ୍ଚିଯାଉଛି, ତେବେ ସେ ଦାନ ଅନେକ ଶ୍ରେଷ୍ଠ। ତେଣୁ ଏହି ଶ୍ରେଷ୍ଠ ଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଆମ୍ଭ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ। ଏହି ନ୍ୟାୟରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ପରିସରରେ ଉର୍ଜା ଟ୍ରଷ୍ଟ ଆନୁକୁଲ୍ୟରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତ ଦାନ ଶିବିରରେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ରାଜ୍ୟ ସାଧାରଣ ସଂପାଦକ ଦୀପକ କୁମାର ଗୋଛାୟତ, ବ୍ଲକ ଅଧ୍ୟକ୍ଷା ସର୍ମିଷ୍ଠ ଦଳବେହେରା, ଉପାଧ୍ୟକ୍ଷ ଜଷସ୍ୱିନୀ ରାଉତ, ଜିଲ୍ଲା ପରିଷଦ ନିରାକାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଇଣ୍ଡିଆନ୍ ରେଡକ୍ରସ୍ ସୋମାଇଟର ଡକ୍ଟର, ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ୭୮ ୟୁନିଟ୍ ରକ୍ତ ସଂଗ୍ରହ କରିପାରିଥିଲେ । ଏହି ମହତ କାର୍ଯ୍ୟରେ ସ୍ୱେଚ୍ଛାସେବୀ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ଅଞ୍ଚଳବାସୀଙ୍କ ସହଯୋଗ ପ୍ରଶଂସନୀୟ ଥିଲା। ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ପାଇଁ ଉର୍ଜା ଟ୍ରଷ୍ଟ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି ଶିବିର ମାଧ୍ୟମରେ ସଂଗୃହୀତ ରକ୍ତ ଅନେକ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏହିପରି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଉର୍ଜା ଟ୍ରଷ୍ଟକୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଶିଳ୍ପାୟନରେ ରେକର୍ଡ଼ ଭାଙ୍ଗିବ ...

ବିକାଶ କାହାଣୀର ପରବର୍ତ୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଉଛି । ଆମର ଲକ୍ଷ୍ୟ ହେଉଛି 'ସମୃଦ୍ଧ ଓଡ଼ିଶା ୨୦୩୬' ଭିଜନକୁ 'ବିକଶିତ ଭାରତ ୨୦୪୭' ସହିତ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ଭାବେ ଗଢ଼ି ତୋଳିବା । ଏହି ରୂପାନ୍ତରଣ ଯାତ୍ରାରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ପ୍ରକାଶ କରିଥିଲେ । ଜୁନ୍ ୨୦୨୪ଠାରୁ ଓଡ଼ିଶା ସରକାର ପ୍ରାୟ ୯.୫ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପାୱାରପଏଣ୍ଟ ଉପସ୍ଥାପନା ମାଧମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସଫଳ ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ । ସମ୍ମିଳନୀ ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଶିଳ୍ପ ଗୋଷ୍ଠୀକୁ ଓଡ଼ିଶାର ପ୍ରଗତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇ 'ବିକଶିତ ଭାରତ ୨୦୪୭' ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ଏହି ସମ୍ମିଳନୀରେ ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଇପିକଲର ପରିଚାଳନା ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ, ସିଆଇଆଇ ପୂର୍ବ ଆଞ୍ଚଳିକ ଉପାଧକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା କାଉନସିଲ୍ ଅଧକ୍ଷ ଅନିଲ କୁମାର ସିଂହଙ୍କ ସମେତ ବହୁ ବିଶିଷ୍ଟ ଶିଳ୍ପପତି ଉପସ୍ଥିତ ଥିଲେ ।

## ଭାରତ ଆସିବେ ଆମେରିକା ...

ସେ ବର୍ଷ ଶେଷ ପୂର୍ବରୁ ଭାରତ ଯାତ୍ରା କରିପାରନ୍ତି । ଯଦି ଟ୍ରମ୍ପ ଆସନ୍ତା ବର୍ଷ ଭାରତ ଗସ୍ତରେ ଆସନ୍ତି ତେବେ ଏହା ଆମେରିକା ରାଷ୍ଟ୍ରପତିଙ୍କର ଫେବୃଆରି ୨୦୨୦ ପରେ ପ୍ରଥମ ଭାରତ ଗସ୍ତ ହେବ ।

ଦ୍ୱିତୀୟ ଥର ପାଇଁ ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚିତ ହୋଇ ହ୍ୱାଇଟ୍ ହାଉସକୁ ଫେରିବା ପରେ ଏହି ପ୍ରସ୍ତାବିତ ଗସ୍ତ ତାଙ୍କର ପ୍ରଥମ ଗସ୍ତ ହେବ । ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦୀ ଶେଷ ଥର ପାଇଁ ଫ୍ରାନ୍ସର ଏଭିଆନରେ ଜି୭ ଶିଖର ସମ୍ମିଳନୀ ଅବସରରେ ସାକ୍ଷାତ କରିଥିଲେ, ଯାହାକି ୧୬ ମାସ ମଧ୍ୟରେ ସେମାନଙ୍କର ପ୍ରଥମ ଦ୍ୱିପାକ୍ଷିକ ବୈଠକ ଥିଲା । ସୂଚନାଯୋଗ୍ୟ, ନୂଆଦିଲ୍ଲୀ ଓ ୱାସିଂଟନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଜାରି ରହିଥିବାବେଳେ ଟ୍ରମ୍ପଙ୍କ ପ୍ରସ୍ତାବିତ ଗସ୍ତ ରହିଛି । ରୁବିଓ ଆହୁରି କହିଛନ୍ତି ଯେ, ଉଭୟ ଦେଶ କ୍ୱାଡ୍ ଗ୍ରୁପିଂର ଆଉ ଏକ ବୈଠକ ପାଇଁ ଅପେକ୍ଷା କରିଛନ୍ତି ଓ ରାଷ୍ଟ୍ରପତିଙ୍କ ଗସ୍ତ ସ୍ଥିର କରିବାରେ ସାହାଯ୍ୟ କରିବା ପାଇଁ ସେ ବର୍ଷ ଶେଷ ପୂର୍ବରୁ ଭାରତ ଫେରିବାକୁ ଆଶା ରଖିଛନ୍ତି । ଏହାବ୍ୟତୀତ ରୁବିଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ମଧ୍ୟ ପ୍ରଶଂସା କରିଥିଲେ । ରୁବିଓ କହିଥିଲେ ଯେ, ସେ ମୋଦୀଙ୍କର ଜଣେ ପ୍ରଶଂସକ ଓ ବିଶ୍ୱ ସ୍ତରରେ ଭାରତର ସ୍ଥିତିକୁ ଉଚ୍ଚ କରିବା ପାଇଁ ତାଙ୍କୁ ଶ୍ରେୟ ଦେଇଥିଲେ । ମୋଦୀ ଭାରତକୁ ଏକ ବିଶ୍ୱ ଶକ୍ତିରେ ପରିଣତ କରିଛନ୍ତି ବୋଲି ରୁବିଓ କହିଥିଲେ ।

## ସାମିଲ ହୋଇପାରନ୍ତି ନୂଆ ...

ମୋଦିଙ୍କ ନୂଆ ଟିମରେ କାହାକୁ ମିଳିବ ସ୍ଥାନ ? କିଏ ହେବେ ସାମିଲ ? ମୋଦି ସରକାରକୁ ବିବାଦ କି ଅଡୁଆରେ, ପକାଇଥିବା ବିଭାଗର ମନ୍ତ୍ରୀଙ୍କୁ ବିଦା କରାଯିବ କି ? ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ନିତିନ ନବୀନଙ୍କୁ ବିଜେପି ରାଷ୍ଟ୍ରୀୟ ମୁଖ୍ୟ କରି ଯୁବ ଚେହେରାକୁ ଦଳ ଗୁରୁତ୍ୱ ଦେଇଥିବାରୁ ମନ୍ତ୍ରିମଣ୍ଡଳରେ ମଧ୍ୟ ସମାନ ଫର୍ମୁଲା ଉପଯୋଗ କରାଯାଇପାରେ । ସେହିଭଳି ଆଗକୁ ଉତ୍ତର ପ୍ରଦେଶ ଓ ପଞ୍ଜାବ ଭଳି ରାଜ୍ୟର ବିଧାନସଭା ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଗୋଟି ଚଳାଇ ପାରନ୍ତି ମୋଦି । ଅନ୍ୟପକ୍ଷରେ ପଶ୍ଚିମବଙ୍ଗରେ ଦଳ ଭଲ ପ୍ରଦର୍ଶନ କରିଥିବାରୁ ସେଠାକାର କିଛି ନେତାଙ୍କୁ ପୁରସ୍କୃତ କରାଯାଇପାରେ । ସେହିପରି ଏନଡିଏର ମିତ୍ର ଦଳ ଜେଡିୟୁ, ଟିଡିପି ଏବଂ ଅନ୍ୟ ସହଯୋଗୀ ଦଳଙ୍କୁ ଅଧିକ ପ୍ରତିନିଧିତ୍ୱ ମିଳିପାରେ ବୋଲି ଜାତୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି । ଓଡ଼ିଶାରୁ ଏବେ ୩ ଜଣ କେନ୍ଦ୍ରରେ ମନ୍ତ୍ରୀ ଅଛନ୍ତି । ରାଜ୍ୟରୁ ଲୋକସଭାରେ ଏବେ ୨୦ଜଣ ବିଜେପି ସାଂସଦ ଥିବା ବେଳେ ଦିଲୀପ ରାୟଙ୍କୁ ମିଶାଇ ରାଜ୍ୟସଭାରେ ୫ ସାଂସଦ ରହିଛନ୍ତି । ତେଣୁ ରାଜ୍ୟର ଲୋକସଭା କି ରାଜ୍ୟସଭା କେଉଁ ସାଂସଦଙ୍କୁ ବି ମିଳିପାରେ ମନ୍ତ୍ରୀ ପଦ ବୋଲି ଚର୍ଚ୍ଚା ହେଉଛି । ଗତ ମାସରେ ଏନଡିଏ ସରକାରର ୧୨ ବର୍ଷ ପୂର୍ତ୍ତି ପୂର୍ବରୁ ପ୍ରଧାନମନ୍ତ୍ରୀ ମନ୍ତ୍ରିମଣ୍ଡଳ କାର୍ଯ୍ୟଦକ୍ଷତାର ସମୀକ୍ଷା କରିଥିଲେ । ସେବେଠାରୁ ମନ୍ତ୍ରିମଣ୍ଡଳରେ ଅଦଳବଦଳ ଚର୍ଚ୍ଚା ଲାଗି ରହିଛି । ତେବେ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ କେନ୍ଦ୍ର ସରକାର କିମ୍ବା ବିଜେପି ପକ୍ଷରୁ ଏଯାଏଁ କୌଣସି ବିଧିବଦ୍ଧ ସୂଚନା ମିଳିପାରି ନାହିଁ । ରାଜନୈତିକ ସୂତ୍ରରୁ ମିଳୁଥିବା ସଙ୍କେତ ଅନୁଯାୟୀ, ସରକାର କାର୍ଯ୍ୟଦକ୍ଷତା, ଆଞ୍ଚଳିକ ସନ୍ତୁଳନ ଏବଂ ମିତ୍ର ଦଳଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେଇ ନିଷ୍ପତ୍ତି ନେଇପାରନ୍ତି ।

## ଚୋରି ହୋଇଗଲା ୩୨ ...

ଆବଶ୍ୟକବେଳେ ସେମାନେ ଏହି ଅସ୍ତ୍ର ନେଇଥାନ୍ତେ । ଚୋରି ହୋଇଯାଇଥିବା ଅସ୍ତ୍ର ମଧ୍ୟ ଅନେକ ବିଦେଶୀ ନିର୍ମିତ ବନ୍ଧୁକ, ଦାମୀ ପିସ୍ତଲ ରହିଛି, ଯାହାର ମୂଲ୍ୟ ୨ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବ । ଏହି ସବୁ ବନ୍ଧୁକ ରାଜସ୍ଥାନ କିମ୍ବା ଦିଲ୍ଲୀ-ଏନ୍ସିଆରରେ ବିକ୍ରି କରାଯାଇଥିବା ସନ୍ଦେହ କରାଯାଉଛି । ତେବେ ପୁଲିସ ଚୋରି ସମ୍ପର୍କରେ ଆଧିକାରିକ ବୟାନ ଜାରି କରିନାହିଁ । ଏହି ଘଟଣାକୁ ଗୋପନୀୟ ରଖିବାକୁ ଚାହୁଁଛି । ପୁଲିସ ଷ୍ଟେସନରେ ନିୟମିତ ଯାଞ୍ଚ ବେଳେ ୧୩ଟି ବନ୍ଧୁକ ନଥିବା ଜଣାପଡ଼ିଥିଲା । ତେବେ ସବିଶେଷ ତଦନ୍ତବେଳେ ୩୨ଟି ଅସ୍ତ୍ର ଗାଏବ ଥିବା ଜଣାପଡ଼ିବା ପରେ ପୁଲିସର ଭେଳା ବୁଡ଼ି ଥିଲା । ଏହି ଚୋରି ଅସ୍ତ୍ର ଉଦ୍ଧାର କରିବା ଏବେ ପୁଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି ।

## ଥାନାରୁ ଚୋରି ଘଟଣା ପରେ ...

କହିଛନ୍ତି । ନାତି ଭୁଲ କରିଛି ବୋଲି ଜେଜେ ମା'କୁ ଏଭଳି ଅମାନବୀୟ ଭାବେ ବାଡ଼େଇବା କେତେ ଯୁକ୍ତିସଂଗତ ବୋଲି ପ୍ରଶ୍ନ ଉଠୁଛି । ଜଣେ ବରିଷ୍ଠ ନାଗରିକଙ୍କୁ ମାଡ଼ ମରାଯିବା ସଂପର୍କରେ ପଚାରିବାରୁ ତଦାରଖ କରିବେ ବୋଲି ଏସ୍ଡିପିଓ ଶରତ ଚନ୍ଦ୍ର ପାତ୍ର କହିଛନ୍ତି । ଥାନାରୁ ଚୋରି ଘଟଣାରେ ୩ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ବ୍ରହ୍ମବରଦା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯାଜପୁରରୋଡ୍ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଦେଇଥିବା ସୂଚନା ଅନୁସାରେ, ଗତ ଶୁକ୍ରବାର ସନ୍ଧ୍ୟାରେ ଏକ ଚୋରି ଘଟଣାରେ ସଂପୃକ୍ତ ଥିବା ଉତ୍ତରପ୍ରତାପ ପଞ୍ଚାୟତ ଚାନ୍ଦମୋହିନୀ ଗ୍ରାମର ଆଶିଷ ବେହେରାକୁ ଥାନାରେ ଅଟକ ରଖାଯାଇଥିଲା । ପୁଲିସ କର୍ମଚାରୀଙ୍କ ଅବହେଳାରୁ ଆଶିଷ ଥାନାରୁ ଚୋରି କରି ଚମ୍ପଟ ମାରିଥିଲା । ଏନେଇ ଯାଜପୁର ଏସ୍ପି ୩ ଜଣ ପୁଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ । ଅଭିଯୁକ୍ତକୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା । ଚାନ୍ଦମୋହିନୀ ଗ୍ରାମର ଏକ କାଜୁବଗିଚାରୁ ଅଭିଯୁକ୍ତ ଆଶିଷ ବେହେରା(୨୪)କୁ କାବୁ କରାଯାଇଥିବା ବେଳେ ସହଯୋଗ କରୁଥିବା ଅଭିଯୋଗରେ ତାଙ୍କ ବାପା ଅଶୋକ ବେହେରା(୫୫) ଓ ଚୋରି ସାମଗ୍ରୀ ରଖିଥିବା କୁଣ୍ଡପାଟଣା ଗ୍ରାମର ଜୟଦେବ ଦାଶ(୪୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଫ୍ୟାନ, କିଛି ତେଜରାତି ସାମଗ୍ରୀ, ଗୋଟିଏ ବାଇକ୍ (ଓଡି୦୪ଏସ ୦୭୭୮), ସାମସଙ୍ଗ ଟାବଲେଟ୍, ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଆଶିଷ ନାମରେ ପୂର୍ବରୁ କୁଣ୍ଡପାଟଣା ଡାକ୍ତରଖାନାରୁ ଚୋରି ଅଭିଯୋଗରେ କେସ୍ ନମ୍ବର୨୩୨/୨୫, ମଙ୍ଗରାଜପୁର ଦେଉଳି ଗ୍ରାମର ଏକ ଦୋକାନରୁ ଚୋରି ଘଟଣାରେ ୧୧/୨୬, ବ୍ରହ୍ମବରଦା ଡିହସାହି ରାଜେନ୍ଦ୍ର ରାଉତଙ୍କ ବାଇକ୍ ଚୋରି ଘଟଣାରେ କେସ୍ ନମ୍ବର ୫୮/୨୬ ଏବଂ ବ୍ରହ୍ମବରଦା ଥାନାରୁ ଚୋରି ଘଟଣାରେ କେସ୍ ନମ୍ବର ୫୯/୨୬ରେ ମାମଲା ରୁଜୁ ହୋଇଛି ।

## ଆଉ ନାହାନ୍ତି ଅକୁତୋଭୟ ସାମ୍ବାଦିକ ...

ପ୍ରଭାବଶାଳୀ ଅଧିକାରୀଙ୍କ ବିରୋଧରେ ସେ କ୍ରମାଗତ ଭାବେ ସତ୍ୟ ଖବର ପ୍ରକାଶ କରିଥିଲେ । ଆଉ ତତ୍କାଳୀନ କଂଗ୍ରେସ ସରକାରରେ ବିଭିନ୍ନ ନେତା, ଠିକାଦାର ଲୋକଙ୍କ ସହିତ ବହୁ ଦୁର୍ନୀତିଖୋର ଅଧିକାରୀଙ୍କ ଅସାଧୁ ମେଣ୍ଟ ଚାଲିଥିଲା । ସରକାରୀ ସମ୍ପତ୍ତିକୁ ନିଜ ପାଖକୁ ନେବା ପାଇଁ ଚାଲିଥିଲା ରୀତିମତ ଷଡ଼ଯନ୍ତ୍ର । କିନ୍ତୁ ସତ୍ୟ ଖବର ପ୍ରକାଶ କରିବା ପରେ ଦୁର୍ନୀତିଗ୍ରସ୍ତ ଅସାମାଜିକ ବ୍ୟକ୍ତିମାନଙ୍କ ଆକ୍ରୋଶର ଶିକାର ହୋଇଥିଲା ତାଙ୍କ ପରିବାର । ନବକିଶୋର ସେତେବେଳେ ବିରିଡ଼ି ଗ୍ରାମରେ ଏକ ଭଡ଼ାଘରେ ପତ୍ନୀ ଛବିରାଣୀ ମହାପାତ୍ର ଓ ଦୁଇ ବର୍ଷର କୁନି ପୁଅକୁ ନେଇ ରହୁଥିଲେ । ସାମ୍ବାଦିକତା ପାଇଁ ଶତ୍ରୁ ପାଲଟିଥିବା ସେହି ଅଭିଯୁକ୍ତମାନେ ଦିନେ ରାତିରେ ତାଙ୍କୁ ତୁରନ୍ତ ଘର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ । ସେମାନଙ୍କ ଭୟରେ ନବକିଶୋର ରାତି ପ୍ରାୟ ୧୦ଟାରେ ନିଜ ପତ୍ନୀ ଓ ଦୁଇବର୍ଷର ଶିଶୁପୁତ୍ରକୁ ଧରି ଘୋର ଅନ୍ଧକାର ଭିତରେ ବିଲୁଆଖାଇ ନଦୀ ପାର ହେବାକୁ ଯାଉଥିଲେ । ମାତ୍ର କିଛି ନରପିଶାଚ ନଦୀ ପଠାରେ ସେମାନଙ୍କୁ ଅଟକାଇ ମରଣାନ୍ତକ ଆକ୍ରମ କରିଥିଲେ । ସେହି ଭୟାନକ ପରିସ୍ଥିତିରେ କୁନି ପୁଅର ଜୀବନ ବଞ୍ଚାଇବା ପାଇଁ ପତ୍ନୀ ଛବିରାଣୀ ନିଜ ସ୍ୱାମୀଙ୍କୁ ଅନୁରୋଧ କରି ସେଠାରୁ ପଳାଇ ଯିବାକୁ କହିଥିଲେ । ପତ୍ନୀଙ୍କ କଥାମାନି ନବକିଶୋର ପୁଅକୁ ଧରି ସେହି ରାକ୍ଷସମାନଙ୍କ କବଳରୁ କୌଣସି ମତେ ମୁକୁଳି ଯାଇଥିଲେ ସତ ; ହେଲେ ବର୍ତ୍ତି ପାରିନଥିଲେ ନିରୀହ ଛବିରାଣୀ । ସେହି ନରରାକ୍ଷସମାନେ ନବକିଶୋରଙ୍କୁ ସେଠାରେ ନପାଇ ନିରୀହ ପତ୍ନୀ ଛବିରାଣୀଙ୍କୁ କରିଥିଲେ ଆକ୍ରମଣ । ଜଣକପରେ ଜଣେ ବଳାତ୍କାର କରିବା ସହ ତାଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରିଦେଇଥିଲେ । ଏହି ହତ୍ୟାକାଣ୍ଡ ଏତେ ବର୍ବର ଥିଲା ଯେ, ଯେକେହି ଦେଖିବ ସହଜରେ ଗ୍ରହଣ କରିପାରିବ ନାହିଁ । ୧୯୮୦ ମସିହା ଅକ୍ଟୋବରମାସ ୩ ତାରିଖରେ ଘଟିଥିବା ଏହି ବିଭତ୍ସ 'ଛବିରାଣୀ ହତ୍ୟାକାଣ୍ଡ' ସେତେବେଳେ ଜାତୀୟସ୍ତରରେ କମ୍ପନ ସୃଷ୍ଟି କରିଥିଲା । ସାମ୍ବାଦିକଙ୍କ ପରିବାର ଉପରେ ହୋଇଥିବା ଏହି ଅତ୍ୟାଚାର ବିରୋଧରେ ସାରା ଦେଶରେ ସ୍ୱର ଉଠିଥିଲା । ଫଳରେ ତତ୍କାଳୀନ ଶାସକ କଂଗ୍ରେସ ସରକାର ଅକଳରେ ପଡ଼ିଥିଲା । କଂଗ୍ରେସର ଛତ୍ରଛାୟା ତଳେ ରହି ସେତେବେଳେ ମୁଷ୍ଟିମେୟ ଲୋକମାନେ ଏଭଳି ଅଭାବନୀୟ କାଣ୍ଡ ଘଟାଉଥିଲେ ମଧ୍ୟ ସହଜରେ ଖସି ଯାଉଥିଲେ । ହେଲେ ପରବର୍ତ୍ତୀ ସମୟରେ କୋର୍ଟଙ୍କ ଦ୍ୱାରା ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ସମସ୍ତ ଅପରାଧୀଙ୍କୁ ଆଜିବନ କାରାଦଣ୍ଡ ମିଳିଥିଲା । ସତ୍ୟ ଓ ସାମ୍ବାଦିକତାର ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ନିଜ ସଂସାର ହରାଇଥିବା ନବକିଶୋରଙ୍କ ବିୟୋଗରେ ଓଡ଼ିଶା ଗଣମାଧ୍ୟମ ଜଗତରେ ଶୋକ ପ୍ରକାଶ ପାଇଛି । ୨୦୨୧ ମସିହାରେ ସେ ଦେବଗଡ଼ରେ ଥିବା ସମୟରେ ନିଷ୍କର୍ଷ ମିଡିଆ ସହ ସମ୍ପର୍କ ହୋଇଥିଲା । ଏହି ଗଣମାଧ୍ୟମସଂସ୍ଥା ନିଜର ସ୍ୱତନ୍ତ୍ରତା ଓ ସ୍ୱାଭିମାନ ବଞ୍ଚାଇ ସାମ୍ବାଦିକତାର ମର୍ଯ୍ୟାଦା ରକ୍ଷା କରିବା ପାଇଁ ସବୁବେଳେ ପରାମର୍ଶ ଦେଉଥିଲେ । ତାଙ୍କର ଅବର୍ତ୍ତମାନରେ ନିଷ୍କର୍ଷ ମିଡିଆ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

# ବୋହୂ ଆଗରେ ସ୍ୱାମୀକୁ ମାରିଦେଲେ ଶାଶୁଘର ଲୋକେ

## ସ୍ୱାମୀଙ୍କ ମୃତ୍ୟୁର ନ୍ୟାୟ ନମିଳିଲେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଲେ ସ୍ତ୍ରୀ

**ଯାଜପୁର (ଏନ୍.ଏମ୍.):** ଯାଜପୁର ବ୍ଲକ୍ ମହେଶ୍ୱରପୁର ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଯେଉଁ ଘଟଣାକୁ ନେଇ ସଦର ଥାନାରେ ଲିଖିତ ଅଭିଯୋଗ ପରେ ଆଶାନୁରୂପ ଫଳ ନମିଳିବାରୁ ଏସପିଙ୍କୁ ଭେଟି ଲିଖିତ ଅଭିଯୋଗ କରାଯାଇଥିବା ସୂଚନା ମିଳିଛି ।



ଅଭିଯୋଗ ଅନୁସାରେ ମହେଶ୍ୱରପୁର ଗାଁର ଗୀତାଞ୍ଜଳୀ ମଳିକ (୨୪) ନାମକ ଜଣେ ଯୁବତୀ ବିଗତ ଦୁଇ ବର୍ଷ ତଳେ ଉକ୍ତ ଗ୍ରାମର ନୀଳମଣି ଗୋଛାୟତ (୨୬) ନାମକ ଜଣେ ଯୁବକଙ୍କୁ ପ୍ରେମବିବାହ କରିଥିଲେ । ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖି ଯୁବତୀ ଜଣଙ୍କ ୭ ମାସର ଗର୍ଭବତୀ ହୋଇଥିବାବେଳେ, ଗ୍ରାମବାସୀଙ୍କ ନ୍ୟାୟରେ ଉକ୍ତ ବିବାହଟି କୋର୍ଟଙ୍କ ସ୍ୱୀକୃତି ପାଇଥିଲା । କିନ୍ତୁ ଜାତିଆଣ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଯୁବକଙ୍କ ପରିବାର ଲୋକେ ବୋହୂକୁ ଗ୍ରହଣ କରି ନଥିଲେ । ଫଳତଃ ଉଭୟ ଦମ୍ପତ୍ତି ଦୀର୍ଘ ଦୁଇବର୍ଷ ଧରି ବାହାରେ ଭଡ଼ାଘର ନେଇ ରହିବା ମଧ୍ୟରେ ଶିଶୁଟିକୁ ଜନ୍ମ ନେଇଥିଲା ଏବଂ ଅଦ୍ୟାବଧି ଗୀତାଞ୍ଜଳୀ ମଧ୍ୟ ଆଉ ଏକ ସନ୍ତାନକୁ ଗର୍ଭରେ ଧାରଣ କରି ଆର୍ଥିକ ସଙ୍କଟ ଓ ପାରିବାରିକ ଜଞ୍ଜାଳ ବଢ଼ିଯିବାରୁ ରଜ ପର୍ବରେ ଶାଶୁଘରକୁ ସ୍ୱାମୀଙ୍କ ସହ ଫେରିଥିଲେ । କିନ୍ତୁ ଶାଶୁଘରଲୋକେ ଉଭୟଙ୍କୁ ଘର ବାହାରେ ଠିଆକରି ଅକଥନୀୟ ଗାଳିଗୁଲଜ କରିଥିଲେ । ଘରର ପୁଅକୁ ଘରକୁ ଘୋଷାଡି ନେଇ ନିର୍ଦ୍ଧୁମ ମାଡ଼ ମାରିଥିଲେ । ଗୀତାଞ୍ଜଳୀଙ୍କ କହିବା ଅନୁସାରେ ପରିବାର ଲୋକଙ୍କ ମାଡ଼ରେ ନୀଳମଣି ଚେତା ହରାଇବା ହେଉ କିମ୍ବା ମୁଣ୍ଡ ପଛପଟେ ଜୋରରେ ଆଘାତ ଲାଗିବା କାରଣରୁ ସେ ବହୁ ସମୟ ଧରି ନିଷ୍କ୍ରିୟ ହୋଇ ପଡ଼ିଯାଇଥିଲେ । ନୀଳମଣିଙ୍କୁ ମରିଯାଇଛି ଭାବି ଦୋଷମୁକ୍ତ ହେବା ପାଇଁ ଚାଷ କ୍ଷେତରେ ବ୍ୟବହାର କରାଯାଉଥିବା କୀଟନାଶକ ବିଷକୁ ତାଙ୍କ ପାଟିରେ ପିଆଇ ଦେଇଥିଲେ ପରିବାର ଲୋକେ । ଯଦିଓ ଚେତାଶୂନ୍ୟ ଯୁବକଙ୍କ ପେଟକୁ ବିଷ ଯାଇ ନଥିଲା, ବିଷତକ ତାଙ୍କ ଦେହ ସାରା ପଡ଼ିଥିବା ଅବସ୍ଥାରେ ବାହାରକୁ ଆଣି ଗୀତାଞ୍ଜଳୀଙ୍କୁ ଜିମାଦେଇ ଡାକ୍ତରଖାନା ନେଇଯିବାକୁ ପରାମର୍ଶ ଦେଇଥିଲେ । ଏ ସବୁ ଘଟଣାକୁ ପଡ଼ିଶା ଘର ଓ ଗ୍ରାମବାସୀମାନେ ଦେଖିବା ସହ ଉପଲବ୍ଧି କରିଛନ୍ତି ବୋଲି କହିଛନ୍ତି ଗୀତାଞ୍ଜଳୀ । ଉପାୟ ନପାଇ ଗୀତାଞ୍ଜଳୀ, ସ୍ୱାମୀଙ୍କୁ ଏକ ଅଟୋରେ ପକାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଇ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସଂଗେ ସଂଗେ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଥିଲା । ପରମୁହୂର୍ତ୍ତରେ ଡାକ୍ତର ନୀଳମଣିଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଯଦିଓ ସ୍ତ୍ରୀଙ୍କୁ ମରିବା ଖବର ଜଣାଯାଇ ନଥିଲା, ଖବର ପାଇ ପରିବାର ଲୋକେ କଟକ ଏସ ସି ବି ରେ ପହଞ୍ଚି ଚତୁରତାର ସହ ମେଡ଼ିକାଲ କାଗଜପତ୍ର ହାତେଇବା ସହ ଶବ ବ୍ୟବଚ୍ଛେଦ କରାଇବା ନିମିତ୍ତ ଗୀତାଞ୍ଜଳୀଙ୍କ ଠାରୁ ଅଧିକ ଚିକିତ୍ସା ପାଇଁ କାଗଜରେ ଦସ୍ତଖତ ନେଇଥିଲେ । ଚିକିତ୍ସା ପାଇଁ ପୁନର୍ବାର ଯାଜପୁରକୁ ନିଆଯାଉଛି କହି କଟକରୁ ଶବକୁ ଯାଜପୁରକୁ ଆଣିବା ବାଟରେ ସ୍ତ୍ରୀ ଓ ଶାଶୁଙ୍କୁ ଗାଁ ମୁଣ୍ଡରେ ଓହ୍ଲାଇଦେଇ ଘରକୁ ପଠାଇଦେଇ ଶବକୁ ଯାଜପୁର ସ୍ଥିତ ବାରୁଣୀ ପଡ଼ିଆରେ ସଂସ୍କାର କରିଦେଇଥିଲେ । ଏମିତିକି ଭାଇସାହି କିମ୍ବା ଗ୍ରାମବାସୀମାନେ ମଧ୍ୟ ନୀଳମଣିଙ୍କର ମୃତ୍ୟୁ ଖବର କେହି ପାଇ ନ ଥିଲେ, କି ସଂସ୍କାର କାର୍ଯ୍ୟରେ ମଧ୍ୟ ଭାଗ ନେଇପାରି ନଥିଲେ । ତହିଁ ପରଦିନ ପରିବାର ଲୋକଙ୍କ ଚଳିଚଳନ ଓ ଭାବଭଙ୍ଗୀରୁ ସ୍ୱାମୀଙ୍କ ଦେହାନ୍ତ ହୋଇଥିବା ନିଶ୍ଚିତ ହୋଇଥିଲେ ଗୀତାଞ୍ଜଳୀ । ସଂଗେ ସଂଗେ ବାପଘରକୁ ଫୋନ ଯୋଗେ ଏହି ଖବର ଦିଅନ୍ତେ ଗୀତାଞ୍ଜଳୀଙ୍କ ଜନ୍ମଦାତ୍ରୀ ମା ସୁମିତ୍ରା ମଳିକ ନିକଟସ୍ଥ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଘଟଣାର ସତ୍ୟାସତ୍ୟ ଜାଣିବାକୁ ସଦର ଥାନା ପୋଲିସ୍ ସ୍ଥାନୀୟ ସରପଞ୍ଚଙ୍କ ମାଧ୍ୟମରେ ଗୀତାଞ୍ଜଳୀଙ୍କୁ ଡକାଇ ଅଧିକ ପଚରାଉଚରା କରିଥିଲେ ଏବଂ ସେହିଦିନ ଗୀତାଞ୍ଜଳୀ ମଧ୍ୟ ଆଉ ଏକ ଅଭିଯୋଗ ପତ୍ର ଥାନାରେ ଦେଇ ନ୍ୟାୟ ଭିକ୍ଷା କରିଥିଲେ । ସଦର ଥାନା ପୋଲିସ୍ ତା୧୮/୦୬/୨୬ରିଖରେ ଗୀତାଞ୍ଜଳୀଙ୍କ ଅଭିଯୋଗ ଆଧାରରେ କେସ ନମ୍ବର ୨୧୭/୨୬ ଅନୁଯାୟୀ ଏକ ମାମଲା ରୁଜୁ କରିଥିଲେ । ଉକ୍ତ କେସ ଅନୁସାରେ ପରିବାର ଲୋକଙ୍କ ମଧ୍ୟରୁ ରଜନୀକାନ୍ତ ଗୋଛାୟତ, ପ୍ରଦୀପ ଗୋଛାୟତ, ପ୍ରତାପ ଗୋଛାୟତ, ସନ୍ତୋଷ ଗୋଛାୟତ, ଦୋଳଗୋବିନ୍ଦ ଗୋଛାୟତ ଓ ନିରଞ୍ଜନ ଗୋଛାୟତଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲେ ମଧ୍ୟ ଏଯାବତ ପୋଲସ ସେମାନଙ୍କୁ ଗିରଫ କରିବାରେ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି ଗୀତାଞ୍ଜଳୀଙ୍କ ସହ ଗ୍ରାମବାସୀ । ତେବେ ତମାମ ଘଟଣାକୁ ନେଇ ଥାନାରୁ ବାରମ୍ବାର ନିରାଶ ହେବା ପରେ ଏବେ ଗ୍ରାମବାସୀଙ୍କ ସହ ଗୀତାଞ୍ଜଳୀ ଓ ମା ସୁମିତ୍ରା, ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ସହ ସମ୍ପୂର୍ଣ୍ଣ ଘଟଣା କହିବା ପରେ ପୋଲିସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଏହାର ତଦନ୍ତ କରିବ ବୋଲି ସୂଚନା ମିଳିଛି । କିନ୍ତୁ ସ୍ତ୍ରୀ ଗୀତାଞ୍ଜଳୀଙ୍କ କହିବା ଅନୁସାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ ନକରାଗଲେ କିମ୍ବା ଉପଯୁକ୍ତ ଦଣ୍ଡ ବିଧାନ ପୂର୍ବକ ପୋଲିସର ପଦକ୍ଷେପ ନରହିଲେ ସେ ଓ ତାଙ୍କ ଶିଶୁ କନ୍ୟାଙ୍କ ସହ ପେଟ୍ରୋଲ ଢାଳିହୋଇ ଆତ୍ମାହୁତି ଦେବେ ବୋଲି ସ୍ପଷ୍ଟ କହିଛନ୍ତି ।

# ଗୋଠଛଡ଼ା ଦନ୍ତା ହାତୀର ଆକ୍ରମଣରେ ବୃଦ୍ଧ ଗୁରୁତର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି

**ରାଜଗାଙ୍ଗପୁର (ଏନ୍.ଏମ୍.):** ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଅଲଣ୍ଡା ଚିରବେର୍ଣ୍ଣା ଅଞ୍ଚଳରେ ସୋମବାର ଏକ ଅଘଟଣ ଘଟିଛି । ଏକ ଗୋଠଛଡ଼ା ଦନ୍ତା ହାତୀର ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ବୃଦ୍ଧ ଜଣକ କୌଣସି କାମରେ ଘରୁ ବାହାରକୁ ଯାଇଥିବା ବେଳେ ହଠାତ୍ ସେହି ଅଞ୍ଚଳରେ ବୁଲୁଥିବା ଗୋଠଛଡ଼ା ଦନ୍ତା ହାତୀ ସାମ୍ନାକୁ ଆସିଥିଲା । କିଛି ବୁଝିବା ପୂର୍ବରୁ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା । ଫଳରେ ସେ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଡାକ୍ତରମାନେ ନଜର ରଖିଛନ୍ତି । ଏହି ଘଟଣା ପରେ ଅଲଣ୍ଡା ଚିରବେର୍ଣ୍ଣା ଓ ଆଖପାଖ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି । ଗୋଠଛଡ଼ା ଦନ୍ତା ହାତୀର ବାରମ୍ବାର ଉପଦ୍ରବ ଯୋଗୁଁ ଲୋକମାନେ ସନ୍ଧ୍ୟା ପରେ ଘରୁ ବାହାରିବାକୁ ଭୟ କରୁଥିବା କହିଛନ୍ତି । ବନ ବିଭାଗ ତୁରନ୍ତ ହାତୀର ଗତିବିଧି ଉପରେ ନଜର ରଖିବା ସହ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।



# ଦୁଇ ଜିଲ୍ଲାପରିଷଦଙ୍କ ସଦସ୍ୟ ପଦ ରଦ୍ଦ କଲେ ରାଜ୍ୟ ନିର୍ବାଚନ କମିଶନ

**ନୀଳଗିରି (ଏନ୍.ଏମ୍.):** ପଞ୍ଚାୟତ ନିର୍ବାଚନ ଯେତେ ନିକଟତର ହେଉଛି ନୀଳଗିରି ରାଜନୀତି ଦିନକୁ ଦିନ ସେତେ ଉଷ୍ମ ହେବାରେ ଲାଗିଛି । ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ୧୩ ନମ୍ବର ଜୋନର ସଭ୍ୟ ଗତିକୃଷ୍ଣ ନନ୍ଦ ଓ ୧୧ ନମ୍ବର ଜୋନର ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ ଙ୍କ ସଦସ୍ୟ ପଦ ରଦ୍ଦ ପାଇଁ ନିର୍ବାଚନ କମିଶନରଙ୍କ ପାଖରେ ଆବେଦନ କରିଥିଲେ ନିର୍ବାଚନ କମିଶନର ରାୟ ଦେଇ ଦୁଇ ଜଣ ଜିଲ୍ଲା ପରିଷଦଙ୍କ ପଦ ରଦ୍ଦ କରଛନ୍ତି । ଅପରେ ପକ୍ଷରେ ସଭ୍ୟ ପଦ ରଦ ହେବାପରେ ଗତିକୃଷ୍ଣ ନନ୍ଦ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଉପରେ ବର୍ଷିଥିବା ବେଳେ ନିଜର ଦୃଢ ମତ ରଖିଛନ୍ତି । ଆଗାମୀ ଦିନରେ ଗତିକୃଷ୍ଣ ନନ୍ଦ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ତ ହେବେ ବୋଲି କହିଛନ୍ତି । ଦୁଇ ଜଣ ଜିଲ୍ଲାପରିଷଦ ଗତ ନିର୍ବାଚନର ବିଜେଡି ଦଳରୁ ବିଜୟୀ ହୋଇଥିବା ବେଳେ ସାଧାରଣ ନିର୍ବାଚନ ପରେ ଦୁଇ ଜଣ ଜିଲ୍ଲାପରିଷଦ ବର୍ତ୍ତମାନର ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ନେତୃତ୍ୱକୁ ଭଲ ପାଇ ବିଜେପିରେ ସାମିଲ ହୋଇଥିଲେ ।



# ଇଏସ୍ଆଇ ମେଡିକାଲ ପକ୍ଷରୁ ଅସ୍ଥି ରୋଗ ଏବଂ ଏହାର ପ୍ରତିକାର ନିମନ୍ତେ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ

**ପାରାଦୀପ (ଏନ୍.ଏମ୍.):** ବିଭିନ୍ନ ଶିଳ୍ପସଂସ୍ଥା ପକ୍ଷରୁ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ସ୍ୱାସ୍ଥ୍ୟସେବା ନିମନ୍ତେ ଇଏସଆଇ ବ୍ୟବସ୍ଥା କରାଯାଇଥାଏ । ଏହାଦ୍ୱାରା ଶ୍ରମିକମାନେ କିଛି ଅର୍ଥ ଏହି ଯୋଜନାରେ ପ୍ରଦାନ କରିଥାନ୍ତି । ଉକ୍ତ ଅର୍ଥକୁ ଶିଳ୍ପ କର୍ତ୍ତୃପକ୍ଷ ଇଏସଆଇ ବିଭାଗରେ ଜମା କରିବା ସହ ସେମାନଙ୍କ ନିମନ୍ତେ ଇଏସଆଇ କାର୍ଡ଼ ପ୍ରଦାନ କରାଯାଇଥାଏ । ଯାହା ଦ୍ୱାରା ଶ୍ରମିକ କିମ୍ବା ତାଙ୍କ ପରିବାର ଲୋକେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ହକ୍‌ଦାର ହୋଇଥାନ୍ତି ।




ମାତ୍ର ପୂର୍ବରୁ ଶ୍ରମିକମାନେ ଇଏସଆଇ ଜରିଆରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଥିଲେ । ଏହି ସେହି ସମସ୍ୟାର ସମାଧାନ ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ଇଏସଆଇ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ ନେଇ ସରକାର ଧ୍ୟାନ ଦେଇଛନ୍ତି । ଶ୍ରମିକ ସୁସ୍ଥ ରହିଲେ ଶିଳ୍ପର ପ୍ରଗତି ହେବ, ଶିଳ୍ପର ପ୍ରଗତି ହେଲେ ରାଜ୍ୟ ତଥା ଦେଶର ଆର୍ଥିକ ମାନଦଣ୍ଡ ସଶକ୍ତ ହେବା ସହିତ ଏକ ବିକଶିତ ରାଜ୍ୟ ତଥା ଦେଶ ନିର୍ମାଣ ର ଲକ୍ଷ ସମ୍ପୂର୍ଣ୍ଣ ହେବ । ଯାହାକୁ ସାକାର କରୁଛନ୍ତି ପାରାଦୀପର ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ପାରାଦୀପ ତାରିଣୀ ଗଡା ଠାରେ ରହିଥିବା ଇଏସଆଇ ହସ୍ପିଟାଲ ତରଫରୁ ବୋନ ମିନେରାଲ ଡେନ୍ସିଟି କ୍ୟାମ୍ପ ଆୟୋଜନ ଅବସରରେ କହିଛନ୍ତି ପାରାଦୀପ ଇଏସଆଇ ହସ୍ପିଟାଲ ର ଯୁଗ୍ମ ନିର୍ଦ୍ଦେଶକ ଡା.ଦିଲ୍ଲୀପ କୁମାର ସାହୁ । ଆଜିକାଲି ମଣିଷ ର ବ୍ୟସ୍ତ ବହୁଳ ଦିନଚର୍ଯ୍ୟା ଭିତରେ ବିଭିନ୍ନ ପ୍ରକାର ଜଙ୍କଫୁଡ ସହିତ ବିଭିନ୍ନ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ଅନେକ ପ୍ରକାର ରୋଗ ସୃଷ୍ଟି ହେଉଛି । ଏଥିରେ ଏକ ଗୁରୁତର ରୋଗ ଭାବରେ ଅସ୍ଥି ର ରୋଗ ସୃଷ୍ଟି ହେବା ସହିତ ହାଡ଼ ଦୁର୍ବଳ ହୋଇ ହାଡରେ କଣା ସୃଷ୍ଟି ହେଉଛି । ଯାହା ଫଳରେ ବୟସ ବଢିବା ସହିତ ହାଡ଼ ରେ କୌଣସି ଆଘାତ ସୃଷ୍ଟି ହେଲେ ଏହା ଗୁରୁତର ସମସ୍ୟା ସୃଷ୍ଟି ହେଉଛି । ଯାହାକୁ ନେଇ ଅତ୍ୟାଧୁନିକ ଜ୍ଞାନ କୌଶଳ ର ଚିକିତ୍ସା ଯାହା ବିଭିନ୍ନ ମେଡିକାଲରେ ବ୍ୟୟବହୁଳ ହେଉଥିବା ବେଳେ ପାରାଦୀପ ଇଏସଆଇ ହସ୍ପିଟାଲ ତରଫରୁ ସମ୍ପୂର୍ଣ୍ଣ ନିଃଶୁଳ୍କ ସେବା ଯୋଗାଇବା ସହିତ ପାରାଦୀପ ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ଓ ତାଙ୍କ ପରିବାର ର ସଦସ୍ୟ ମାନଙ୍କୁ ଏହି ଟେଷ୍ଟ କରାଯିବା ସହିତ ଆବଶ୍ୟକ ପରିମାଣ ରେ ମେଡ଼ିସିନ ଯୋଗାଇ ଦିଆଯାଉଛି । ସ୍ଥାନୀୟ ବିଧାୟକ ଭାବରେ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶିଳ୍ପମନ୍ତ୍ରୀ ହେବାପରେ ପାରାଦୀପ ଇଏସଆଇ ରେ ଚିକିତ୍ସା ସେବା ଉନ୍ନତ ମାନର ହୋଇଛି । ଶିଳ୍ପମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଆଗାମୀ ଦିନରେ ପାରାଦୀପରେ ଏକ ଅତ୍ୟାଧୁନିକ ଇଏସଆଇ ହସ୍ପିଟାଲ ନିର୍ମାଣ ହେବାକୁ ଯାଉଛି । ଯାହାଦ୍ୱାରା କୌଣସି ଗୁରୁତର ରୋଗ ପାଇଁ କଟକ ଯାଉଥିବା ଶ୍ରମିକମାନଙ୍କୁ ପାରାଦୀପ ରେ ବିଭିନ୍ନ ବିଭାଗ ର ବିଶେଷଜ୍ଞ ଡାକ୍ତର ଓ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଉନ୍ନତମାନର ଚିକିତ୍ସା ପାଇପାରିବେ ବୋଲି କହିଛନ୍ତି ପାରାଦୀପ ଇଏସଆଇ ହସ୍ପିଟାଲ ର ଯୁଗ୍ମ ନିର୍ଦ୍ଦେଶକ ଡା.ଦିଲ୍ଲୀପ କୁମାର ସାହୁ ।




## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

# ସୁଟ୍‌ଆଉଟ୍‌ରେ ଇଂଲଣ୍ଡଠୁ ହାରିଲା ଭାରତ



**ଲଣ୍ଡନ (ଏଜେନ୍ସି) :** ଚଳିତ ଏଫ୍ ଆଇଏଚ୍ ପ୍ରୋ-ଲିଗ୍‌ର ଲଣ୍ଡନ ଲେଗ୍ ରେ ପାକିସ୍ତାନକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଗତ ଶୁକ୍ରବାର ଦିନ ଘରୋଇ ଦଳ ଇଂଲଣ୍ଡଠୁ ହାରି ଯାଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ୨-୨ ଗୋଲ୍‌ରେ ଶେଷ ହୋଇଥିଲା। ଫଳରେ ମ୍ୟାଚ୍ ସୁଟ୍ ଆଉଟ୍‌କୁ ଯାଇଥିଲା। ଏଥିରେ ଭାରତ ୧-୪ରେ ପଛରେ ପଡ଼ି ପରାଜୟ ବରଣ କରି ୧ ପଏଣ୍ଟରେ ସନ୍ତୁଷ୍ଟ ରହିଛି।

ମ୍ୟାଚ୍‌ର ଦଶମ ମିନିଟ୍‌ରେ ଦିଲ୍ ପ୍ରୀତ ସିଂହଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ପାରମ୍ଭିକ ଅଗ୍ରଣୀ ନେଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଡେଭିଡ୍ ଗୁଡଫିଲ୍ଡ (୨୯ ମିନିଟ୍)ଙ୍କ ଗୋଲ୍ ରେ ଇଂଲଣ୍ଡ ମ୍ୟାଚ୍ କୁ ସମାନ ସ୍ତରକୁ ଆଣିଥିଲା। ତୃତୀୟ କ୍ୱାର୍ଟର ଗୋଲ୍ ଶୂନ୍ୟରେ ଶେଷ ହୋଇଥିଲା। ହେଲେ ଅନ୍ତିମ ତଥା ଚତୁର୍ଥ କ୍ୱର୍ଟର ଶେଷ ୪ ମିନିଟ୍ ମ୍ୟାଚ୍‌ରେ ରୋମାଞ୍ଚ ଭରିଥିଲା। ୫୬ତମ ମିନିଟ୍‌ରେ ଇଂଲଣ୍ଡକୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ନିକୋଲାସ ବନ୍ ଦୁରାକ ଗୋଲ୍ ରେ ପରିଣତ କରି ଘରୋଇ ଦଳକୁ ଆଗୁଆ କରିଥିଲେ। ହେଲେ ଏହାର ଦୁଇ ମିନିଟ୍ ପରେ ଦିଲପ୍ରୀତ ସିଂହ (୫୮ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ବ୍ୟକ୍ତିଗତ ଯୁଗଳ ସଫଳତା ପାଇବା ସହ ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲେ। ସୁଟ୍ ଆଉଟ୍‌ରେ ଭାରତର କେବଳ ଅଧିନାୟକ ହର୍ମନପ୍ରୀତ ସିଂହ ଗୋଲ୍ କରିବାରେ ସଫଳ ହୋଇଥିଲେ।



## ଚକିତ କଲା ତୁର୍କିଏ

# ଆମେରିକା ୩-୨ ଗୋଲ୍‌ରେ ପରାସ୍ତ

**ଲସ୍ ଏଞ୍ଜେଲ୍‌ସ (ଏଜେନ୍ସି) :** ପୂର୍ବରୁ ୨ ଗ୍ରୁପ୍ ମ୍ୟାଚ୍ ଜିତି ନକ୍ ଆଉଟ୍ ସ୍ଥାନ ପକ୍କା କରି ସାରିଥିବା ସହଆୟୋଜକ ଆମେରିକାକୁ ହରାଇ ଚକିତ କରିଛି ତୁର୍କିଏ। ଶୁକ୍ରବାର ଗ୍ରୁପ୍ -ଡି'ର ଏକ ମ୍ୟାଚ୍‌ରେ ଏହି ଦଳ ୩-୨ ଗୋଲ୍‌ରେ ଆମେରିକାକୁ ପରାସ୍ତ କରିଛି। ଏକଦା ୨-୨ ଗୋଲ୍‌ରେ ମ୍ୟାଚ୍ ଅମୀମାଂସିତ ଦିଗରେ ଗତି କରୁଥିଲାବେଳେ ଇନ୍‌ଜୁରି ସମୟରେ କାନ୍ ୟିହାନ୍ (୯୦+୮ ମିନିଟ୍)ଙ୍କ ଗୋଲ୍‌ରେ ତୁର୍କିଏ ବିଜୟ ବାନା ଉଡ଼ାଇଥିଲା। ହେଲେ ତୁର୍କିଏ ୩ ପଏଣ୍ଟ ସହ ଗ୍ରୁପ୍‌ର ଚତୁର୍ଥ ସ୍ଥାନରେ ରହି ନକ୍ ଆଉଟ୍ ପର୍ଯ୍ୟାୟରେ ପହଞ୍ଚିବାରେ ବିଫଳ ହୋଇଥିଲା। ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ଅଷ୍ଟନ ଟ୍ରୁଷ୍ଟିଙ୍କ ଗୋଲ୍‌ରେ ଘରୋଇ ଦଳ ଅଗ୍ରଣୀ ନେଇଥିଲା। କିନ୍ତୁ ଏହାର ୭ ମିନିଟ୍ ପରେ ବାରିସ ଅଲପାର ୟିଲମାଜଙ୍କ ପାସ୍‌କୁ ଅର୍ଡା ଗୁଲର (୧୦ ମିନିଟ୍) ଗୋଲ୍‌ଟି ଶୁଝି ସ୍ଥିତି ସମାନ କରି ଦେଇଥିଲେ। ୩୧ ମିନିଟ୍‌ରେ ଓର୍କୁନ କକୁଙ୍କ ସହଯୋଗରେ ୟିଲମାଜ୍ ଗୋଲ୍ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ତୁର୍କିଏକୁ ୨-୧ରେ ଆଗୁଆ ରଖିଥିଲେ। ତେବେ ଦ୍ୱିତୀୟାର୍ଦ୍ଧର ଚତୁର୍ଥ ମିନିଟ୍‌ରେ ଆମେରିକାର ସେବସ୍ତିଆନ୍ ବେଲହାଲଟର୍ (୪୯ ମିନିଟ୍) ଗୋଲ୍ ଦେଇ ସ୍ଥିତି ସମାନ କରିଥିଲେ।

# ବୃନ୍ଦାବନ ଦଳର ଦ୍ୱିତୀୟ ବିଜୟ

## ଇନ୍ଦ୍ରେଶ ଜୀ ମହାରାଜଙ୍କ ଧୂଆଁଦାର ବ୍ୟାଟିଂ, ୪୧ବଲରେ ୭୬ ରନ



**କଟକ(ଏନ୍.ଏମ୍.) :** କଟକ ବାରବାଟୀ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ୧୨ଓଭର ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ବୃନ୍ଦାବନ ଦଳ ପୁନର୍ବାର ବିଜୟଲାଭ କରିଛି। ପ୍ରାରମ୍ଭରେ କଟକ ଦଳ ଟସ୍ ଜିତି ବୋଲିଂ କରିଥିବାବେଳେ ବୃନ୍ଦାବନ ଦଳର ଓପନର ଭାବେ ଇନ୍ଦ୍ରେଶ ଜୀ ମହାରାଜ ଓ ଧର୍ମେନ୍ଦ୍ର ଶର୍ମା ବ୍ୟାଟିଂ ଆରମ୍ଭ କରିଥିଲେ। ଇନ୍ଦ୍ରେଶ ଜୀ ମହାରାଜ ଧୂଆଁଧାର ବ୍ୟାଟିଂ କରି ମାତ୍ର ୪୧ଟି ବଲରେ ୮ଟି ଛକା ଓ ୬ଟି ଚୌକା ବିନିମୟରେ ବ୍ୟକ୍ତିଗତ ଭାବେ ୭୬ ରନ ସଂଗ୍ରହ କରିବା ସହିତ ୬ଟି ୱିକେଟ୍ ବିନିମୟରେ ୧୩୫ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ସାୟନ୍ ଶର୍ମାଙ୍କ ଅଧିନାୟକତ୍ୱରେ କଟକ ଦଳ ୮ୱିକେଟ୍ ହରାଇ ୧୨୨ରନ କରିଥିଲେ। କଟକ ଯୁବ ବ୍ୟାଟ୍ସମ୍ୟାନ୍ ରାହୁଲ୍ ଗୁପ୍ତା ମାତ୍ର ୩୦ଟି ବଲର ସାମ୍ନା କରି ବ୍ୟକ୍ତିଗତ ଭାବେ ୬୦ରନ ସଂଗହ କରିଥିଲେ। ଆୟୋଜିତ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ବିତରଣ ସଭାରେ ପୁରସ୍କାର ସଂଗ୍ରହ କରି ଇନ୍ଦ୍ରେଶ ଜୀ ଶ୍ରୀଜଗନ୍ନାଥଙ୍କୁ ଏହି ବିଜୟ ସମର୍ପଣ କରିଥିଲେ। ଏହି ବିଜୟ ମହାପ୍ରଭୁ ଜଗନ୍ନାଥଙ୍କର ବିଜୟ ବୋଲି ଅଭିହିତ କରି ସେ କଟକ ଦଳର ଚମତ୍କାର ଫିଲ୍ଡିଂ ଓ ସମନ୍ୱୟ ରକ୍ଷାର ପ୍ରଂଶସା କରିଥିଲେ। ଗୁପ୍ତା ପରିବାର ଓ ଏସଜିବିଏଲ୍ ପକ୍ଷରୁ ଆୟୋଜିତ ଏହି ମ୍ୟାଚକୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଲୋକ ଉପଭୋଗ କରିଥିଲେ।

## ବୈଭବଙ୍କ ସାନଭାଇ ଆଶୀର୍ବାଦଙ୍କ ଆତଙ୍କ

# ୧୧୯ ବଲ୍‌ରୁ ୧୬୮ ରନ୍

**ନୂଆଦିଲ୍ଲୀ (ଏନ୍.ଏମ୍.):** ଏବେ କ୍ରିକେଟ୍ ସୂର୍ଯ୍ୟବଂଶୀ ପରିବାରରେ ରକ୍ତରେ ଭରି ହୋଇରହିଛି। ଏହି ପରିବାରର ବଡ଼ ପୁଅ ତଥା ୧୫ ବର୍ଷୀୟ ବୈଭବ ଘରୋଇ, କନିଷ୍ଠ କ୍ରିକେଟ୍ ସହ ଆଇପିଏଲ୍ ରେ ଚମକ ଛାଡ଼ିବା ପରେ ଭାରତୀୟ ଏ' ଓ ବରିଷ୍ଠ ଦଳରେ ସ୍ଥାନ ପାଇଛନ୍ତି। ଏବେ ତାଙ୍କ ସାନ ଭାଇ ୧୦ବର୍ଷୀୟ ଆଶୀର୍ବାଦ ବ୍ୟାଟ୍‌ରେ ନିଜର ଚମକ ଦେଖାଇଛନ୍ତି। ୬ ମାସ ତଳେ କ୍ରିକେଟ୍ ଖେଳିବା ଆରମ୍ଭ କରିଥିବା ଆଶୀର୍ବାଦ ଏକ ଅଭ୍ୟାସ୍ ମ୍ୟାଚ୍‌ରେ ରିଷଭ ଏକାଦଶ ପକ୍ଷରୁ ଖେଳିଥିଲେ। ଏହି ମ୍ୟାଚ୍‌ରେ ସେ ୧୯ ଚୌକା, ୬ ଛକା ସହ ୧୪୧.୧୮ ଷ୍ଟ୍ରାଇକ୍ ରେଟ୍‌ରେ ୧୧୯ ବଲ୍ ରୁ ୧୬୮ରନ୍ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



କ୍ରିକେଟ୍ ଏକାଡେମି ତାଜପୁର ପକ୍ଷରୁ ନିଜର ପଦାର୍ପଣ ମ୍ୟାଚ୍‌ରେ ସେ ୮୭ ବଲ୍‌ରୁ ୧୦୩ ରନ୍ କରିଥିଲେ। ଏଥିରେ ୨୦ ଚୌକା ଓ ଗୋଟିଏ ଛକା ରହିଥିଲା। ବଡ଼ ଭାଇ ବୈଭବ ଭାରତୀୟ ଟ୍ୱେଣ୍ଟି-୨୦ ଦଳ ସହ ଆୟର୍ଲାଣ୍ଡ ଗସ୍ତ କରିବାକୁ ଯାଉଥିଲା ବେଳେ ସାନଭାଇ ଆଶୀର୍ବାଦ ଲଗାତାର ୨ଶତକ ମାରିବା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ବଢ଼ାଇଛି। ଦୁଇ ଭାଇଙ୍କ କ୍ରିକେଟ୍ ଖେଳିବା ଶୈଳୀ ଅଲଗା ଅଲଗା ରହିଛି। ହେଲେ ଉଭୟ ଅଲ୍ ରାଉଣ୍ଡର। ବୈଭବ ବାମହାତୀ ବ୍ୟାଟର୍ ଏବଂ ସ୍ପିନ୍ ବୋଲର ହୋଇଥିବା ବେଳେ ଆଶୀର୍ବାଦ ଡାହାଣହାତୀ ବ୍ୟାଟିଂ କରିବା ସହ ମିଡିୟମ୍ ପେସ୍ ବୋଲିଂ କରନ୍ତି।

## ୱିମ୍ବଲଡନ୍‌ରେ ଓସାକାଙ୍କ 'କିଲ୍ ବିଲ୍' ଚର୍ଚ୍ଚା



**ଲଣ୍ଡନ୍ (ଏଜେନ୍ସି) :** ୱିମ୍ବଲଡନ୍ ଗ୍ରାଣ୍ଡ୍ ସ୍ଲାମ ଟେନିସ୍ ପ୍ରତିଯୋଗିତା ଆରମ୍ଭରୁ ପୂର୍ବତନ ଏକ ନମ୍ବରଜାପାନୀ ଖେଳାଳିନାଓମି ଓସାକାଙ୍କ ନିଆରା ପୋଷାକକୁ ନେଇ ଚର୍ଚ୍ଚା ଚାଲିଛି। ୪ଥର ଗ୍ରାଣ୍ଡ୍ ସ୍ଲାମ ଟ୍ରଫି ଜିତିଥିବା ଓସାକା ପ୍ରଥମ ଦିବସରେ ଜାପାନୀ ଅନୁପ୍ରେରିତ ପୋଷାକ 'କିଲ୍ ବିଲ୍' କିମାନୋ ପରିଧାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜାପାନର ପାରମ୍ପରିକ ଜାତୀୟ ପୋଷାକ (କିଲ୍ ବିଲ୍) ପରିଧାନ କରି କୋର୍ଟ-୩ରେ ଚାଲିଯାଉଥିବା ଫଟୋ ଏବେ ଖୁବ୍ ଭାଇରାଲ୍ ହୋଇଛି। ୱିମ୍ବଲଡନ୍ରେ ସମ୍ପୂର୍ଣ୍ଣ ଧଳା ପୋଷାକ ପରିଧାନ କରି ଖେଳିବାକୁ ନିୟମ ରହିଛି। ଏହା ତାଙ୍କୁ ଅନୁପ୍ରାଣିତ କରିଥିବା ଓସାକା ପ୍ରକାଶ କରିଛନ୍ତି। ଧଳା ପୋଷାକରେ ଶରୀରକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରି ସେ ଚୁଟିରେ ଧଳା ଅଳଙ୍କାର 'କାନଜାସୀ' ବି ଲଗାଇଥିଲେ। ଏହା ପରେ ସେ ନାଇକୀ ପୋଷାକ ପରିଧାନ କରି ଖେଳିଥିଲେ। ଏହି 'କିଲ୍ ବିଲ୍' ପୋଷାକକୁ ଟୋକିଓ ଡିଜାଇନର୍ ହାନା ୟାଗି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଜାପାନୀ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେ ଏଭଳି କରିଥିବା ବିଶ୍ୱାସ କରାଯାଉଛି। 'ଜାପାନ ପ୍ରତି ଥିବା ଭଲପାଇବା ଓ ସମ୍ମାନ ପାଇଁ ଏଭଳି କରିଛି' ବୋଲି ସେ ସ୍ୱୀକାର ବି କରିଛନ୍ତି। ୱିମ୍ବଲଡନ୍ରେ କେବେ ତୃତୀୟ ରାଉଣ୍ଡ୍ ଅତିକ୍ରମ କରିନଥିବା ୨୮ ବର୍ଷୀୟା ଓସାକା ୨ ଥର ଲେଖାଏଁ ଅଷ୍ଟ୍ରେଲିଆନ୍ ଓପନ୍ (୨୦୧୯, ୨୦୨୧) ଏବଂ ୟୁଏସ୍ ଓପନ୍ (୨୦୧୮, ୨୦୨୦) ଟ୍ରଫି ଜିତିଥିଲେ। ପୋଷାକ ପାଇଁ ଚର୍ଚ୍ଚାକୁ ଆସିବା ଓସାକାଙ୍କ ପାଇଁ ନୂଆ ନୁହେଁ। ଗତ ଜାନୁଆରିରେ ଏହି ପୂର୍ବତନ ଏକ ନମ୍ବର ଖେଳାଳି ଅଷ୍ଟ୍ରେଲିଆନ୍ ଓପନ୍ରେ ଜେଲିଫିସ୍ ଷ୍ଟାଇଲ୍ ଏବଂ ଫ୍ରେଞ୍ଚ୍ ଓପନ୍ରେ ହଳଦିଆ ରଙ୍ଗ ବ୍ରାଉନ୍ ଓ ସୁନାରି ପୋଷାକ ପରିଧାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଏସୀୟ କ୍ରୀଡ଼ା ପାଇଁ ହର୍ମନପ୍ରୀତ୍ ଅଧିନାୟିକା ରହିଲେ

**ନୂଆଦିଲ୍ଲୀ(ଏଜେନ୍ସି) :** ଆଇସିସି ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପରେ ଭାରତୀୟ ଦଳ ସେମିଫାଇନାଲ୍ ଯୋଗ୍ୟତା ଅର୍ଜନରେ ବିଫଳ ହେବା ସତ୍ତ୍ୱେ ହର୍ମନପ୍ରୀତ୍ କୌର ତାଙ୍କ ନେତୃତ୍ୱ ବଜାୟ ରଖିଛନ୍ତି। ଜାପାନରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏସୀୟ କ୍ରୀଡ଼ାର କ୍ରିକେଟ୍ ଇଭେଣ୍ଟ୍ ଲାଗି ହର୍ମନପ୍ରୀତ୍‌ଙ୍କୁ ଭାରତୀୟ ମହିଳା ଦଳର ନେତୃତ୍ୱ ଭାର ଦିଆଯାଇଛି। ଭାରତୀୟ ଦଳ ମଧ୍ୟ ଗତ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ୧୫ ଜଣିଆ ଦଳରେ ସ୍ମୃତି ମନ୍ଧାନାଙ୍କୁ ଉପ ଅଧିନାୟିକା ନିଯୁକ୍ତ କରାଯାଇଛି। ୱିକେଟରକ୍ଷକ ବ୍ୟାଟର୍ ୟାସ୍ତିକା ଭାଟିଆଙ୍କୁ ବାଦ ଦିଆଯାଇଥିବାବେଳେ ଜି.କମଳିନୀଙ୍କୁ ସାମିଲ କରାଯାଇଛି।

ଆହତ କାରଣରୁ ଶ୍ରେୟଙ୍କା ପାଟିଲଙ୍କୁ ଫିଟନେସ୍ ସର୍ତ୍ତରେ ସାମିଲ କରାଯାଇଛି। ୩୭ ବର୍ଷୀୟା ହର୍ମନପ୍ରୀତ୍‌ଙ୍କ ଦଳ ଗତବର୍ଷ ଦିନିକିଆ ବିଶ୍ୱକପ୍ ଜିତିଥିଲେ ମଧ୍ୟ ଇଂଲଣ୍ଡରେ ଚାଲିଥିବା ଟ୍ୱେଣ୍ଟି-୨୦ ବିଶ୍ୱକପରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେବାରୁ କଡ଼ା ସମାଲୋଚିତ ହୋଇଛନ୍ତି। ଭାରତୀୟ ଦଳ ପାକିସ୍ତାନ, ବାଂଲାଦେଶ, ନେଦରଲାଣ୍ଡ୍ସ ବିପକ୍ଷରେ ଜିତିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଠାରୁ ହାରି ବିଦାୟ ନେଇଥିଲା। ବିଶ୍ୱକପ୍ ବିଫଳତା ସତ୍ତ୍ୱେ ଭାରତୀୟ ମହିଳା ଓ ପୁରୁଷ ଦଳ ୨୦୨୮ ଏସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏସୀୟ କ୍ରୀଡ଼ା ପାଇଁ ଭାରତୀୟ **ମହିଳା କ୍ରିକେଟ୍ ଦଳ :** ହର୍ମନପ୍ରୀତ୍ କୌର୍ (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟକିପର), ଜି.କମଳିନୀ (ୱିକେଟକିପର), ଭାରତୀ ଫୁଲମାଲି, ଶ୍ରୀ ଚାରଣୀ, ରେଣୁକା ସିଂହ ଠାକୁର, କ୍ରାନ୍ତୀ ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟଙ୍କା ପାଟିଲ, ରାଧା ଯାଦବ, ନନ୍ଦାନୀ ଶର୍ମା।




# ଇଂଲଣ୍ଡ ଗସ୍ତରେ ବୈଭବ ସୂର୍ଯ୍ୟବଂଶୀ

## ବ୍ୟବହାର କରିବେ ଅଲଗା ଚେଞ୍ଜିଂ ରୁମ୍




**ମୁମ୍ବାଇ(ଏଜେନ୍ସି) :** ଭାରତୀୟ କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ଅଲଗା ଚେଞ୍ଜିଂ ରୁମ୍ ବ୍ୟବହାର କରିବେ। ସାଧାରଣ ସମୟରେ ଭାରତୀୟ ଦଳ ପାଇଁ ଉଦ୍ଦିଷ୍ଟ ଡ୍ରେସିଂ ରୁମ୍‌ରେ ବସିବା, ରହିବା ଓ ବୈଠକରେ ଯୋଗଦେବାର ସୁଯୋଗ ଲାଭ କଲେ ମଧ୍ୟ ପୋଷାକ ଅଦଳ ବଦଳ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅଲଗା ରୁମ୍ ବ୍ୟବହାର କରିବେ। ୧୫ ବର୍ଷୀୟ ବୈଭବଙ୍କ ବାଳୁତ ବୟସକୁ ଆଖି ଆଗରେ ରଖି ଆୟର୍ଲାଣ୍ଡ ଓ ଇଂଲଣ୍ଡ କ୍ରିକେଟ୍ ବୋର୍ଡ ତାଙ୍କ ପାଇଁ ଏଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରିବେ। ବ୍ରିଟିସ୍ ଗଣମାଧ୍ୟମ ଦ ଗାର୍ଡିଅନ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ (ଆଇସିସି) ଏବଂ ଇଂଲଣ୍ଡ ଓ ୱେଲ୍‌ସ କ୍ରିକେଟ୍ ବୋର୍ଡ (ଇସିବି)ର ସୁରକ୍ଷା ନୀତି ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଖେଳାଳିମାନେ ବୟସ୍କ ଖେଳାଳିଙ୍କ ସହ ସମାନ ଚେଞ୍ଜିଂ ରୁମ୍ ବ୍ୟବହାର କରିପାରିବେ ନାହିଁ।

# ଡେମ୍ବେଲଙ୍କୁ ଓଡ଼ିଆରେ ପ୍ରଶଂସା କଲା ଫିଫା

**ଭୁବନେଶ୍ୱର(ଏନ୍.ଏମ୍.) :** ଚଳିତ ଫିଫା ଫୁଟ୍‌ବଲ୍ ବିଶ୍ୱକପରେ ଗତ ଶୁକ୍ରବାର ଖେଳାଯାଇଥିବା ନରୱେ ବିପକ୍ଷ ମ୍ୟାଚ୍ରେ ଫ୍ରାନ୍ସର ଅଗ୍ରଭାଗ ଖେଳାଳି ମାସେ ?ର ଓସ୍ମାନେ ଡେମ୍ବେଲ ୨୫ ମିନିଟ୍ ଭିତରେ ତିନିଟି ଗୋଲ୍ ଦେଇ ଇତିହାସ ରଚିଥିଲେ। ଏହା ମଧ୍ୟ ବିଶ୍ୱକପ୍ରେ ୨୯ ବର୍ଷୀୟ ଡେମ୍ବେଲଙ୍କର ପ୍ରଥମ ହ୍ୟାଟ୍ରିକ୍। ପ୍ରଥମ ଗୋଲ୍ ସପ୍ତମ ମିନିଟ୍ରେ ଦେବା ପରେ ଦ୍ୱିତୀୟ ଗୋଲ୍ ୨୦ ମିନିଟ୍ ଏବଂ ତୃତୀୟଟି ୩୨ ମିନିଟ୍ରେ ଦେଇଥିଲେ ସେ। ତାଙ୍କର ଏହି ଦମଦାର ପ୍ରଦର୍ଶନ ବଳରେ ଫ୍ରାନ୍ସ ୪-୧ ଗୋଲ୍ରେ ନରୱେକୁ ହରାଇ ଗ୍ରୁପ୍-ଆଇ ଟପ୍ପର ହେବା ସହ ହ୍ୟାଟ୍ରିକ୍ ବିଜୟ ମଧ୍ୟ ପାଇଥିଲା। ଏହି ଅବିସ୍ମରଣୀୟ ଗୋଲ୍ ବର୍ଷା ପରେ ଫିଫା ଓଡ଼ିଆରେ ଡେମ୍ବେଲଙ୍କୁ ପ୍ରଶଂସା କରି ତାଙ୍କୁ 'ଯାଦୁକର' ଆଖ୍ୟା ଦେଇଛି। ଫିଫାର ଇନ୍‌ଷ୍ଟା ପୃଷ୍ଠାରେ ଡେମ୍ବେଲଙ୍କ ଏକ ଆକ୍ସନ ଫଟୋ ସହ ଓଡ଼ିଆରେ ଏଭଳି ଲେଖାଯାଇଛି। ଫଟୋ ସହ ଫିଫାର ଏହି ଲେଖା ପଦାକୁ ଆସିବା ପରେ ଭାଇରାଲ୍ ହୋଇଛି। ଦେଶ ବିଦେଶରେ ଥିବା ଓଡ଼ିଆମାନେ ଫିଫାର ଏଭଳି ପଦକ୍ଷେପକୁ ପ୍ରଶଂସା କରୁଛନ୍ତି। ଅନେକ ଏହାକୁ ଲାଇକ୍ ଓ ସେୟାର ମଧ୍ୟ କରୁଛନ୍ତି। ଭାରତ କେବେବି ବିଶ୍ୱକପ୍ରେ ଖେଳି ନଥିଲା ବେଳେ ଓଡ଼ିଶା ମଧ୍ୟ ପାରମ୍ପରିକ ଭାବେ ଫୁଟବଲ ଏକ ବଡ଼ ଶକ୍ତି ନୁହେଁ। ତଥାପି ଫିଫା ଓଡ଼ିଆ ଭାଷାରେ ଡେମ୍ବେଲଙ୍କୁ ନିଆରା ଢଙ୍ଗରେ ପ୍ରଶଂସା କରିଥିବାରୁ ବହୁତ ଗର୍ବ ଲାଗୁଛି ବୋଲି ଜଣେ ଓଡ଼ିଆ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହା ବିଶ୍ୱ ଦୃଶ୍ୟପଟରେ ଓଡ଼ିଶା ଓ ଓଡ଼ିଆ ଭାଷାକୁ ଆହୁରି ଲୋକପ୍ରିୟ କରିବ ବୋଲି ଅନେକ ଇନ୍‌ଷ୍ଟା ବ୍ୟବହାରକାରୀ ମତ ରଖିଛନ୍ତି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ